
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଅକ୍ଟୋବର ୧୧/୨୦୨୧ (୮+୮=୧୬ ପୃଷ୍ଠା) Dhenkanal, Monday, October 11/2021 ★★★★★

୧୭ଶ ଭାଗ ୨୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





KP GROUP
Quality Since 1965

# Safal

PAN MASALA

## କିଛି ଅତୁଲ୍ୟ ସ୍ୱାଦ!
## ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।

କରୋନା ମହାମାରୀରୁ ବଞ୍ଚନ୍ତୁ ।

**ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।**

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI



# ବ୍ଲାକ୍ ଆଉଟ୍ ଆଶଙ୍କା

**ଦେଶର ପ୍ରାୟ ୭୦% ବିଦ୍ୟୁତ୍ ଚାହିଦା କୋଇଲାରୁ ପୂରଣ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପାୱାର ପ୍ଲାଣ୍ଟଗୁଡ଼ିକ ସାଧାରଣତଃ ୧୫ରୁ ୩୦ ଦିନ ପାଇଁ କୋଇଲା ଗଚ୍ଛିତ ରଖିଥାଆନ୍ତି। କିନ୍ତୁ ବର୍ତ୍ତମାନ ସ୍ଥିତିରେ କୋଇଲା ଖଣିଗୁଡ଼ିକରେ ପାଣି ଜମିଯାଇଥିବାରୁ ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦେଶର ୧୩୫ ପାୱାର ପ୍ଲାଣ୍ଟରେ ମହଜୁଦ ଥିବା କୋଇଲା ଦିନେ କି ଦୁଇଦିନରେ ଶେଷ ହୋଇଯିବ। ଏଥିଯୋଗୁ ଆଗକୁ ଅନେକ ରାଜ୍ୟରେ ବିଦ୍ୟୁତ୍ ସଙ୍କଟ ଘନେଇବା ଆଶଙ୍କା କରାଯାଉଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସିଇଏ) ଏହି ବିଷୟ ସ୍ୱୀକାର କରିଥିବାବେଳେ କେନ୍ଦ୍ର ସରକାର ପର୍ଯ୍ୟାପ୍ତ କୋଇଲା ମହଜୁଦ ଥିବା କହୁଛନ୍ତି। କେନ୍ଦ୍ରର ଏହି ଦୃଢ଼ୋକ୍ତିକୁ ଦେଖି ବିରୋଧୀ କହିଲେଣି, କରୋନା ମହାମାରୀର ଦ୍ୱିତୀୟ ଲହରରେ ଅମ୍ଳଜାନ ସଙ୍କଟ ଯୋଗୁ ଲୋକେ ମରୁଥିବାବେଳେ ମଧ୍ୟ ପର୍ଯ୍ୟାପ୍ତ ଅକ୍ସିଜେନ ସିଲିଣ୍ଡର ମହଜୁଦ ଥିବା କେନ୍ଦ୍ର କହୁଥିଲା। ସାମ୍ପ୍ରତିକ ସ୍ଥିତିରେ କୋଇଲାକୁ ନେଇ କେନ୍ଦ୍ର କେତେ ସତ କହୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

## କୋଇଲା ଉତ୍ପାଦନ କମୁଛି, ଚାହିଦା ବଢ଼ୁଛି



**ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)**

୨୦୧୯ ଅଗଷ୍ଟ ଓ ସେପ୍ଟେମ୍ବର ତୁଳନାରେ ବିଗତ ୨ ମାସ ମଧ୍ୟରେ ଭାରତରେ ବିଦ୍ୟୁତ୍ ବ୍ୟବହାର ୧୭% ବୃଦ୍ଧି ପାଇଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ ରାଜ୍ୟଗୁଡ଼ିକ କୋଇଲା ଉପରେ ନିର୍ଭରଶୀଳ ହେଉଥିବାରୁ ଆଗକୁ ଅଚଳାବସ୍ଥା ଦେଖାଦେଇପାରେ। କାରଣ ଅଧିକାଂଶ ପାୱାର ଷ୍ଟେଶନରେ କୋଇଲା ଶେଷ ହୋଇଯାଇଥିବାବେଳେ ଅନ୍ୟ କେତେକ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ପାଖରେ ଗଚ୍ଛିତ ଥିବା କୋଇଲା ଦିନେ କି ଦୁଇଦିନ ଯିବ ବୋଲି ଜଣାପଡ଼ିଛି। ବିଶେଷକରି ଗୁଜରାଟ, ପଞ୍ଜାବ, ରାଜସ୍ଥାନ, ଦିଲ୍ଲୀ ଓ ତାମିଲନାଡୁରେ ସ୍ଥିତି ଅତି ଖରାପ ଆଡ଼କୁ ଗତି କରିବାରେ ଲାଗିଛି। ଏପରି କି ଓଡ଼ିଶାର ଶିଳ୍ପ ଜଗତ ମଧ୍ୟ କୋଇଲା ସଙ୍କଟଜନିତ ଅସୁବିଧା ଭୋଗିପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଏସବୁ ଭିତରେ କେନ୍ଦ୍ର ସରକାର କୋଇଲାକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଥିବା କହି ଆଦୌ ଚିନ୍ତିତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।

ମୌସୁମୀ ସମୟରେ ବର୍ଷା ଓ ବନ୍ୟା ଯୋଗୁ କୋଇଲା ଖଣିଗୁଡ଼ିକରେ ପାଣି ଜମିଯାଇଛି। ଏଥିଯୋଗୁ କୋଇଲା ଉତ୍ପାଦନ ହ୍ରାସ ପାଇଥିବାବେଳେ ଏହାର ଦାମ୍ ବଢ଼ିବାରେ ଲାଗିଛି। ଫଳରେ ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ବାଧ୍ୟ ହୋଇ ଚଢ଼ାଦରରେ କୋଇଲା କିଣୁଛନ୍ତି ଓ ସେମାନଙ୍କ ଉତ୍ପାଦନ କ୍ଷମତାକୁ ଅଧାରେ ସୀମିତି କରିଦେଇଛନ୍ତି। ଏସବୁ ଭିତରେ ଆର୍ଥିକ ଗତିବିଧି ପାଇଁ କଳାହୀରାର ଚାହିଦା ବଢ଼ିବାରେ ଲାଗିଥିବାରୁ ଦେଶରେ କୋଇଲାକୁ ନେଇ ବଡ଼ଧରଣର ସଙ୍କଟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ସବୁଠି ଅନୁଭୂତ ହେଲାଣି। ବହୁ ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଲାଣି। ଏହାକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ସହ ଗୁଜରାଟ, ପଞ୍ଜାବ, ରାଜସ୍ଥାନ ଓ ତାମିଲନାଡୁ ସମେତ ଅନେକ ରାଜ୍ୟରେ ସମ୍ପୂର୍ଣ୍ଣ ବ୍ଲାକ୍ ଆଉଟ୍ ହୋଇପାରେ। ଏଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ପାୱାର ପ୍ଲାଣ୍ଟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କୋଇଲା ଯୋଗାଣ କରା ନ ଗଲେ ଆସନ୍ତା ଦିନେ କି ଦୁଇଦିନ ଭିତରେ ଜାତୀୟ ରାଜଧାନୀରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇପାରେ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ପଞ୍ଜାବ ସରକାର ମଧ୍ୟ ରାଜ୍ୟର ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକରେ କୋଇଲା ନ ଥିବାରୁ ଅନେକ ସ୍ଥାନରେ ରୋଟେଶନ ଭିତ୍ତିରେ ଲୋଡ୍ ଶେଡିଂ ଆରମ୍ଭ କରିଛନ୍ତି। ଗଚ୍ଛିତ ଥିବା କୋଇଲା ୫ ଦିନ ଭିତରେ ଶେଷ ହୋଇଯିବ ବୋଲି ପଞ୍ଜାବ ଷ୍ଟେଟ୍ ପାୱାର କର୍ପୋରେଶନ ଲିମିଟେଡ୍‌ର ଜଣେ ଅଧିକାରୀ କହିଛନ୍ତି। ତେବେ ଅନ୍ତର୍ଜାତୀୟ ବଜାରରେ କୋଇଲା ଦର ବୃଦ୍ଧି ପାଇଥିବାରୁ ପର୍ଯ୍ୟାପ୍ତ କୋଇଲା ଉପଲବ୍ଧ ହେଉନାହିଁ ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି। କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂ କହିଛନ୍ତି, କୋଇଲା ଅଭାବ ଥିବା ନେଇ ଅନାବଶ୍ୟକ ଭାବେ ଲୋକଙ୍କୁ ଭୟଭୀତ କରାଯାଉଛି। ଗେଲ୍ ଓ ଟାଟା ମଧ୍ୟରେ ଭୁଲ୍ ଯୋଗାଯୋଗ ଯୋଗୁ ଏପରି ହୋଇଥିବା ସେ ପ୍ରକାଶ କରିଛନ୍ତି। ଶକ୍ତିମନ୍ତ୍ରୀଙ୍କ ମତରେ ଭାରତରେ ଆହୁରି ୪ ଦିନ ପାଇଁ କୋଇଲା ମହଜୁଦ ରହିଛି। କିନ୍ତୁ ବିଦ୍ୟୁତ୍ ଶକ୍ତି ପର୍ଯ୍ୟାପ୍ତ ରହିଛି। ☞ପୃଷ୍ଠା-୨

# ଲଖିମପୁର ହିଂସା: ଜେଲ ଗଲେ ଆଶିଷ ମିଶ୍ର

**ଲଖିମପୁର ଖେରି, ୧୦।୧୦(ପି.ଟି.)**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ଗତ ୩ ତାରିଖରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମାଡ଼ିଯାଇ ୪ ଜଣଙ୍କ ମୃତ୍ୟୁ ହେବା ଓ ତତ୍‌ପରବର୍ତ୍ତୀ ହିଂସାରେ ଆଉ ୪ ଜଣଙ୍କ ଜୀବନ ଯିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଶନିବାର ବିଳମ୍ବିତ ରାତିରେ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ଉତ୍ତରପ୍ରଦେଶ ପୋଲିସ କ୍ରାଇମ ବ୍ରାଞ୍ଚର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଆଶିଷଙ୍କୁ ପ୍ରାୟ ୧୨ ଘଣ୍ଟା ଜେରା କରିବା ପରେ ରାତି ୧୦ଟା ୫୦ରେ ଜିଲା ପୋଲିସ ତାଙ୍କୁ ଗିରଫ କରିଥିଲା। ବିଳମ୍ବିତ ରାତିରେ ତାଙ୍କୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ବରିଷ୍ଠ ପ୍ରସିକ୍ୟୁଟିଭ୍ ଅଫିସର ଏସ୍‌ପି ଯାଦବ କହିଛନ୍ତି। ପୋଲିସ ତାଙ୍କୁ ରିମାଣ୍ଡରେ ନେବା ଲାଗି ଆବେଦନ କରିଥିବାବେଳେ ଏହାର ଶୁଣାଣି ସୋମବାରକୁ ଧାର୍ଯ୍ୟ କରାଯାଇଛି।

ଆନ୍ଦୋଳନକାରୀଙ୍କ ଉପରେ ଗାଡ଼ି ମାଡ଼ିଯାଇ ୪ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଗୋଟିଏ ଗାଡ଼ିରେ ଆଶିଷ ଥିଲେ ବୋଲି ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ତାଙ୍କର ଗିରଫଦାରି ପାଇଁ ଚାଷୀ ନେତା ଓ ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ। ଉତ୍ୟକ୍ତ ଚାଷୀଙ୍କ ଆକ୍ରମଣରେ ୨ ଜଣ ଭାଜପା କର୍ମୀ, ଜଣେ ଡ୍ରାଇଭର ଓ ଜଣେ ସ୍ଥାନୀୟ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ତରପ୍ରଦେଶରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିଲା। ପୋଲିସ ପକ୍ଷରୁ ଦୁଇଥର ସମନ ଜାରି ପରେ ଶନିବାର ପୂର୍ବାହ୍ନରେ ଆଶିଷ ଲଖିମପୁର ଥାନାରେ ଜେରା ପାଇଁ ହାଜର ହୋଇଥିଲେ। ତେବେ ତାଙ୍କ ଉତ୍ତରରେ ତାଳମେଳ ନ ରହିବା ସହ ତଦନ୍ତରେ ସହଯୋଗ କରୁ ନ ଥିବା ଏସ୍‌ଆଇଟି ଅଧିକାରୀ କହିଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା।



ଆଶିଷ ମିଶ୍ରା


# ରାଜ୍ୟର ବଳକା ଚାଉଳ କେନ୍ଦ୍ର ଉଠାଉ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ରାଜ୍ୟର ବଳକା ଚାଉଳ ଉଠାଇବାକୁ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଅମଙ୍ଗ ହେଉଛି। ଏନେଇ ରାଜ୍ୟ ସରକାର ବିଭିନ୍ନ ସମୟରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି କି କେନ୍ଦ୍ର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ତାଙ୍କୁ ଭେଟି ନିକଟରେ ବିଜେଡି ଏମ୍‌ପିମାନେ ମଧ୍ୟ ଦାବି ଜଣାଇଥିଲେ। ଏହାସତ୍ତ୍ୱେ ଏଫସିଆଇ ରାଜ୍ୟର ବଳକା ଚାଉଳ ଉଠାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୨୦୨୧-୨୨ ଖରିଫ୍ ବିପଣନ ଋତୁ ପାଇଁ ଓଡ଼ିଶାରୁ ବଳକା ଉଷୁନା ଚାଉଳ ଉଠାଇବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବଳକା ଚାଉଳ ନ ଉଠାଇଲେ ରାଜ୍ୟର ଚାଷୀ ପ୍ରଭାବିତ ହେବେ। ୨୦୦୩-୦୪ ଖରିଫ୍ ବିପଣନ ଋତୁରେ ଓଡ଼ିଶା ଏକ ବିକେନ୍ଦ୍ରୀକରଣ କ୍ରୟ ରାଜ୍ୟ ହୋଇଥିଲା। ସେବେଠୁ ବିକେନ୍ଦ୍ରୀକରଣ ପଦ୍ଧତିରେ ଧାନ ସଂଗ୍ରହ ପାଇଁ ରାଜ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା କାର୍ଯ୍ୟକାରୀ କରିଆସୁଛି। ଏହି ବ୍ୟବସ୍ଥା ଧାନ ଚାଷୀଙ୍କ ପାଇଁ ଏମ୍‌ଏସ୍‌ପି ସହାୟତାରେ ଉନ୍ନତି ଆଣିପାରିଛି। ସଂଗୃହୀତ ଧାନରୁ ମିଲ୍ ହେଉଥିବା ଚାଉଳ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ଭାରତ ସରକାରଙ୍କ ଅନ୍ୟ କଲ୍ୟାଣକାରୀ ଯୋଜନା ପାଇଁ ବ୍ୟବହାର କରାଯାଉଛି। ଏହାସହ ବଳକା ଚାଉଳକୁ ଏଫ୍‌ସିଆଇକୁ ହସ୍ତାନ୍ତର କରାଯାଉଛି। ଖୁସିର କଥା ଯେ ୨୦୨୦-୨୧ ଖରିଫ୍ ଋତୁରେ ପାଖାପାଖି ୧୪ ଲକ୍ଷ ଚାଷୀ ୭୭.୩୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ (୫୨.୩୫ ମେଟ୍ରିକ୍ ଟନ୍ ଚାଉଳ ସହ ସମାନ) ରାଜ୍ୟ ସରକାରଙ୍କୁ ବିକିଛନ୍ତି। ଧାନ ବିକ୍ରି କରିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପ୍ରାୟ ୧୪ ହଜାର ୪୪୪ କୋଟି ଟଙ୍କାର ଏମ୍‌ଏସ୍‌ପି ପଠାଇ ଦିଆଯାଇଛି। ଏହାଦ୍ୱାରା କେବଳ ଚାଷୀ ଉପକୃତ ହୋଇନାହାନ୍ତି ବରଂ କୋଭିଡ୍-୧୯ ମହାମାରୀ କାଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ମଜଭୁତ ହୋଇଛି। ଦୁର୍ଗମ ଅଞ୍ଚଳରୁ ମଧ୍ୟ ଧାନ ସଂଗ୍ରହ ☞ପୃଷ୍ଠା-୨

## ପ୍ରଧାନମନ୍ତ୍ରୀଙ୍କ ସହାୟତା ଲୋଡ଼ିଲେ ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକ

# ପୁଣି ପେଟ୍ରୋଲ ୩୦, ଡିଜେଲ ୩୮ ପଇସା ବଢ଼ିଲା

**ଭୁବନେଶ୍ୱର/ ନୂଆଦିଲ୍ଲୀ,୧୦।୧୦**



କ୍ରମାଗତ ୬ଷ୍ଠ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ଡିଜେଲ ୩୮ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୧.୨୩ ଟଙ୍କା ଏବଂ ପେଟ୍ରୋଲ୧୦୫.୦୫ ଟଙ୍କାରେ ବିକ୍ରି ହେଉଛି। କିଛି ମାସର ବିରତି ପରେ ଗତ ୨୪ ସେପ୍ଟେମ୍ବରରୁ ତୈଳ ଦର ବଢ଼ିବା ଆରମ୍ଭ କରି ୧୧ଥରରେ ପେଟ୍ରୋଲ ୩.୦୧ ଟଙ୍କା ଏବଂ ୧୪ ଥରରେ ଡିଜେଲ ୪.୬୨ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ମତବ୍ୟକ୍ତ କରିଛନ୍ତି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୧.୫୭ ଟଙ୍କା ଓ ପେଟ୍ରୋଲ ୧୦୫.୪୦ ଟଙ୍କାରେ ପହଞ୍ଚିଛି। ରାଜ୍ୟର ମାଲକାନଗିରିରେ ସର୍ବାଧିକ ପେଟ୍ରୋଲ ଲିଟର ପିଛା ୧୧୦.୬୪ ଟଙ୍କା ଥିବାବେଳେ ଡିଜେଲ ୧୦୬.୬୪ ଟଙ୍କା ଏବଂ ସର୍ବନିମ୍ନ ମୂଲ୍ୟ ଜଗତ୍‌ସିଂହପୁରରେ ପେଟ୍ରୋଲ ୧୦୪.୫୭ ଟଙ୍କା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଗମ୍ଭୀର ହୋଇ ସମ୍ଭାଳ**

**ଆଜିର ମନ୍ତବ୍ୟ**

“ ଲଖିମପୁର ଖେରି ହିଂସା ମାମଲାରେ କେନ୍ଦ୍ରମନ୍ତ୍ରୀଙ୍କ ପୁଅଙ୍କୁ ସରକାର ସୁରକ୍ଷା ଦେବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ଭାଜପା ନେତା ଓ ସେମାନଙ୍କ କୋଟିପତି ବନ୍ଧୁମାନଙ୍କ ବ୍ୟତୀତ କେହି ସୁରକ୍ଷିତ ନୁହଁନ୍ତି। **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**




# ପାର୍ବଣ ଆରମ୍ଭରୁ ବଢ଼ିଲା ସଂକ୍ରମଣ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

## ୬୫୨ ଆକ୍ରାନ୍ତ, ୭ ମୃତ

- ଖୋର୍ଦ୍ଧାରେ ସଂକ୍ରମଣ ହାର ୨.୫%କୁ ବୃଦ୍ଧି
- ଆଜିଠୁ ଦ୍ୱୈତ ନଗରୀରେ ନାଇଟ୍ କର୍ଫ୍ୟୁ

ଯାହା ଆଶଙ୍କା କରାଯାଉଥିଲା, ସେୟା ବି ହେଲା। ପାର୍ବଣ ଆରମ୍ଭରୁ ରାଜ୍ୟରେ ସଂକ୍ରମଣ ପୁଣି ବଢ଼ିଲା। ଦୈନିକ ଆକ୍ରାନ୍ତ ସଂଖ୍ୟା ୬ଶହ ଟପିବା ସହ ସଂକ୍ରମଣ ହାର ବି ବୃଦ୍ଧି ପାଇଛି। କରୋନା ଗ୍ରାଫ୍ ହଠାତ୍ ଉପରମୁହାଁ ହୋଇଥିବାରୁ ଆଗାମୀ ସ୍ଥିତିକୁ ନେଇ ଛନକା ପଶିଛି। ଏଥିସହ ଏହି ମହାମାରୀ ସତର୍କ ଘଣ୍ଟି ବଜାଇଛି।



ପାର୍ବଣରେ ସତର୍କ ନ ରହିଲେ ସଂକ୍ରମଣ ବଢ଼ିବ ବୋଲି ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ ପାଇଁ ସ୍ୱାସ୍ଥ୍ୟ ବିଭାଗ ବି ବାରମ୍ବାର ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଲୋକଙ୍କ ବେପରୁଆ କାର୍ଯ୍ୟଧାରା ଓ କୋଭିଡ୍ କଟକଣା ଉଲ୍ଲଂଘନ ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆରମ୍ଭ କରିଛି। ଗତ କିଛିଦିନ ହେବ ଦୈନିକ ସଂକ୍ରମଣ ଟ୍ରେଣ୍ଡ୍ ୫ଶହ ଉପରେ ରହୁଥିଲା। ଶେଷ ୨୪ଘଣ୍ଟାରେ ରାଜ୍ୟରୁ ମୋଟ ୬୬,୬୪୩ ନମୁନା ପରୀକ୍ଷା କରାଯାଇଥିଲା। ଏଥିମଧ୍ୟରୁ ୬୫୨ ରିପୋର୍ଟ ପଜିଟିଭ୍ ଆସିଛି। ଦିନକରେ ୧୨୬ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ତେବେ ଜିଲାୱାରୀ ସଂକ୍ରମଣ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ବିଭାଗ କହୁଥିବାବେଳେ ପାର୍ବଣରେ ଅଯଥା ଭିଡ଼ ନ କରିବାକୁ ଓ କରୋନା ଗାଇଡ୍‌ଲାଇନ ଠିକ୍ ଭାବେ ଅନୁପାଳନ କରିବାକୁ ପରାମର୍ଶ ଦେଇଛି। ଆସନ୍ତା ୩ମାସ ଆମ ପାଇଁ ନିର୍ଣ୍ଣାୟକ ହୋଇଥିବାରୁ ଏଥିପାଇଁ ସତର୍କ ରହିବାକୁ ପଡ଼ିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ☞ପୃଷ୍ଠା-୨



+ Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. ^^ Ex-showroom price of XL100 Comfort Kick Start variant. ' Finance at the sole discretion of the financier. Schemes cannot be clubbed. T&C apply. *This is not a daily collection / repayment scheme and the EMI for the month will be ₹ 1 470/-. "Applicable under Low ROI scheme offered by IDFC First Bank. T&C apply. ¨ 5% or up to ₹ 5 000/- cashback valid on ICICI Bank Credit and Debit Card & RBL Bank Credit Card. T&C apply.
TVS 3 YEAR WARRANTY TVS CREDIT IDFC FIRST Bank ALWAYS YOU FIRST SHRIRAM City ICICI Bank RBL BANK
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph.: 8260250728. Authorised Dealers: Parjang:Ph:9777112004, Jiral:Ph:9437549916, Kamakyanagar: Ph:9437332936, Rasol: Ph:9437663780, Gondiya: Ph:9937118011, Bhuban: Ph:9937707823, Pallahara: Ph:9437663970 Banarpal: Ph:7008092305, Mahidharpur: Ph:8917382498, Khamar: Ph:6371396100.
dentsuindia/dha ang/05/21

## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୧୦।୧୦(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ। ଏଥିରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିପାରେ ବୋଲି ଜଣାପଡ଼ିଛି। ଭିଡିଓ କନଫରେନ୍ସ(ଭିସି) ଜରିଆରେ ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯେଉଁ ମନ୍ତ୍ରୀମାନେ ଚାହିଁବେ ନିଜ ଜିଲା ମୁଖ୍ୟାଳୟରୁ ଭିସି ଜରିଆରେ ଯୋଗ ଦେଇପାରିବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପରୀ
ପରିବାରବର୍ଗ



ପ୍ରଲିପ୍ତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶା ପଡ଼ିଲେ**
**ସୁନା ଧଇଲେ ଚୂନା ହୁଏ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗିଥାଏ। କପାଳ ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟିଯାଇଥାଏ। ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଉଳ ଉପରେ କୁଶ;**
**ମୁଁ ଖାଇନାହିଁ, ମୋ ପାଟି ଖାଇଛି**
**ନିୟମ କରିବା ଆସ।**

ନିଜେ ଖାଇବା ଯାହା ନିଜର ପାଟି ଖାଇବା ତାହା, ଏସବୁ ଏକା କଥା। ଏସବୁ ଧର୍ମକୁ ଆଖିଠାର ମାରିବା ଭଳି କଥା। ଧର୍ମକୁ ସାକ୍ଷୀ ରଖି ବା ଧର୍ମ ନାଁ ନେଇ ଅପକର୍ମ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଆନ୍ତଃ ରାଜ୍ୟ ଡକାୟତ ଦଳର ୩ଗିରଫ

ବଲାଙ୍ଗୀର ଅଫିସ, ୧୦।୧୦: ବଲାଙ୍ଗୀର ପୋଲିସ ଏକ ଆନ୍ତଃ ରାଜ୍ୟ ଡକାୟତ ଦଳର ମାଷ୍ଟରମାଇଣ୍ଡ ସମେତ ୩ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧ ଲକ୍ଷ ୯୧ ହଜାର ଟଙ୍କା, ୪୧ ଗ୍ରାମ ସୁନା ଗହଣା, ଗୋଟିଏ ଟାବ୍‌ଲେଟ୍, ୨ଟି ବାଇକ୍, ୬ଟି ମୋବାଇଲ ଫୋନ୍, ୧୦ଟି ସିମ୍‌କାର୍ଡ, ବିଭିନ୍ନ ନମ୍ବର ଲେଖାଥିବା ନମ୍ବର ପ୍ଲେଟ୍, ଡିକି ଭଙ୍ଗାରେ ବ୍ୟବହୃତ ଯନ୍ତ୍ରପାତି ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ସୋନପୁର ସ୍ପିନିଂ ମିଲ୍ ନିକଟ ଝୁପୁଡିପଡାର ଦୟାସାଗର ଛତ୍ରିଆ ଓରଫ୍ ମିନ୍ଟୁ, ସାରଥୀ ବାଗ ଏବଂ ଆସ୍କା ଡକାୟତ ଗ୍ୟାଙ୍ଗର କଳାଷଣ୍ଢପୁର ନିବାସୀ ଡି. ରାଜା ଓରଫ୍ ଦାସ ରାଜା। ସୋନପୁରର ଦୟାସାଗର ଛତ୍ରିଆଙ୍କୁ ମାଷ୍ଟରମାଇଣ୍ଡ କୁହାଯାଇଛି। ଅଭିଯୁକ୍ତ ଦୟାସାଗର ଓ ସାରଧି ରାଜେନ୍ଦ୍ର କଲେଜ ଛକ ନିକଟରେ ଏକ ଘରଭଡା ନେଇ ରହୁଥିବାବେଳେ ଆସ୍କା ଗ୍ୟାଙ୍ଗର ସଦସ୍ୟମାନେ ଖୁଜେନପାଲି ରାସ୍ତାକଡରେ ଏକ ଭଡାଘର ନେଇ ରହୁଥିଲେ। ବୈଷୟିକ ଏବଂ ଗୋଇନ୍ଦା ବିଭାଗ ସୂଚନା ମୁତାବକ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗଠନ କରାଯାଇଥିବା ସ୍ୱତନ୍ତ୍ର ପୋଲିସ ଟିମ୍ ଉପରୋକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସଦର ଏସ୍‌ଡିପିଓ ତୋଫାନ୍ ବାଗ ରବିବାର ସଦର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରପାଲି, ଉଲୁଣ୍ଡା, ଲୋଇସିଂହା, ପାଟଣାଗଡ, ଦେଓଗାଁ, କଣ୍ଟାବାଞ୍ଜି, ବିନିକା, ବେଲପଡା ଥାନାରେ ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଲୁଟେରାମାନେ ହାଇୱେ ଡକାୟତି କରୁଥିବା ପୋଲିସ ସୂଚନା ଦେଇଛି। ମାଷ୍ଟରମାଇଣ୍ଡ ଦୟାସାଗର ଚୋରି ଟଙ୍କାରେ ସୁନାଗହଣା କିଣି ତାଙ୍କ ପ୍ରେମିକାଙ୍କୁ ଦେଇଥିବା ଜଣାପଡିବା ପରେ ପୋଲିସ ତାଙ୍କ ପ୍ରେମିକାଙ୍କ ଘରକୁ ଯାଇ ସୁନା ଗହଣା ଜବତ୍ କରିଛି। ଦୟାସାଗର ଆସ୍କା ଗ୍ୟାଙ୍ଗ ସଦସ୍ୟଙ୍କୁ ଡାକି ଏହି ଅଞ୍ଚଳରେ ଡକାୟତି ଓ ଲୁଟ୍ ଯୋଜନା କରୁଥିବା ଏସ୍‌ଡିପିଓ ବାଗ୍ କହିଛନ୍ତି।

## କୋଭିଡ୍ ଯୋଗୁ ମାନସିକ ଅବସାଦ ରୋଗୀଙ୍କ ସଂଖ୍ୟା ବଢ଼ୁଛି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

କୋଭିଡ୍ ଯୋଗୁ ରାଜ୍ୟରେ ମାନସିକ ଅବସାଦ ରୋଗୀଙ୍କ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଛି। ଏ ନେଇ ରବିବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇ କହିଛନ୍ତି, ଏହି ପରିସ୍ଥିତିର କିପରି ସମାଧାନ ହୋଇପାରିବ ସେଥିପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସବୁ ଜିଲାର ମାନସିକ ଚିକିତ୍ସା ୟୁନିଟ୍‌ଗୁଡ଼ିକ ମାଧ୍ୟମରେ ମୋବାଇଲ ମେଣ୍ଟାଲ ହେଲ୍‌ଥ ୟୁନିଟ୍ ଗଠନ କରାଯାଇଛି। ଉକ୍ତ ୟୁନିଟ୍‌ଗୁଡ଼ିକ ସଙ୍ଗରୋଧ କେନ୍ଦ୍ରକୁ ଯାଇ ଲୋକମାନଙ୍କର ମାନସିକ ସମସ୍ୟା ନିବାରଣ କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ମାନସିକ ରୋଗୀ ବିଭାଗରେ କଲ୍ ସେଣ୍ଟର ମଧ୍ୟ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ପୁରସ୍କୃତ କରିଛନ୍ତି। ତେବେ ଏହି କାର୍ଯ୍ୟ କିପରି ଆଗକୁ ଆହୁରି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ବୈଠକ ମାଧ୍ୟମରେ ଆଲୋଚନା ହୋଇଛି। ଏଥିପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର ସୂଚନା ଦେଇଛନ୍ତି। ସେପଟେ କରୋନା ମହାମାରୀ ସମୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ପାଇଁ ରବିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଏହି ସମୟରେ ଶିଶୁ, ମହିଳା, ବୟସ୍କ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଅଧିକ ଯତ୍ନବାନ ହେବା ସହିତ କୋଭିଡ୍ ନିୟମାବଳୀ ବିଷୟରେ ସେମାନଙ୍କୁ ବୁଝାଇବାକୁ ବିଭାଗ କହିଛି। ଅଧିକ ଭୟଭୀତ ନ ହୋଇ ଏହାର ମୁକାବିଲା କରନ୍ତୁ, ନିୟମିତ ଶାରୀରିକ ପରିଶ୍ରମ କରନ୍ତୁ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ, ନିୟମିତ ଯୋଗ ଓ ବ୍ୟାୟାମ ଅଭ୍ୟାସ ସହ ୬ରୁ ୮ଘଣ୍ଟା ଶୟନ କରନ୍ତୁ ବୋଲି ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

- ମୃତକ ହେଲେ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ
- ଶନିବାର ରାତିରୁ ନିଖୋଜ ଥିଲେ
- ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଶନିବାର ରାତିରେ ଶେଷଥର କଥା ହୋଇଥିଲେ, ରବିବାର ଅପରାହ୍ନରେ ମିଳିଲା ମନୀଷ ଅନୁରାଗ ଦାସ (୩୦)ଙ୍କ ମୃତଦେହ। ମନୀଷ ହେଉଛନ୍ତି ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡପୁଅ। ତମାଣ୍ଡୋ ଥାନା ପାତ୍ରପଡା ଗାଁ ପୋଖରୀରୁ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଡିସିପି ଉମାଶଙ୍କର ଦାଶ, ଜୋନ୍-୩ ଏସିପି ଭରତ ଚରଣ ସାହୁ , ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ ଓ ତମାଣ୍ଡୋ ଥାନା ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ପରୀକ୍ଷା ପାଇଁ ବିଭିନ୍ନ ନମୁନା ସଂଗ୍ରହ କରିଛି। ତେବେ ପୋଖରୀରୁ ମୃତ୍ୟୁର କିଛି ପ୍ରମାଣ ମିଳିବା ଆଶାରେ ଓଡ୍ରାଫ୍ ଟିମକୁ ମଧ୍ୟ ଡକାଯାଇଥିଲା। ଓଡ୍ରାଫ୍ ଯବାନମାନେ ଉକ୍ତ ପୋଖରୀରେ ପ୍ରାୟ ୨ ଘଣ୍ଟା ଖୋଜଖୋଜି କରିଥିଲେ ବି କିଛି ସୁରାକ ମିଳିପାରି ନ ଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍‌ସ ହସ୍ପିଟାଲ ପଠାଯାଇଥିଲା। ତାଙ୍କ ଶରୀରରେ କୌଣସି ସ୍ଥାନରେ କ୍ଷତଚିହ୍ନ ନ ଥିବାବେଳେ ଇନ୍‌ଫୋସିଟି ଅଞ୍ଚଳରୁ ତାଙ୍କ କାର୍ ମିଳିଛି। ସେ ଉକ୍ତ କାର୍‌କୁ ସେଠାରେ ଥୋଇ ୨ଜଣ ବନ୍ଧୁଙ୍କ ସହ କେଉଁଆଡେ ଚାଲିଯାଇଥିଲେ ବୋଲି ତଦନ୍ତବେଳେ ଜଣାପଡିଛି। ଅନ୍ୟପକ୍ଷରେ ମୃତଦେହ ମିଳିଥିବା ପୁଷ୍କରିଣୀ ନିକଟରେ ରାତି ପ୍ରାୟ ୩ଟାବେଳେ ୨ଟି କାର ବାରମ୍ବାର ଯିବାଆସିବା କରୁଥିବା ସ୍ଥାନୀୟ ଅଞ୍ଚଳର ଯୁବକମାନେ ପୋଲିସକୁ କହିଛନ୍ତି। ଅଭିଯୋଗ ଆଧାରରେ ଇନ୍‌ଫୋସିଟି ଥାନାରେ ପ୍ରଥମେ ଏକ ଅପହରଣ ଓ ପରେ ହତ୍ୟା ମାମଲା (ନଂ.୨୨୨/୨୧) ରୁଜୁ କରାଯାଇଛି। ଡିସିପି ଉମାଶଙ୍କର ଦାଶ କହିଛନ୍ତି, ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। କିପରି ଓ କାହା ସହ ସେ ଏଠାକୁ ଆସିଲେ ସେନେଇ ତଦନ୍ତ ଚାଲୁଛି। ଜୋନ୍-୬ ଏସିପି ବିଷ୍ଣୁ ଚରଣ ପାଲ କହିଛନ୍ତି, ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ମନୀଷଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଅଧିକ ତଦନ୍ତ ପାଇଁ ଭିସେରା ପରୀକ୍ଷା କରାଯିବ। ଏଥିସହ ଫୋନ୍‌ର ସିଡିଆର୍ ଯାଞ୍ଚ କରାଯାଉଛି। ତେବେ ଯେଉଁ ୨ ବନ୍ଧୁଙ୍କ ସହ ସେ ଯାଇଥିଲେ, ସେମାନଙ୍କ ପରିଚୟ ମିଳିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି।



ମନୀଷ ଅନୁରାଗ ଦାସ

ସୂଚନା ଅନୁଯାୟୀ, ମନୀଷ ପଟିଆ ଶ୍ରୀ ବିହାର ଅଞ୍ଚଳରେ ପରିବାର ସହ ରୁହନ୍ତି। ସେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀରେ କାମ କରନ୍ତି। ନଭେମ୍ବରରେ ତାଙ୍କର ବିବାହ ସ୍ଥିର ହୋଇଥିଲା। ତେବେ ସେ ଶନିବାର ସନ୍ଧ୍ୟାରେ ଇନ୍‌ଫୋସିଟି ଛକ ନିକଟକୁ ଯାଇଥିଲେ। ସେଠାରେ କାର୍ ଥୋଇ ୨ଜଣ ସାଙ୍ଗଙ୍କ ସହ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ସେ ସାଙ୍ଗଙ୍କ ସହ ଅଛନ୍ତି ଅଧ ଘଣ୍ଟା, ଘଣ୍ଟେ ଭିତରେ ଫେରିବେ ବୋଲି କହିଥିଲେ। କିଛି ଟଙ୍କା ଦରକାର ଥିବାରୁ ମା' ଫୋନ୍ ପେ' ଜରିଆରେ ତାଙ୍କୁ ଦୁଇ ଥରରେ ୫୦୦୦ ଓ ୩୦୦୦ ଟଙ୍କା ପଠାଇଥିଲେ। ପରେ ତାଙ୍କ ଫୋନ୍ ରିଂ ହୋଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଭୋର୍ ୪ଟା ୧୨ରୁ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ ଅପରାହ୍ନ ୧ଟା ୫୦ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଖୋଜା ଖୋଜି କରିବା ସମୟରେ ଇନ୍‌ଫୋସିଟି ଛକସ୍ଥିତ ଗ୍ରାଭା ଆଇସକ୍ରିମ୍ ପାର୍ଲର ସାମ୍ନାରୁ ତାଙ୍କ କାର ମିଳିଥିଲା। ଅପରାହ୍ନ ୨ଟାବେଳେ ଜଣେ ବ୍ୟକ୍ତି ପାତ୍ରପଡ଼ା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ପୁଅ ମୃତ୍ୟୁ ସମ୍ପର୍କରେ ସାମ୍ବାଦିକ ଦାସ ଫେସ୍‌ବୁକ୍‌ରେ ଜଣାଇ ଦୁଃଖ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି 'ଗୁଡୁକୁ ହରେଇଲି ସବୁଦିନ ଲାଗି। ପ୍ରଭୁ ମହାକାଳ ତାକୁ ଅପାର ଶାନ୍ତି ଦିଅନ୍ତୁ। ହତଭାଗା ବାବା'।

## ପ୍ରଥମ ପୃଷ୍ଠାରୁ...

### ବ୍ଲାକ୍ ଆଉଟ୍ ...

ତେଣୁ ଆମେ ସାରା ଦେଶକୁ ବିଦ୍ୟୁତ୍ ଯୋଗାଉଛୁ। ଯେଉଁ ରାଜ୍ୟ ଆବଶ୍ୟକ କରିବ ଆମକୁ ରିକ୍ୟୁଜିଶନ କଲେ ଆମେ ବିଦ୍ୟୁତ୍ ଯୋଗାଇଦେବୁ ବୋଲି ଶକ୍ତିମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏନେଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି, ମହଜୁଦ ଥିବା କୋଇଲାର ପରିମାଣକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ଦାୟିତ୍ୱହୀନ। କୋଭିଡ୍-୧୯ର ଦ୍ୱିତୀୟ ଲହର ବେଳେ ଦେଶରେ ଅକ୍ସିଜେନ ସଙ୍କଟ ଦେଖାଦେଇଥିଲା। ସେତେବେଳେ ବି କେନ୍ଦ୍ର ସରକାର ଏଭଳି ଦୃଢ଼ୋକ୍ତି ବାଢୁଥିଲେ। ଅମ୍ଳଜାନ ସଙ୍କଟ ନାହିଁ ବୋଲି କହୁଥିଲେ। ଆଜି କୋଇଲା ସଙ୍କଟ ସୃଷ୍ଟି ହୋଇଥିବାବେଳେ ବାସ୍ତବତାକୁ ସ୍ୱୀକାର କରୁନାହାନ୍ତି।

ଓଡ଼ିଶାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଲାଣି। ଗତ ସେପ୍ଟେମ୍ବରରେ ରାଜ୍ୟରେ ବିଦ୍ୟୁତ୍ ଚାହିଦା ୫୦୬୨ ମେଗା ୱାଟ୍ ଥିବାବେଳେ ଅକ୍ଟୋବର ୧୦ ରବିବାର ସୁଦ୍ଧା ଏହା ୫୩୪୪ ମେଗା ୱାଟ୍‌କୁ ବୃଦ୍ଧି ପାଇଛି। ଫଳରେ ପାର୍ବଣ ବେଳେ ପାୱାର କଟ୍ ହେବା ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶା ଭଳି ପର୍ଯ୍ୟାପ୍ତ କୋଇଲା ଖଣି ଥିବା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। କୋଇଲା ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଦେଶରେ ୨୦୨୧ ଅଗଷ୍ଟରେ କୋଇଲା ଉତ୍ପାଦନ ୫୩ ନିୟୁତ ନିୟୁତ ଟନ୍ ଥିବାବେଳେ ସେପ୍ଟେମ୍ବର ବେଳକୁ ୪ ପ୍ରତିଶତ ହ୍ରାସ ପାଇ ୫୧.୭ ନିୟୁତ ଟନ୍‌କୁ ହ୍ରାସ ପାଇଥିଲା। ଚଳିତ ଅକ୍ଟୋବରରେ କୋଇଲା ଉତ୍ପାଦନ ବହୁଳ ଭାବେ ପ୍ରଭାବିତ ହୋଇଛି। ଏହାସତ୍ତ୍ୱେ ସେପ୍ଟେମ୍ବରରେ ବିଦ୍ୟୁତ୍ ବ୍ୟବହାର ୧୨୪ ବିଲିୟନ୍ ୟୁନିଟ୍‌କୁ ବୃଦ୍ଧି ପାଇଛି। ଏସବୁ ଭିତରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଭବିଷ୍ୟବାଣୀ କରିଛି ଯେ, ଦେଶରେ ଅକ୍ଟୋବରରେ ବିଦ୍ୟୁତ୍ ଚାହିଦା ୨୦୦ ଗିଗାୱାଟ୍‌କୁ ବୃଦ୍ଧି ପାଇବ, ଯାହାକି ସେପ୍ଟେମ୍ବରରେ ୧୯୦ ଗିଗାୱାଟ୍ ଥିଲା। ବଙ୍ଗୋପସାଗରରେ ଲଘୁଚାପ ଘନେଇଲେ ସାମୁଦ୍ରିକ ଝଡ଼ ସୃଷ୍ଟି ହେବା ଆଶଙ୍କା ଥିବାରୁ ଓଡ଼ିଶା ଓ ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ହୋଇପାରେ। ଏପରି ହେଲେ କୋଇଲା ଉତ୍ତୋଳନ ଆହୁରି ବାଧାପ୍ରାପ୍ତ ହେବ। ଏଥିଲାଗି ବିଦ୍ୟୁତ୍ ନିଅଣ୍ଟ ହେବା ଜଳଜଳ ଦିଶୁଛି।

### ରାଜ୍ୟର ବଳକା ଚାଉଳ ...

ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ। ଏହାସହ ଆଇଟି ଆପ୍ଲିକେସନ୍ ଦ୍ୱାରା ସମସ୍ତ ପ୍ରକ୍ରିୟା ସ୍ୱଚ୍ଛ ବ୍ୟବସ୍ଥାରେ କରାଯାଇଛି। ତେବେ ଆଗାମୀ ଖରିଫ୍ ଋତୁରୁ ଏଫ୍‌ସିଆଇ ଦ୍ୱାରା ଓଡ଼ିଶାରୁ କୌଣସି ବଳକା ଉଷୁନା ଚାଉଳ ଗ୍ରହଣ ନ କରିବା ଲାଗି ଭାରତ ସରକାର ଗତ ଅଗଷ୍ଟ ୩୧ରେ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ଏହା ଉଲ୍ଲେଖଯୋଗ୍ୟ ଯେ, ଆଗାମୀ ୨୦୨୦-୨୧ ଖରିଫ୍ ଋତୁରେ ୫୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବା ନେଇ ଆକଳନ କରାଯାଇଛି। ସମସ୍ତ ଯୋଜନା ଅଧୀନରେ ରାଜ୍ୟର ନିଜସ୍ୱ ଆବଶ୍ୟକତା ହେଉଛି ପ୍ରାୟ ୨୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ। ଏଥିରୁ ଜଣାପଡୁଛି ଯେ ରାଜ୍ୟରେ ୨୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅତିରିକ୍ତ ରହିଯିବ, ଯେଉଁଥିରୁ କେବଳ ୪ ଲକ୍ଷ ମେଟ୍ରିକ୍ ଟନ୍ ହେଉଛି ଅରୁଆ ଚାଉଳ। ତେଣୁ ରାଜ୍ୟରେ ବଳକା ୨୪ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଏଫ୍‌ସିଆଇ ଦ୍ୱାରା ଉଠାଣ ପାଇଁ ରହିଯାଉଛି। କିନ୍ତୁ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ(ଡିଏଫ୍‌ପିଡି)ର ସଦ୍ୟତମ ନିଷ୍ପତ୍ତି ରାଜ୍ୟରୁ ବଳକା ଚାଉଳ ଉଠାଣରେ ପ୍ରତିବନ୍ଧକ ସାଜିଛି। ଓଡ଼ିଶା ମୁଖ୍ୟତଃ ଉଷୁନା ଚାଉଳ ବ୍ୟବହାରକାରୀ ରାଜ୍ୟ। ତେଣୁ ଓଡ଼ିଶାର ଚାଉଳ ମିଲ୍‌ଗୁଡ଼ିକ ଅଧିକ ଉଷୁନା ଚାଉଳ ଉତ୍ପାଦନ କରୁଛନ୍ତି। ଡିଏଫ୍‌ପିଡି ଦ୍ୱାରା ବଳକା ଚାଉଳ ଉଠାଣରେ ପ୍ରତିବନ୍ଧକ ଯୋଗୁ ଉତ୍ପନ୍ନ ସ୍ଥିତିର ମୁକାବିଲା ଲାଗି ରାଜ୍ୟ କୌଣସି ମତେ ପ୍ରସ୍ତୁତ ନୁହଁ। ଓଡ଼ିଶାରୁ ଉପରୋକ୍ତ ପରିମାଣର ବଳକା ଉଷୁନା ଚାଉଳ ଉଠା ନ ଗଲେ ରାଜ୍ୟର ଧାନ ସଂଗ୍ରହ ପ୍ରକ୍ରିୟା ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ପ୍ରାୟ ୧୦ ଲକ୍ଷ ଚାଷୀଙ୍କୁ ପ୍ରଭାବିତ କରିବ ଏବଂ କୋଭିଡ୍ ମହାମାରୀ କାଳରେ ସେମାନଙ୍କୁ ଘୋର ସମସ୍ୟାରେ ପକାଇବ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୨୦୨୧-୨୨ ଖରିଫ୍ ଋତୁ ପାଇଁ ଆକଳନ କରାଯାଇଥିବା ବଳକା ଉଷୁନା ଚାଉଳ ଗ୍ରହଣ କରିବା ନିମନ୍ତେ ଡିଏଫ୍‌ପିଡିକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

### ପୁଣି ପେଟ୍ରୋଲ ୩୦, ଡିଜେଲ ...

ଓ ଡିଜେଲ ୧୦୦.୭୪ଟଙ୍କାରେ ପହଞ୍ଚିଛି ବୋଲି ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୨.୮୨ ଟଙ୍କା ଏବଂ ପେଟ୍ରୋଲ ୧୦୧.୧୪ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୩ ଟଙ୍କା ଏବଂ ଡିଜେଲ ୪.୨୦ ଟଙ୍କା ବଢ଼ିଲାଣି ବୋଲି ତୈଳ ନିଗମ ସୂଚନା ଦେଇଛି। ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମ ୯୭.୨୬ ଟଙ୍କା, ୯୫.୯୩ ଟଙ୍କା ଏବଂ ୧୦୦.୬୬ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୬ରୁ ୨୯ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୧.୫୩ ଟଙ୍କା, ୧୦୪.୮୦ ଟଙ୍କା ଏବଂ ୧୧୦.୧୨ ଟଙ୍କାରେ ରହିଛି। ଅପରପକ୍ଷରେ ଦେଶର ସର୍ବାଧିକ ତୈଳ ଦର ରାଜସ୍ଥାନ (ଗଙ୍ଗାନଗର)ରେ ପେଟ୍ରୋଲ ୧୧୬.୦୮ ଟଙ୍କା ଏବଂ ଡିଜେଲ ୧୦୬.୭୭ଟଙ୍କାରେ କାରବାର ହେଉଛି। ଗତ କିଛିଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦର ହ୍ରାସ ପାଉଥିଲା ହେଲେ କୌଣସି କାରଣବଶତଃ ହଠାତ୍ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି; ଯାହାର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁଛି ବୋଲି ତୈଳ ଆମଦାନୀକାରୀ କମ୍ପାନୀଗୁଡ଼ିକ କହିଛନ୍ତି। ଅନ୍ୟପଟରେ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ବର୍ଦ୍ଧିତ ତୈଳ ଶୁଳ୍କ ମଧ୍ୟ ଅନେକାଂଶରେ ତେଲ ଦର ଉଚ୍ଚା ରହିବାର ପ୍ରମୁଖ କାରଣ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କ୍ରମାଗତ ତୈଳ ଦର ବୃଦ୍ଧି ଯୋଗୁ ସବୁ କ୍ଷେତ୍ରରେ ଏହାର ପ୍ରଭାବ ପଡୁଛି, ଫଳରେ ସାଧାରଣ ଖାଉଟି ଅତିରିକ୍ତ ଆର୍ଥିକ ବୋଝର ଶିକାର ହେଉଥିବା କୁହାଯାଇଛି।

### ପାର୍ବଣ ଆରମ୍ଭରୁ ...

ରାଜ୍ୟରେ ସଂକ୍ରମଣ ହାର ୦.୯୮%କୁ ବଢ଼ିଥିବାବେଳେ ଖୋର୍ଦ୍ଧା ସ୍ଥିତି ବିଗିଡିବାରେ ଲାଗିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ସର୍ବାଧିକ ୩୩୧ଜଣ ରହିଛନ୍ତି। ଫଳରେ ଜିଲାର ସଂକ୍ରମଣ ହାର ୨.୫%କୁ ବୃଦ୍ଧି ପାଇଛି। ସେହିପରି କଟକରେ ସଂକ୍ରମଣ ହାର ୧.୬% ଥିବାବେଳେ ମୟୂରଭଞ୍ଜ ୧.୩% ଓ କେନ୍ଦ୍ରାପଡ଼ାରେ ୧.୩% ରହିଛି। ବାକିସବୁ ଜିଲାରେ ସଂକ୍ରମଣ ୧ପ୍ରତିଶତ ତଳେ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି। ସେପଟେ ଶିଶୁଙ୍କ ସଂକ୍ରମଣ ହାର ବି ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ବୟସ୍କ ୯୨ଜଣ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ କରୋନା ପଜିଟିଭ୍ ସଂଖ୍ୟା ୧୦,୩୧,୬୯୬ରେ ପହଞ୍ଚିଛି।

ଅପରପକ୍ଷେ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ଅଧିକ କଟକଣା, ଅଧିକ ସତର୍କତା ଓ ସଚେତନତା ସତ୍ତ୍ୱେ ଗହଳି କମୁ ନାହିଁ। କୋଭିଡ୍ କଟକଣା ଉଲ୍ଲଂଘନ ହେଉଥିବାରୁ ଏଠାରେ ସଂକ୍ରମଣ ଓ ମୃତ୍ୟୁ ବି ଅଧିକ ରହୁଛି। ପୁଣି ଦୁର୍ଗାପୂଜାରେ ଦୋକାନ ବଜାରରେ ଅଧିକ ଭିଡ଼ ସମ୍ଭାବନା ଥିବାରୁ ରାଜ୍ୟ ସରକାର, ପୌର ପ୍ରଶାସନ ଓ କମିଶନରେଟ ପୋଲିସ ଆଗୁଆ ପଦକ୍ଷେପ ନେଇଛନ୍ତି। ଦ୍ୱୈତ ନଗରୀରେ ସୋମବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାତି ୮ଟାରୁ ସକାଳ ୫ଟା ଯାଏ ନାଇଟ୍ କର୍ଫ୍ୟୁ ଲାଗୁ କରାଯିବ। ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏପଟେ ଦିନରେ ରାଜ୍ୟରେ ଆଉ ୭ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୫ଜଣ ଥିବାବେଳେ ଅନୁଗୋଳ ଓ ନବରଙ୍ଗପୁରରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୪୯ କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର ଏବେ କୋଭିଡ୍ ମୁକ୍ତ ଜିଲା ହୋଇଛି। ପୂର୍ବରୁ ବୌଦ୍ଧ କରୋନାମୁକ୍ତ ହୋଇଥିଲା। ଏହି ଦୁଇ ଜିଲାରେ କୌଣସି ସକ୍ରିୟ କରୋନା ରୋଗୀ ନ ଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ବଳକାକାମଗୁଡିକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ, କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** – ସାମାଜିକ ସ୍ତରରେ ବନ୍ଧୁଙ୍କ ନିକଟରୁ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ। ପାରିବାରିକ କ୍ଷେତ୍ରରେ ସଂପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଉପୁଜିପାରେ। ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇ ପାରନ୍ତି।

**ମିଥୁନ** – କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ। କୌଣସି ପଦେକ୍ଷପ ନେଲେ ଝାମେଲା ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରୀ ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅଫିସରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ସୁସ୍ଥତା ଦିଗକୁ ଗତି କରିବ।

**କର୍କଟ** – ପୂର୍ବରାଗ ଶୁଝାଇବାକୁ ଯାଇ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିବାର ସୂଚନା ରହିଛି। ଘର କଥାରେ ଆପଣଙ୍କ ଆଶଙ୍କା ଅପରାହ୍ଣେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରି ବନ୍ଧୁ ଗହଣରେ ଚର୍ଚ୍ଚାରେ ରହିବେ।

**ସିଂହ** – ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ। କିନ୍ତୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। ବାଧ୍ୟବାଧକତାରେ ଇଚ୍ଛା ନଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** – ଦୈନନ୍ଦିନ ଜୀବନଯାତ୍ରାରେ ବୁଝିବିଚାରୀ କାମ ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ବିରକ୍ତି ହେବେ। ଆଜି ସୁଦ୍ଧା ପାଇ ନ ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ଉତ୍କଟ ହେବ ନାହିଁ।

**ତୁଳା** – ପିଲା ମାନଙ୍କର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ ଫଳରେ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା** – ଦୀର୍ଘଦିନ ହେଲା ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତିଟି ନିଜର ଫାଇଦା ଉଠାଇପାରେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** – ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରୀ ମାମଲା ସମ୍ପର୍କୀୟ ଅଯଥା ଚିନ୍ତା କରି ପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରି ପାରନ୍ତି । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର** – ଖର୍ଚ୍ଚାନ୍ତ ହେଲେ ମଧ୍ୟ କାମ ଅଟକିବ ନାହିଁ। କମ୍ ସମୟରେ ତାହା ସମ୍ପନ୍ନ ହୋଇ ପାରିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମ ସହଜରେ ହାସଲ କରିବେ।

**କୁମ୍ଭ** – ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ସୂଚନା ରହିଛି ଏଣୁ ସତର୍କ ରହିବା ଭଲ। କଠିନଶ୍ରମ ଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡା, ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** – ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରନରୁ ମନ ହାଲୁକା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମ ଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।


# classifieds Everyday
0674-2580101, 2549302



**SALE**

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

ମାସିକ ମାତ୍ର 3690/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

**Plot sale near AIIMS Hospital Bhubaneswar and Infocity-2. 9439206 02.** D-71720

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

**2/3 BHK flat 1k.m. AIIMS, Bhubaneswar and plots available. 7008492511.** D-21900

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705



2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425



Ashirvaad Saloon and SPA get good massage for your health tha best therapy. 7077181074. D-70496

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open full body massage ladies and gents. 8327740003. D-70498

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open SPA positively health benefits by expert therapist. 7846814019. D-71423

Refreshing your mind, your body with tha best therapy at Lotus SPA. 8018891951. D-70495

Refreshing your mind and body with the best therapy. 7873794731. D-71179

Newly open therapy center offer @ 799/-, positively health benefits. 7381172169. D-71424

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୮୫,୨୪,୨୨୯ | ୪୮,୬୫,୩୮୨ | ୨୧,୫୬,୬୯,୭୭୨ |
| ଭାରତ | ୩,୩୯,୫୮,୭୩୦ | ୪,୫୦,୬୯୯ | ୩,୩୨,୭୧,୯୧୫ |
| ଓଡ଼ିଶା | ୧୦,୩୧,୬୯୬ | ୮୨୪୯(+୫୩) | ୧୦,୧୮,୭୪୯ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବିଧାୟକଙ୍କ ଘରୁ ଚୋରି

**କଟକ ଅଫିସ,୧୦।୧୦:** ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ବାସଭବନରୁ ଚୋରି ହୋଇଥିବା ଚାଉଳିଆଗଞ୍ଜ ଥାନାରେ ରବିବାର ଅଭିଯୋଗ ହୋଇଛି। କଟକ ମହାନଦୀ ବିହାରଠାରେ ଥିବା ସୌଭିକ୍‌ଙ୍କ ବାସଭବନର ନବୀକରଣ କାର୍ଯ୍ୟ କିଛିଦିନ ହେବ ଚାଲିଛି। ଏଥିପାଇଁ କେତେଜଣ ଶ୍ରମିକ ସେଠାରେ ରହି କାମ କରୁଛନ୍ତି। ରବିବାର ସକାଳୁ ସୌଭିକ୍‌ଙ୍କ ଭଉଣୀ ସ୍ୱାତୀ ସ୍ନିଗ୍ଧା ବିଶ୍ୱାଳ ତାଙ୍କ ରୁମ୍‌ରେ ଗୋଟିଏ ଲାପଟପ୍ ଓ ୨ଟି ମୋବାଇଲ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୯୧/୨୧) ରୁଜୁ କରିବା ସହ ତଦନ୍ତ କରିଥିଲା। ଏହି ଘଟଣାରେ ୨ ଜଣ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଇନ୍ସପେକ୍ଟର ଶଶିକାନ୍ତ ରାଉତ ସୂଚନା ଦେଇଛନ୍ତି।

### କନ୍ଦଳ ନଦୀରୁ ୨ ମୃତଦେହ ଜବତ

**କଣ୍ଟାପଡା, ୧୦।୧୦(ଡି.ଏନ୍.ଏ.):** କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କନ୍ଦଳନଦୀର ବାବଜା ଓ ଗୋପାଳନଗର ନିକଟରୁ ରବିବାର ପୋଲିସ ଦୁଇଟି ମୃତଦେହ ଜବତ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଗୋପାଳନଗର ଗ୍ରାମର ଅରକ୍ଷିତ ପ୍ରଧାନ(୫୦) ଓ ଅନ୍ୟଜଣଙ୍କର ପରିଚୟ ମିଳିପାରିନାହିଁ। ଏ ନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା(ନଂ.୧୨,୧୩/୨୧) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳେ ଅରକ୍ଷିତ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ପତ୍ତା ପାଇ ନ ଥିଲେ। ଅପରାହ୍ନ ୪ଟାରେ ତାଙ୍କର ମୃତଦେହ ନଦୀରେ ଭାସୁଥିବା ଖବର ପାଇବା ପରେ ପୋଲିସ ପହଞ୍ଚି ଜବତ କରିଥିଲା। ସେହିପରି ନଦୀର ଅପରପାର୍ଶ୍ୱ ବାବଜା ନିକଟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାହାକୁ ଜବତ କରିଥିଲା।

# ସ୍ଥିତି ହରାଇଛି କୋଷ୍ଟକେନାଲ

ପ୍ରଦୀପ ଦାସ
ଭୋଗରାଇ, ୧୦।୧୦

ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ପରିଚୟ ବହନ କରିଥିବା କୋଷ୍ଟ କେନାଲ ଏବେ ରକ୍ଷଣାବେକ୍ଷଣ ଅଭାବରୁ ସ୍ଥିତି ହରାଇ ବସିଛି। ଦିନ ଥିଲା ଏହି କୋଷ୍ଟକେନାଲରୁ ଜଳସେଚନ କରାଯାଇ କୃଷିକ୍ଷେତ୍ରକୁ ଶସ୍ୟଶ୍ୟାମଳା କରାଯାଉଥିଲା। ଏହି କେନାଲ ଜଳକୁ କୃଷିକ୍ଷେତ୍ରରେ ଅଧିକ ବିନିଯୋଗ ଲାଗି ଉଭୟ ପାର୍ଶ୍ୱରେ ୧୧୦ ପବନଚାଳିତ ପାଣିପମ୍ପ କାର୍ଯ୍ୟକାରୀ କରାଯାଇଥିଲା। ସେସବୁ ଏବେ ଅଚଳ ହୋଇପଡ଼ିଛି। କୃଷି ଏବଂ ବାଣିଜ୍ୟ ବ୍ୟବସାୟରେ ବ୍ୟବହୃତ ହେଉଥିବା ଏହି କୋଷ୍ଟକେନାଲ ଦୁଇ ପାର୍ଶ୍ୱକୁ ଲୋକେ ପୋତି ଜବରଦଖଲ କରି ଘରଦ୍ୱାର କରିଥିବା ନଜରକୁ ଆସିଛି।

୧୮୬୬ରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସ୍ଥିତିକୁ ନଜରରେ ରଖି ଇଂରେଜ ସରକାର ୧୮୮୦ରେ ଓଡ଼ିଶା କୋଷ୍ଟକେନାଲ ଖନନ କରିଥିଲେ। ଏହି କାର୍ଯ୍ୟ ୧୮୮୫ରେ ଶେଷ ହୋଇଥିଲା। ବାଣିଜ୍ୟ ବ୍ୟବସାୟ ବ୍ରିଟିଶ କମ୍ପାନୀଗୁଡ଼ିକ ଲାଗି ଜଳପଥ ହିଁ ସେତେବେଳେ ସୁଗମ ହେଉଥିଲା। ଇଷ୍ଟଇଣ୍ଡିଆ କମ୍ପାନୀ କଲିକତାରେ ବାଣିଜ୍ୟ ବ୍ୟବସାୟର ସାମ୍ରାଜ୍ୟ ବିଛାଇଥିଲେ ମଧ୍ୟ ଉତ୍କଳ ନୌବାଣିଜ୍ୟ ଉପରେ ନଜର ରହିଥିଲା। ଏଥିପାଇଁ ପଶ୍ଚିମବଙ୍ଗ ଗଙ୍ଗାନଦୀ ଗେଉଆଁଖାଲିରୁ କୋଷ୍ଟ କେନାଲ ଖନନ ଆରମ୍ଭ ହୋଇ କଟକ ପର୍ଯ୍ୟନ୍ତ ଲମ୍ବିଥିବା ଐତିହାସିକ ତଥ୍ୟରୁ ଜଣାପଡ଼େ।

### ଦିନେ ଥିଲା ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ନିଦର୍ଶନ


ଭୋଗରାଇ ବ୍ଲକ ବାଟଗ୍ରାମ ଦେଇ ଯାଇଥିବା କୋଷ୍ଟକେନାଲରେ ଦଳ ଭର୍ତ୍ତି ହୋଇରହିଛି।

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ନସରାବାଦରୁ ଏହି କୋଷ୍ଟକେନାଲ ୨୧୪କି.ମି. ବ୍ୟାପ୍ତ ଭଦ୍ରକ ଜିଲା ସହ ଯାଜପୁର ଓ କଟକ ଜିଲାର ନଦୀପଥକୁ ସଂଯୋଗ କରାଯାଇଛି। ଓଡ଼ିଶା ସହିତ ପଶ୍ଚିମବଙ୍ଗ କଲିକତା ସହରରୁ କମ୍ ଖର୍ଚ୍ଚରେ ମାଲ ପରିବହନ ଓ ଗମନାଗମନ ଦୃଷ୍ଟିରୁ ଏହାର ଗୁରୁତ୍ୱ ଅଧିକ ଥିଲା। ନୌବାଣିଜ୍ୟର ସୁବିଧା ସୁଯୋଗ ଥିବାରୁ ଓଡ଼ିଶାରେ ନଦୀକୂଳ ସହରଗୁଡ଼ିକର ଶିଳ୍ପ କଳକାରଖାନାର ମୂଳଦୁଆ ଭିତ୍ତିଭୂମି ଗଢ଼ିଉଠିଥିଲା ବୋଲି କୁହାଯାଏ। ଅପରପକ୍ଷରେ ଦେଶ ସ୍ୱାଧୀନ ହେବା ପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି କୋଷ୍ଟକେନାଲର ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦେଉ ନ ଥିବାରୁ କେନାଲ ପୋତିହୋଇ ସ୍ଥିତି ହରାଇବସିଛି। କୋଷ୍ଟକେନାଲ ଦଳ ଓ ଅନାବନା ଲଟାରେ ଅଚ୍ଛାଦିତ ହୋଇରହିଛି। ୧୯୭୪-୭୫ରେ ପ୍ରଥମଥର କେନାଲର ପୁନରୁଦ୍ଧାର ଲାଗି କାର୍ଯ୍ୟ କରାଯାଇଥିଲା। ୨୦୧୫ରେ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପ୍ରଚେଷ୍ଟାରେ ପୁଣି ଖନନ ପାଇଁ ୧.୧୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଭୋଗରାଇ ମାନକୁଣ୍ଡାଠାରୁ ଭୋଗରାଇ ଲକ୍ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରାଯାଇଥିଲେ ମଧ୍ୟ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଥିଲା। ସେଚ ବିଭାଗ ଏହାର ଖୋଳତାଡ କରିଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଷ୍ଟକେନାଲର ପୁନରୁଦ୍ଧାର କାର୍ଯ୍ୟ କରାଗଲେ ଓଡ଼ିଶାର ଅର୍ଥନୀତି ଓ ସାମାଜିକ ସ୍ଥିତିରେ ବଡ଼ ପରିବର୍ତ୍ତନ ହୋଇପାରନ୍ତା ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଡ୍ରେନେଜ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି, ଗତବର୍ଷ କୋଷ୍ଟକେନାଲରୁ ଦଳ ସଫା ନିମନ୍ତେ ଏଫ୍‌ଡିଆର ଫଣ୍ଡରୁ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ କରାଯାଇଥିଲା। ଅଦ୍ୟାବଧି ସମ୍ପୂର୍ଣ୍ଣ ବିଲ୍ ଦିଆଯାଇନାହିଁ। ଫଳରେ କେହି କାମ କରିବାକୁ ଆଗଭର ହେଉନାହାନ୍ତି। ଚଳିତବର୍ଷ ୧୪ କି.ମି. ଦୈର୍ଘ୍ୟ ବିଶିଷ୍ଟ କେନାଲରୁ ଦଳ ସଫା ପାଇଁ ପୁଣି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ଐତିହାସିକ ଏହି କୋଷ୍ଟକେନାଲର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କଲେ ଅଞ୍ଚଳବାସୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ହୋଇପାରନ୍ତା ବୋଲି ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବିଧାୟକ ଦାସ ମତ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ କୋଷ୍ଟକେନାଲର ପୁନରୁଦ୍ଧାର ହୋଇପାରୁନାହିଁ। ଫଳରେ ଉତ୍କଳୀୟ ନୌବାଣିଜ୍ୟର ସ୍ଥିତି ବଦଳିଯାଇଛି ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ ପ୍ରକାଶ କରିଛନ୍ତି।

# ଛତିଶଗଡ଼ ମାଓବାଦୀ ରାହୁଲଙ୍କ ଆତ୍ମସମର୍ପଣ

**ଫୁଲବାଣୀ ଅଫିସ, ୧୦।୧୦**

ଛତିଶଗଡ଼ ମାଓବାଦୀ ରାହୁଲ ମୃଷାକି ଓରଫ ପିଣ୍ଟୁ (୨୪) କନ୍ଧମାଳ ଏସ୍‌ପିଙ୍କ ପାଖରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ଘର ଛତିଶଗଡ଼ର ଲାଲ୍ ଇଲାକା ଭାବେ ପରିଚିତ ସୁକୁମା ଜିଲା କାନ୍ତା ଥାନା ଜେଗୁରୁଣ୍ଡା ପଞ୍ଚାୟତ ତଲତ ଗ୍ରାମରେ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ରାହୁଲ ୨୦୧୫ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ପ୍ରଥମେ ସେ ବଂଶଧାରା-ଘୁମୁସର-ନାଗାବଳୀ(ବିଜିଏନ୍)ଡିଭିଜନର ସଦସ୍ୟ ରହିଥିଲେ। ୨୦୧୭ରେ ଓଡ଼ିଶା କ୍ୟାଡରକୁ ଆସି କେକେବିଏନ୍ ସଙ୍ଗଠନରେ ସାମିଲ ହୋଇଥିଲେ। କନ୍ଧମାଳ ଜିଲାରେ ମାଓବାଦୀ ନେତା ଶିବାଜୀଙ୍କ ନେତୃତ୍ୱରେ କାମ କରୁଥିଲେ। ବିଗତ ବର୍ଷରେ କନ୍ଧମାଳରେ ଘଟିଥିବା ବିଭିନ୍ନ ମାଓବାଦୀ ହିଂସାକାଣ୍ଡରେ ରାହୁଲଙ୍କର ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି। ମାଓବାଦୀଙ୍କ କାର୍ଯ୍ୟକଳାପ ଜନ ବିରୋଧୀ। ସେମାନେ ବିକାଶକୁ ବିରୋଧ କରିବା ସହ ନିଜ ସ୍ୱାର୍ଥ ପାଇଁ ନିରୀହ ଆଦିବାସୀଙ୍କୁ ବ୍ୟବହାର କରୁଛନ୍ତି। ପୋଲିସ ଇନ୍‌ଫର୍ମର କହି ନିରୀହଙ୍କୁ ଅକାରଣରେ ହତ୍ୟା କରୁଛନ୍ତି। ଲାଲ୍‌ବାହିନୀର ଏଭଳି କାର୍ଯ୍ୟ ପାଇଁ ସଙ୍ଗଠନ ଛାଡିଲେ ବୋଲି ରାହୁଲ ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସୁଥିବା ମାଓବାଦୀଙ୍କ ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜରେ ଆକର୍ଷିତ ହୋଇ ଆତ୍ମସମର୍ପଣ କଲେ ବୋଲି ସେ କହିଛନ୍ତି। ଆତ୍ମସମର୍ପଣ କରିଥିବା ରାହୁଲଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ଶିକ୍ଷାର ସୁବିଧା ସହ ଘର ଓ ଧନ୍ଦାମୂଳକ ତାଲିମ ବ୍ୟବସ୍ଥା ଏବଂ ଆର୍ଥିକ ସହାୟତା ଦିଆଯିବ ବୋଲି କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଆହ୍ୱାନକ୍ରମେ ମାଓବାଦୀମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।


ରାହୁଲଙ୍କୁ ଏସ୍‌ପି ସ୍ୱାଗତ କରୁଛନ୍ତି।

# ପରିତ୍ୟକ୍ତ କାରରେ ଲାଗିଲା ନିଆଁ

**ବାରିପଦା ଅଫିସ,୧୦।୧୦:** ବାରିପଦା ଟାଉନ ଥାନା ମଧୁବନ ପାଣିଫଳ ଗଡିଆ ରାସ୍ତା ପାର୍ଶ୍ୱରେ ପଡିଥିବା ଏକ ପରିତ୍ୟକ୍ତ କାରରେ ରବିବାର ସକାଳେ ନିଆଁ ଲାଗିଯାଇଛି। କାରଟି ଦୀର୍ଘ ୮ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ପଡିରହିଥିବା ବେଳେ କାରରେ ନିଆଁ ଲାଗିଥିଲା। ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକେ ନିଆଁ ଦେଖି ଦମକଳ ବାହିନୀକୁ ଖବର ଦେବାରୁ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ନଷ୍ଟ ହେବାକୁ ବସିଥିବା କାରରେ କୌଣସି ଇନ୍ଧନ ନ ଥିବା ବେଳେ ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।



# ୪୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**ରାଉରକେଲା ଅଫିସ,୧୦।୧୦**

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ପାୱାର ହାଉସ୍ ରୋଡ୍ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ୨ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଲେ ଦୀପକ କୁମାର ଦାସ(୨୪) ଓ ତାରିଖ ଅନୱର(୨୯)। ପୋଲିସ ଏ ନେଇ ଏକ ମାମଲା (ନଂ.୩୮୨/୨୧) ରୁଜୁ କରି ତଦନ୍ତ ଚଳାଇଛି।

### କଲିକତା ପର୍ଯ୍ୟନ୍ତ ଲମ୍ବିଛି ଚେର

ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଥିଲେ, ରବିବାର ସକାଳ ସାଢ଼େ ୭ଟାରେ ଦୀପକ ଓ ତାରିଖ ପାୱାର ହାଉସ ରୋଡ୍ ଛକରେ ବ୍ରାଉନସୁଗାର ବିକ୍ରି କରୁଥିଲେ। ପ୍ଲାଣ୍ଟସାଇଟ ଥାନା ଏସ୍‌ଆଇ ହିମାଂଶୁ ବାରିକ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଏହି ଦୁଇଜଣଙ୍କୁ କାବୁ କରିଥିଲେ। ଯାଞ୍ଚ ବେଳେ ଉଭୟଙ୍କ ଠାରୁ ୪୮ ଗ୍ରାମ୍‌ର ବ୍ରାଉନ୍‌ସୁଗାର ସହ ଏକ ଆପାଚି ବାଇକ୍ (ନଂ.ଓଡ଼ି୧୪ଆର/୭୭୩୬) ଜବତ କରାଯାଇଥିଲା। ଗିରଫ ଦୁଇ ଯୁବକ କଲିକତାରୁ ବ୍ରାଉନସୁଗାର ଆଣି ନାଲାରୋଡ଼, ମହତାବ ରୋଡ଼, ଝିରପାଣି ଅଞ୍ଚଳରେ ଥିବା ବ୍ୟବସାୟୀଙ୍କୁ ଯୋଗାଉଥିଲେ ବୋଲି ସ୍ୱୀକାର କରିଥିବା ରାଉରକେଲା ଅତିରିକ୍ତ ଏସ୍‌ପି ଭୋଇ ଗଣମାଧ୍ୟମକୁ କହିଛନ୍ତି। ଏହାସହ ଏକ ଗ୍ରାମ ବ୍ରାଉନସୁଗାରକୁ ୧୦ହଜାର ଟଙ୍କା ଓ ଏହାର ଛୋଟ ପ୍ୟାକେଟ୍‌କୁ ୩ଶହ ଟଙ୍କାରେ ସେମାନେ ବିକ୍ରି କରୁଥିଲେ ବୋଲି ଭୋଇ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରି ଅଭିଯୁକ୍ତ ଗିରଫ

**ଯୋଡ଼ା,୧୦।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବାମେବାରୀ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରି ୭ମାସର ଗର୍ଭବତୀ କରିଥିବା ଅଭିଯୋଗରେ ସାହିଲ ମୁଣ୍ଡାଙ୍କୁ ପୋଲିସ ଗିରଫ କରିଛି। ନାବାଳିକା ଗର୍ଭବତୀ ହେବା ପରେ ପ୍ରତାରଣା କରିଥିବା ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ଏକ ମାମଲା (ନଂ.୧୬୪/୨୧) ରୁଜୁ କରି ଶନିବାର ଅଭିଯୁକ୍ତ ସାହିଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ପୂର୍ବରୁ ବିବାହିତ ବୋଲି ପୋଲିସ ସୂଚନା ଦେଇଛି।

# ଜେଲ ଗଲେ ୩ ପ୍ରଥମ ଶ୍ରେଣୀ ଅଧିକାରୀ

**କଟକ ଅଫିସ,୧୦।୧୦**

- ୨୨ ଲକ୍ଷ ଜବତ
- ଶନିବାର ଭିଜିଲାନ୍ସ ଜାଲରେ ପଡ଼ିଥିଲେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଥିବା ଅଧିକାରୀଙ୍କୁ ନିସ୍ତାର ନାହିଁ। ଭିଜିଲାନ୍ସ ବିଭାଗ ପକ୍ଷରୁ ଲାଞ୍ଚଖୋରଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗୋଟିଏ ଦିନରେ ୩ ପ୍ରଥମ ଶ୍ରେଣୀ ଅଧିକାରୀ ଭିଜିଲାନ୍ସ ଜାଲରେ ଧରା ପଡିଥିବାବେଳେ ସମସ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏବେ ସେମାନଙ୍କ ମଧ୍ୟରୁ ପ୍ରକାଶ କୁମାର ମହାପାତ୍ର ଭୁବନେଶ୍ୱର ଝାରପଡ଼ା ଜେଲରେ ଏବଂ ବିଧାନ ଚନ୍ଦ୍ର ସାହୁ ଓ ନରୋତ୍ତମ ବେହେରା ଚୌଦ୍ୱାର ଜେଲରେ ରହିଛନ୍ତି। ସେମାନଙ୍କଠାରୁ ମୋଟ୍ ୨୨ ଲକ୍ଷ ୬୧ ହଜାର ୭୨୦ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିଭିଜନ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

ଭିଜିଲାନ୍ସ ଏସ୍‌ପି ମିଶ୍ରଙ୍କ ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଶାଳପଡ଼ାର ବୈତରଣୀ ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ ଶନିବାର ଏକ କାରରେ ଟଙ୍କା ଧରି କଟକସ୍ଥିତ ନିଜ ଘରକୁ ଆସୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଯାଜପୁର ଏନ୍‌ସି କଲେଜ ନିକଟରେ ଅଟକାଇଥିଲା। ଯାଞ୍ଚବେଳେ ତାଙ୍କ କାରରୁ ୧୦ ଲକ୍ଷ ୭ ହଜାର ୬୨୦ ଟଙ୍କା ମିଳିଥିଲା। ଏହି ଟଙ୍କା କେଉଁଠୁ ଆଣିଛନ୍ତି, ସେ ନେଇ ସନ୍ତୋଷଜନକ ଉତ୍ତର ସାହୁ ଭିଜିଲାନ୍ସ ଅଧିକାରୀଙ୍କୁ ଦେଇପାରି ନ ଥିଲେ। ପରେ କଟକ ମହତାବ ରୋଡସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇ ୬୪ ହଜାର ଟଙ୍କା ଜବତ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଏକ ମାମଲା(ନଂ.୧୬/୨୧) ରୁଜୁ କରି ସାହୁଙ୍କୁ ଗିରଫ କରିଛି। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ବାଲେଶ୍ୱର ଡିଭିଜନର ଆଞ୍ଚଳିକ ଅଧିକାରୀ ନରୋତ୍ତମ ବେହେରା ଶନିବାର ବାଲେଶ୍ୱରରୁ ଭୁବନେଶ୍ୱର ଏକ ଇନୋଭା କାରରେ ଫେରୁଥିବାବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀ କଟକ ଟାଙ୍ଗୀ ତନଖି ଫାଟକ ନିକଟରେ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କଠାରୁ ୮୯ହଜାର ୨୯୦ ଟଙ୍କା ମିଳିଥିଲା। ଏହି ଟଙ୍କାର ହିସାବ ସେ ଭିଜିଲାନ୍ସ ଅଧିକାରୀଙ୍କୁ ଦେଇପାରି ନ ଥିଲେ। ଉକ୍ତ ଟଙ୍କା ସହ କାର ଜବତ କରାଯାଇଥିଲା। ପରେ ଭୁବନେଶ୍ୱର ସତ୍ୟନଗରସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇ ୯ଲକ୍ଷ ୨୫ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ କଟକ ଭିଜିଲାନ୍ସ ପକ୍ଷରୁ ମାମଲା(ନଂ. ୧୭/୨୧) ରୁଜୁ କରାଯିବା ସହ ବେହେରାଙ୍କୁ ଗିରଫ କରାଯାଇଛି। ଏସ୍‌ପିସିବି ରାଉରକେଲାର ଆଞ୍ଚଳିକ ଅଧିକାରୀ ପ୍ରକାଶ କୁମାର ମହାପାତ୍ର ରାଉରକେଲାରୁ ଫେରୁଥିବାବେଳେ ଭୁବନେଶ୍ୱରଠାରେ ଭିଜିଲାନ୍ସ ହାବୁଡରେ ପଡିଥିଲେ। ତାଙ୍କଠାରୁ ଭିଜିଲାନ୍ସ ଅଧିକାରୀ ୧ ଲକ୍ଷ ୭୫ ହଜାର ୮୧୦ ଟଙ୍କା ଜବତ କରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଏକ ମାମଲା(ନଂ.୨୯/୨୧) ରୁଜୁ କରି ପ୍ରକାଶଙ୍କୁ ଗିରଫ କରିଥିଲା।

# ସାତଥର ଯିବ ଗଙ୍ଗା, ଥରେ ଯାଇଥିବ ଚନ୍ଦ୍ରଭାଗା ମୁହଁ ପଡ଼ିଯିବ ରଙ୍ଗା।

ଡ. ସୁରେନ୍ଦ୍ର କୁମାର ମିଶ୍ର

**ଐତିହ୍ୟରେ ଓଡ଼ିଶା**

ପୂର୍ବ ସଂଖ୍ୟାରେ ଆମେ ଠାରିଦେଇଥିଲୁ ସଂପ୍ରୀତିର ବାର୍ତ୍ତା ଦେଉଥିଲା ଚନ୍ଦ୍ରଭାଗା। ସଂପ୍ରୀତି ମାନେ ହେଉଛି ଅନୁରାଗ ଆଉ ସ୍ନେହ। ସାମାଜିକ ଦୃଷ୍ଟିରୁ 'ସଦ୍‌ଭାବନା' ବନ୍ଧୁତ୍ୱପୂର୍ଣ୍ଣ ସ୍ୱୀକୃତି, ହର୍ଷ ଏବଂ ଉଲ୍ଲାସ। ଏଇ ଛ'ଟି ଭାବ ମଣିଷକୁ ସକାରାତ୍ମକ ଦିଗକୁ ପ୍ରେରଣା ଦିଏ। ଆଦିକବି ସାରଳା ଦାସ ହେଉଛନ୍ତି ଗଜପତି କପିଳେନ୍ଦ୍ର ଦେବ (୧୪୩୬ରୁ ୧୪୬୬ ମସିହା)ଙ୍କ ସମସାମୟିକ। ଓଡ଼ିଆ ଜାତିର ପରମ ସମ୍ପଦ ହେଉଛି ତାଙ୍କର ମହାଭାରତ। ଜାତିର ପ୍ରାଣ ପ୍ରବାହ ତହିଁରେ ଆମେ ପାଉ। ତାଙ୍କ ସୃଷ୍ଟି ଆମର ସାଂସ୍କୃତିକ ଐତିହ୍ୟର ସ୍ମାରକୀ। ସେଥିରେ ସେ ଅର୍କତୀର୍ଥ ମହୋଦଧି କୂଳରେ ବୋଲି ଲେଖିଛନ୍ତି। ତେଣୁ ଚନ୍ଦ୍ରଭାଗା ତୀର୍ଥକୁ ଅତି ପବିତ୍ର ଭାବରେ ଗ୍ରହଣ କରିଛନ୍ତି। ସେଥିପାଇଁ ଚନ୍ଦ୍ରଭାଗା ପୂର୍ବରୁ ମହୋଦଧି ଶବ୍ଦ ପ୍ରୟୋଗ କରି ତା'ର ଗୁରୁତ୍ୱ ବଢ଼ାଇ ଦେଇଛନ୍ତି। ଚନ୍ଦ୍ରଭାଗା ହିଁ ମଣିଷର ରୋଗ ଏବଂ ଦୁଷ୍କୃତିକୁ ଖଣ୍ଡନ କରିବ ଏଇ ବିଶ୍ୱାସ ତାଙ୍କର ଥିଲା-'ମକରମାସ ମଧ୍ୟେ ମଉଦଧି ଚନ୍ଦ୍ରଭାଗା। ଯେଥେଂ ସ୍ନାହାନ କଲେ ଖଣ୍ଡିବ ରୋଗବାଧା।। ବାବୁ ଯେ ତୀର୍ଥେ ସ୍ନାନ କରି ଯେ ବୁଡ଼ାଇବ ମଥା। କାଳକର ଦୁଷ୍କୃତ ଯେ ଖଣ୍ଡିବ ସର୍ବଥା।।' କେବଳ ଚନ୍ଦ୍ରଭାଗା ସ୍ନାନ ଦୁଷ୍କୃତି ନଷ୍ଟ କରେ ନାହିଁ, ଦେବଲୋକ ପ୍ରାପ୍ତିର ରାସ୍ତା ଦେଖାଇଥାଏ। ନିଜର ବାର ପୁରୁଷଙ୍କୁ ଦେବଲୋକ ପହଞ୍ଚାଇଥାଏ।

'ମକରମାସେ ଚନ୍ଦ୍ରଭାଗା ମଉଦଧି ମଧ୍ୟ ସ୍ନାନେ। ଯେବଣ ଜନ ଯେଥି ଯେ କରନ୍ତି ପିଣ୍ଡଦାନ।। ଦ୍ୱାଦଶ ପୁରୁଷ ଯେ ଯାଆନ୍ତି ଦେବଲୋକେ। ବଂଶେ ଅଗତି ଯେ ନ ଥାଇ ପିତୃ ଗଣଂକେ।।' ସାରଳା ମହାଭାରତର 'ବନପର୍ବ' ବର୍ଣ୍ଣନା ଇୟେ। ହାରାହାରି ୫୭୦ ବର୍ଷ ତଳେ ଅର୍କତୀର୍ଥରେ କର୍ମକାଣ୍ଡ ବିଜ୍ଞାନ ଜଡ଼ିତ ହୋଇସାରିଥିଲା। ସେତେବେଳେ ସୂର୍ଯ୍ୟ ପ୍ରସିଦ୍ଧ ହୋଇସାରିଥିଲେ ବିରଞ୍ଚି ନାରାୟଣ ଭାବରେ। ଶାନ୍ତି ପର୍ବରେ କୋଣାର୍କ ତୀର୍ଥ ମାହାତ୍ମ୍ୟ ସ୍ଥାନ ପାଇଛି। ସେଥିରେ ବର୍ଣ୍ଣିତ ଅଛି-'ସପ୍ତମୀ ପ୍ରାତକାଳେ ମଉଦଧିରେ ସ୍ନାହାନ, ଚନ୍ଦ୍ରଭାଗାୟେ ସ୍ଥାନେ ଅର୍କବଟ ଯେ ଦ୍ରଶନ। ସେଠାରେ ମହାପାତକ ନାଶଯାଇ ବିଦ୍ୟମାନ।।'

ମହୋଦଧିରେ ସ୍ନାନ କରି ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ। ଲବଣ ଜଳ ପରେ ମଧୁର ଜଳରେ। ମନେହୁଏ 'ସ୍ନାନ' ଶବ୍ଦ ସ୍ଥାନରେ 'ସ୍ଥାନେ' ହୋଇଅଛି। ଅର୍କବଟ ଚନ୍ଦ୍ରଭାଗାର କେଉଁଠି ଥିଲା ଚିହ୍ନିତ ହୋଇନାହିଁ। ପ୍ରତିଦିନ ମହାଭାସ୍କରଙ୍କ ଉପାସନା ସହିତ 'ଅର୍କବଟ' ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଥିଲେ, ତେଣୁ ଶ୍ରୀପଦ୍ମକେଶର ମନ୍ଦିରଠାରୁ ବେଶୀ ଦୂରରେ ଅର୍କବଟ ନ ଥିବେ। ଅର୍କ ଦୈତ୍ୟକୁ ବିରଞ୍ଚି ନାରାୟଣ ନାଶ କରିଥିଲେ ବୋଲି ସାରଳା ଦାସ ଲେଖିଛନ୍ତି-'ଅଗସ୍ତି ବୋଲନ୍ତି ଜମ୍ବୁଦ୍ୱୀପ ଅଗ୍ନିକୋଣେ। ଅର୍କ ଦତ୍ୟ କଇଂ ନାଶିଲେ ବିରଞ୍ଚି ନାରାୟଣେ।।' ଜମ୍ବୁ ଦ୍ୱୀପର ଅଗ୍ନିକୋଣରେ ଅର୍କଦୈତ୍ୟ ବିନାଶ ହୋଇଥିଲା। ମନେହୁଏ ସେଥିପାଇଁ ଅର୍କକ୍ଷେତ୍ର ଏବଂ କୋଣାଦିତ୍ୟର ପରିଭାଷା ସକାଶେ ଅଗ୍ନିକୋଣ ଶବ୍ଦ ପ୍ରୟୋଗ ହୋଇଅଛି। କୋଣାର୍କଠାରେ ମହାଭାସ୍କରଙ୍କ ଦର୍ଶନ ବିଧି ମଧ୍ୟ ସାରଳା ଦାସ ଲେଖିଛନ୍ତି।

'ମଉଦଧିରେ ସ୍ନାନ କରି ଚନ୍ଦ୍ରଭାଗାରେ ସ୍ନାନ। ବଟ ପ୍ରଦକ୍ଷିଣ କରି କଲା କୋଣାର୍କ ଦ୍ରଶନ।।' ପଦ୍ମକ୍ଷେତ୍ରରେ ଅର୍କବଟ ପ୍ରଦକ୍ଷିଣ ବିଧି ରହିଥିଲା, ଏଥିରୁ ଆମେ ଜାଣୁଛେ। ତେଣୁ ପଦ୍ମକ୍ଷେତ୍ର କୋଣାର୍କ ଶହ ଶହ ବର୍ଷ ଧରି ଓଡ଼ିଆଙ୍କର ଆସ୍ଥା ଓ ବିଶ୍ୱାସର କ୍ଷେତ୍ର ଥିଲା। ଗାଁ ଗହଳିଠାରୁ ସହର (ସେତେବେଳେ ସହର ମଧ୍ୟ ଏକ ବଡ଼ ଗାଁ ପରି ଥିଲା) ପର୍ଯ୍ୟନ୍ତ ସଭିଙ୍କର ଥରେ ଚନ୍ଦ୍ରଭାଗାରେ ବୁଡ଼ ପକାଇବା, ସ୍ଥଳଭାଗ ଓ ମହୋଦଧିର ଜଳଭାଗରୁ ଉଦିତ ଆଦିତ୍ୟଙ୍କୁ ଦର୍ଶନ କରିବା, ଅର୍କବଟ ପ୍ରଦକ୍ଷିଣ କରିବା ଓ ମହାଭାସ୍କରଙ୍କ ଶ୍ରୀପଦ୍ମକେଶର ମନ୍ଦିରରେ ଦର୍ଶନ କରିବା ଅଭିଳାଷ ଥିଲା। ୫୦ ବର୍ଷ ତଳେ କୋଣାର୍କକୁ ଯିବା ଆସିବାର ସେମିତି ସୁବିଧା ନ ଥିଲା। ତା' ପୂର୍ବ ଚିନ୍ତା କରିବା କଥା...। ନଈନାଳ ଡେଇଁ ବାଲିପନ୍ତରା, ଝାଉଁ, ଲଙ୍କାଆମ୍ବ ଜଙ୍ଗଲ ମଧ୍ୟରେ ମାଘ ସପ୍ତମୀର ଦୁଇଦିନ ଆଗରୁ ଯାତ୍ରା ଆରମ୍ଭ କରୁଥିଲେ। ଶଗଡ଼ଗାଡ଼ି, ତଳେ ଓହଳିଥିବ ଲଣ୍ଠନ, ବଳଦଙ୍କ ବେକରେ ଘଣ୍ଟିଘାଗୁଡ଼ି, ସାଙ୍ଗରେ ଥିବେ ଦୁଇଜଣ ଶଗଡ଼ିଆ। ବଳଦଙ୍କ ଖାଇବା କୁଣ୍ଡ ଓ ଦାନା। ଚୁଡ଼ା, ଗୁଡ଼ ଓ ନଡ଼ିଆ। କେହି ପାଚିଲା କଦଳୀ ନେଉଥିଲେ। ପିଲାଏ ଗୋଡ଼ କ'ଣ ହୋଇଗଲେ ଥୋକାଏ ବାଟ ଶଗଡ଼ରେ ବସିବେ। ମାଇପେ ମଧ୍ୟ ପାଳିକରି ବସିବେ। ପୂର୍ବଦିନ ସନ୍ଧ୍ୟାରେ ଚନ୍ଦ୍ରଭାଗାରେ ପହଞ୍ଚିବାକୁ ପଡୁଥିଲା। ବିଜୁଳି ଆଲୁଅ ସପନ ତଥାପି ହଜାର ହଜାର ଲୋକ ଶୃଙ୍ଖଳାର ସହିତ ବୁଡ଼ ପକାଇ ଫେରୁଥିଲେ। କେବଳ ଆସ୍ଥା ଓ ବିଶ୍ୱାସରେ ନାଁ...। ଫେରିଆସି କହୁଥିଲେ- 'ସାତଥର ଯିବ ଗଙ୍ଗା, ଥରେ ଯାଇଥିବ ଚନ୍ଦ୍ରଭାଗା ମୁହଁ ପଡ଼ିଯିବ ରଙ୍ଗା।' ସଂପ୍ରୀତିର ରହସ୍ୟ ଇୟେ... ଅନୁରାଗ, ସଦ୍‌ଭାବନା ଓ ଉଲ୍ଲାସର ମନୋବିଜ୍ଞାନ କଥା।


ଚନ୍ଦ୍ରଭାଗା କୂଳରେ ପୂର୍ବଦିନ ରାତ୍ରି


(ଫଟୋ: ଜ୍ୟୋତିରାଜ ମହାନ୍ତି)

ଧରିତ୍ରୀ
DHARITRI
ସୋମବାର, ୧୧ ଅକ୍ଟୋବର, ୨୦୨୧

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। – ଶ୍ରୀମା



# ଗମ୍ଭୀର ହୋଇ ସମ୍ଭାଳ

ଗତ ସପ୍ତାହରେ ଶ୍ରୀନଗର ଉପକଣ୍ଠ ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ସ୍କୁଲ ପରିସରରେ ଏହାର ପ୍ରିନ୍ସିପାଲ ଓ ଜଣେ ଶିକ୍ଷକଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିଲେ। ପ୍ରିନ୍ସିପାଲ ସୁପିନ୍ଦର କୌର ଶିଖ୍ ହୋଇଥିବା ବେଳେ ଶିକ୍ଷକ ଦୀପକ ଚାନ୍ଦ କଶ୍ମୀରୀ ପଣ୍ଡିତ। ଏକ ସପ୍ତାହ ମଧ୍ୟରେ ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଅର୍ଥାତ୍ ହିନ୍ଦୁ ଓ ଶିଖ୍‌ର ୪ ଜଣଙ୍କୁ ହତ୍ୟା କରାଯିବା ପରେ ଜମ୍ମୁ ଓ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥା କୌଣସି ଭାବେ ନିୟନ୍ତ୍ରିତ ହୋଇପାରୁ ନାହିଁ ବୋଲି ଏବେ ବୁଝାପଡୁଛି। ୫ ଅଗଷ୍ଟ ୨୦୧୯ରେ ଯେତେବେଳେ ଜମ୍ମୁ ଓ କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଅନୁଯାୟୀ ଦିଆଯାଇଥିବା ମାନ୍ୟତା ପ୍ରତ୍ୟାହାର କରାଗଲା, ସେତେବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଆତଙ୍କବାଦ କାର୍ଯ୍ୟକଳାପ କମାଇବାରେ ଏହା ସହାୟକ ହେବ। ଉଲ୍ଲେଖଯୋଗ୍ୟ, ୮ ନଭେମ୍ବର ୨୦୧୬ରେ କରାଯାଇଥିବା ବିମୁଦ୍ରୀକରଣର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦାବି ଥିଲା ଯେ, ପୁରୁଣା ଟଙ୍କା ଯୋଗୁ ଆତଙ୍କବାଦ ବ୍ୟାପୁଛି। ଅର୍ଥାତ୍ ନୂଆ ଟଙ୍କା ଛପା ହେଲେ ସେହି କାର୍ଯ୍ୟ ବନ୍ଦ ହେବ। ଏବେ ୨୦୨୧ରେ ମଧ୍ୟ ଭାରତରେ ଆତଙ୍କବାଦର କଳାଛାୟା ଦେଖିବାକୁ ମିଳୁଛି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସୁପ୍ରଶାସନ ପାଇଁ ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭାଗ କରିଦିଆଗଲା। ତାହା ହେଲା ଜମ୍ମୁ ଓ କଶ୍ମୀର ଏବଂ ଅନ୍ୟଟି ଲଦାଖ। ରାଜ୍ୟ ସରକାରଙ୍କୁ ବରଖାସ୍ତ କରାଯାଇ ବିଧାନସଭାକୁ ଭଙ୍ଗ କରାଗଲା। ରାଜନୈତିକ ବ୍ୟକ୍ତିମାନଙ୍କୁ କାରାଗାରରେ ରଖାଗଲା। କିନ୍ତୁ ସେହିସବୁ କାର୍ଯ୍ୟାନୁଷ୍ଠାନରୁ ସକାରାତ୍ମକ ଫଳ ମିଳିଥିଲା ଭଳି ମନେହେଉନାହିଁ। ଏହିସବୁ କାର୍ଯ୍ୟାନୁଷ୍ଠାନକୁ ବଳବତ୍ତର ରଖିବା ପାଇଁ ଅନେକ ସେନା ମୁତୟନ କରାଯାଇଛି। ସେଥିପାଇଁ ଜାତୀୟ ରାଜକୋଷ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଦୁଃଖର ବିଷୟ ଯେ, ସାଧାରଣ ନାଗରିକ ଏ ସମ୍ପର୍କରେ କୌଣସି ତଥ୍ୟ ହାସଲ କରିବା ଅସମ୍ଭବ ହୋଇପଡୁଛି।

୩୭୦ ଉଚ୍ଛେଦ ପରେ ଅଭିଯୋଗ ହୋଇଥିଲା ଯେ, ସେନା ପକ୍ଷରୁ ସେଠାରେ ମାନବ ଅଧିକାର କ୍ଷୁଣ୍ଣ କରାଯାଉଛି। ଏଭଳି ଅଭିଯୋଗକୁ କେନ୍ଦ୍ର କର୍ଣ୍ଣପାତ କରି ନ ଥିଲା। ଏବେ ଯେତେବେଳେ ସେଠାକାର ଶିଖ୍ ଓ ହିନ୍ଦୁଙ୍କ ଉପରେ ଅତ୍ୟାଚାର ହେଲା ତାହା ଗଣମାଧ୍ୟମରେ ଅଧିକ ପ୍ରଚାର କରାଯାଉଛି। ଏଥିରୁ ମନେହେଉଛି, ଏହି ପ୍ରଚାର କେବଳ ରାଜନୈତିକ ଲାଭ ଉଠାଇବା ପାଇଁ ଅଭିପ୍ରେତ। କିନ୍ତୁ ବାସ୍ତବରେ ସ୍ଥାନୀୟ ହିନ୍ଦୁ ଓ ଶିଖ୍‌ବାସିନ୍ଦାଙ୍କ ସୁରକ୍ଷା ପ୍ରତି ସରକାର କୌଣସି ଦୃଷ୍ଟି ଦେଇପାରୁ ନାହାନ୍ତି। ଗୋଟିଏ ସ୍କୁଲ ଭିତରେ ମୁସଲମାନ, ହିନ୍ଦୁ ଓ ଶିଖ୍ ସମ୍ପ୍ରଦାୟର ଶିକ୍ଷକ ଥିବା ବେଳେ ବାଛିକରି କୌର ଓ ଚାନ୍ଦଙ୍କୁ ହତ୍ୟା କରାଯାଇଛି। ଶୁଣିବାକୁ ମିଳୁଛି ଗତ କିଛି ଦିନ ହେବ କଶ୍ମୀରୀ ପଣ୍ଡିତଙ୍କ ଉପରେ ଅତ୍ୟାଚାର କରାଯାଉଥିବାରୁ ଅନେକେ ଉପତ୍ୟକା ବାହାରକୁ ପଳାଇଯିବାକୁ ବ୍ୟାଗ୍ ବାନ୍ଧିଲେଣି। ଉଲ୍ଲେଖଯୋଗ୍ୟ ଯେ, ୧୯୯୦ ଦଶନ୍ଧିରେ କଶ୍ମୀରୀ ପଣ୍ଡିତମାନଙ୍କୁ ମୁସଲମାନ ଆତଙ୍କବାଦୀ ଧମକାଇ ଭିଟାମାଟି ଛାଡ଼ିବାକୁ ବାଧ କରିଥିଲେ। ସେତିକି ବେଳେ ପଣ୍ଡିତମାନେ ବହୁସଂଖ୍ୟାରେ ନିଜ ଘରଦ୍ୱାର ଛାଡ଼ି ଭାରତର ଅନ୍ୟ ସ୍ଥାନକୁ ଜୀବନ ବିକଳରେ ପଳାଇ ଯାଇଥିଲେ। ସେତେବେଳେ କେନ୍ଦ୍ରରେ ଏକ ଅତ୍ୟନ୍ତ ଦୁର୍ବଳ କଂଗ୍ରେସ ସରକାର ଗାଦିରେ ଥିବାରୁ ଭାରତର ସୁରକ୍ଷାବାହିନୀ ତରଫରୁ କୌଣସି ପ୍ରତିକ୍ରିୟାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ମୋଦିଙ୍କ ନେତୃତ୍ୱରେ ଭାଜପା ସରକାର ଗଠନ ହେବା ପରେ କଶ୍ମୀରରେ ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହେଲା ବୋଲି ଦେଶବାସୀ ଚିନ୍ତା କଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ସେହି ଧାରଣା ଦୃଢ଼ୀଭୂତ ହୋଇଥିଲା। ଭାଜପା ସମର୍ଥକମାନେ ଦାବି କରିବା ଆରମ୍ଭ କଲେ ଯେ, ମୋଦିଙ୍କ ସମୟରେ କଶ୍ମୀରୀ ପଣ୍ଡିତମାନେ ନିଜ ଘରକୁ ଫେରିଯାଇପାରିବେ। ଜମ୍ମୁ ଓ କଶ୍ମୀର ଏବେ କେନ୍ଦ୍ର ଶାସିତ ଅଞ୍ଚଳ। ଏହାର ରାଜଧାନୀ ଶ୍ରୀନଗର ଉପକଣ୍ଠ ସରକାରୀ ବିଦ୍ୟାଳୟର ସଂଖ୍ୟାଲଘୁ ହିନ୍ଦୁ ଓ ଶିଖ୍ ଶିକ୍ଷକଙ୍କୁ ମାରିବା ପଛରେ ଏକ ବିରାଟ ବାର୍ତ୍ତା ରହିଛି। ଏହା ଭାରତର ସମଗ୍ର ବ୍ୟବସ୍ଥା ପ୍ରତି ଏକ ଧମକ। ଅବଶ୍ୟ ବିରୋଧୀ ଦାବି କରିପାରନ୍ତି ଯେ, ଏହି ସମୟରେ ଶ୍ରୀନଗରର ହିନ୍ଦୁ ବିରୋଧୀ ଘଟଣା ରାଜନୈତିକ ଦୃଷ୍ଟିକୋଣରୁ ପ୍ରଚାରିତ ହୋଇଛି। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ଏହିଭଳି ହିନ୍ଦୁବିରୋଧୀ ହିଂସା ଉସୁକା ଯାଇଥାଇପାରେ ବୋଲି ଦାବି ହୋଇପାରେ। ଏପରି କି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ପୁଲ୍‌ୱାମା ଯେଉଁଭଳି ରାଜନୈତିକ ସୁଫଳ ଆଣିଦେଇଥିଲା, ଏବେ ଅନୁରୂପ ପ୍ରଭାବ ଉତ୍ତରପ୍ରଦେଶ ନିର୍ବାଚନ ଉପରେ ପଡ଼ିପାରେ ବୋଲି କୁହାଯାଇପାରେ। କିନ୍ତୁ ସବୁ ହିଂସାକୁ ରାଜନୈତିକ ମୋଡ଼ ଦେବା ଅନୁଚିତ। ଦେଶର ହିତକୁ ସର୍ବୋଚ୍ଚରେ ରଖି ପ୍ରତ୍ୟେକ ନାଗରିକର ସୁରକ୍ଷା ହେଉଛି ସରକାରଙ୍କ ମୁଖ୍ୟ ଦାୟିତ୍ୱ। ଅନ୍ୟପକ୍ଷରେ ତାଲିବାନ୍ ଆଫଗାନିସ୍ତାନ ଅକ୍ତିଆର କରିବା ପରେ ଏହା କଶ୍ମୀର ମୁସଲମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବ ବୋଲି କହିଥିଲା। ଏବେ ଶ୍ରୀନଗରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବା ଦିଗରେ ତାଲିବାନ୍‌ର ହାତ ରହିଛି କି ନାହିଁ ତାହା କହିବା କଷ୍ଟକର। ତଥାପି ତାଲିବାନ୍‌ର ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ କଶ୍ମୀର ଏବେ ଆଭ୍ୟନ୍ତରୀଣ ପୋଲିସ ସମସ୍ୟା ହୋଇ ରହିଲା ନାହିଁ। ଏହା ଏକ ଅନ୍ତର୍ଜାତୀୟ ବିବାଦ ଆଡ଼କୁ ଟାଣି ହୋଇଯାଉଛି। ଭାରତ ସରକାର ଏହାକୁ ଗମ୍ଭୀରତାର ସହିତ ସମ୍ଭାଳିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | 4 | | 6 |
| | 8 | | | | 2 | | | 7 |
| | | | | 6 | | 8 | | 2 |
| 9 | | | | | | | | 8 |
| 8 | | | | | | | | |
| 7 | 3 | | 2 | | | | | |
| 3 | | | | 5 | 8 | | 1 | |
| 4 | | 5 | | 3 | | | | |
| | | | 1 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 5 | 6 | 3 | 7 | 1 | 4 | 9 |
| 3 | 9 | 7 | 5 | 4 | 1 | 8 | 2 | 6 |
| 6 | 1 | 4 | 8 | 2 | 9 | 3 | 7 | 5 |
| 4 | 3 | 2 | 7 | 1 | 5 | 6 | 9 | 8 |
| 7 | 8 | 1 | 9 | 6 | 3 | 4 | 5 | 2 |
| 9 | 5 | 6 | 4 | 8 | 2 | 7 | 3 | 1 |
| 1 | 6 | 9 | 2 | 7 | 4 | 5 | 8 | 3 |
| 2 | 7 | 3 | 1 | 5 | 8 | 9 | 6 | 4 |
| 5 | 4 | 8 | 3 | 9 | 6 | 2 | 1 | 7 |

ଗତକାଲିର ଉତ୍ତର

# ଧନୀଙ୍କ ଘୃଣ୍ୟ ଚେହେରା



ଡ. ସନ୍ତୋଷ କୁମାର ମହାପାତ୍ର

ଧନୀ ହେବା, ଅର୍ଥ ଅର୍ଜନ କରିବା ଓ ସମ୍ପଦ ବୃଦ୍ଧି କରିବା କିଛି ଭୁଲ୍ ନୁହେଁ। ଅର୍ଥ ଓ ସମ୍ପଦ ଥିଲେ ଜଣେ ଅନ୍ୟକୁ ସାହାଯ୍ୟ କରିପାରିବ। ଅର୍ଥ ନ ଥିଲେ, ଜଣେ ଚାହିଁଲେ ବି ସାହାଯ୍ୟ କରିପାରିବ ନାହିଁ। ଜଣେ ସାଧୁ, ସତ୍ ଉପାୟରେ ଅର୍ଥ ଅର୍ଜନ କରିବା ସହିତ ଆବଶ୍ୟକ ଟିକସ ଦେବା ଉଚିତ ଓ ସେମାନେ ମଧ୍ୟ ଏହା ଦେଉଛନ୍ତି। କିନ୍ତୁ ତାହା ଧନିକଶ୍ରେଣୀ, ରାଜନେତା, କ୍ଷମତାଶାଳୀ, ଶିଳ୍ପପତି, ପୁଞ୍ଜିପତି ଓ ସେଲିବ୍ରିଟିମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳେନା। ଏମାନେ ସର୍ବଦା ଗରିବ, ସାଧାରଣ ଜନତାଙ୍କୁ ଦେଶସେବା, ଜୀବନର ଆଦର୍ଶ, ତ୍ୟାଗ, ବଳିଦାନର ନୀତିଶିକ୍ଷା ଦେଇଥାନ୍ତି, କିନ୍ତୁ ବାସ୍ତବରେ ଠିକ ଓଲଟା କରିଥାନ୍ତି। ଏମାନେ ହଜାର ହଜାର କୋଟି ଟଙ୍କା ଅନ୍ୟାୟ, ଅସତ୍ୟ ଉପାୟରେ ଅର୍ଜନ କରନ୍ତି, ଟିକସ ଫାଙ୍କନ୍ତି, ବିଦେଶରେ କଳାଟଙ୍କା ଗଚ୍ଛିତ ରଖନ୍ତି, କିନ୍ତୁ ସେହି କଳାଟଙ୍କାର କିଛି ଅଂଶ ପୁରସ୍କାର ବା ଅନ୍ୟ କିଛି କାର୍ଯ୍ୟରେ ବିନିଯୋଗ କରି ଦେଶବାସୀଙ୍କ ଆଗରେ ସମାଜସେବୀ ଭାବେ ପରିଚିତ ହୁଅନ୍ତି। ବିଭିନ୍ନ ପୁରସ୍କାର ପାଆନ୍ତି। ବିନା ବାଧାରେ ନିଜର କଳା ସାମ୍ରାଜ୍ୟ ବିସ୍ତାର କରନ୍ତି, କ୍ଷମତା ଉପଭୋଗ କରନ୍ତି। ଯେପରି ସେମାନେ ସରକାରଙ୍କ ଚକ୍ଷୁଶୂଳ ନ ହେବେ, ଆଇନ ଦ୍ୱାରା ଦଣ୍ଡିତ ନ ହେବେ, ଅନ୍ଧାଧୁନ୍ଦିଆଭାବେ ସରକାରଙ୍କ ଜନବିରୋଧୀ ନୀତି ସପକ୍ଷରେ କୁହନ୍ତି, ଲେଖନ୍ତି, ଟୁଇଟ୍ ମଧ୍ୟ କରନ୍ତି। ଏପରି କି ବିଭିନ୍ନ ରାଜନୈତିକ ଦଳ ବିଶେଷକରି କ୍ଷମତାରେ ଥିବା ଦଳ, ବିଭିନ୍ନ ନେତାଙ୍କୁ ପ୍ରଚୁର ଚାନ୍ଦା ଦିଅନ୍ତି। ଅନ୍ୟ ଅର୍ଥରେ ଧନିକ ଶ୍ରେଣୀ କିପରି କଳାଟଙ୍କା ସୁରକ୍ଷିତ ଭାବେ ଦେଶରେ ବା ଦେଶ ବାହାରେ ରଖିପାରିବେ, ବିଦେଶକୁ ଖସି ପଳାଇବେ, ନିର୍ବାଚନରେ କୋଟି କୋଟି ଟଙ୍କା ବ୍ୟୟ କରିପାରିବେ ତାହାର ବ୍ୟବସ୍ଥା କରାଯାଇଛି।

ଅପରପକ୍ଷରେ, ସାଧାରଣ ଜନତା, ସରକାରୀ ଚାକିରିଆ କିପରି ଏକ ଟଙ୍କା ଟିକସ ଫାଙ୍କି ପାରିବ ନାହିଁ, ସେଥିପାଇଁ ଆଧାର, ପାନ୍ କାର୍ଡ, ମୋବାଇଲ ସଂଯୋଗ କରାଯାଇଛି। ଟିକସ ଦେବାରେ ଟିକେ ଡେରି ହେଲେ ଜରିମାନା ଦେବାକୁ ପଡ଼େ। ସଞ୍ଚୟକାରୀମାନେ ତାଙ୍କ କଷ୍ଟାର୍ଜିତ ସଞ୍ଚୟର ପରିପକ୍ୱ ରାଶି ବା ସୁଧ ଉପରେ ଟିକସ ଦିଅନ୍ତି। ଗରିବ ଏପରି କି ଭିକାରିଟିଏ ମଧ୍ୟ ପରୋକ୍ଷକର ଏବଂ କମ୍ପାନୀଗୁଡ଼ିକର ବିଜ୍ଞାପନ ବାବଦ ବ୍ୟୟ ଦ୍ରବ୍ୟ ବା ସେବା କିଣିଲା ବେଳେ ବହନ କରିଥାଏ। ଚିନ୍ତାର ବିଷୟ ହେଉଛି ଯେତେବେଳେ କିଏ ଧନିକ ଉପରେ ଅଧିକ ଟିକସ ଧାର୍ଯ୍ୟ କରିବା କଥା କୁହେ ବା ତାଙ୍କର ଏହି ଶୋଷଣ, ଠକାମି ବିରୋଧରେ କହେ ତାକୁ ବାମପନ୍ଥୀ କହି ନିନ୍ଦା କରାଯାଏ, ସକାରାତ୍ମକଭାବ ରଖି ପ୍ରଶଂସା କରିବା ପାଇଁ ପରାମର୍ଶ ଦିଆଯାଏ। ଧନୀଙ୍କ ଏହି ଘୃଣ୍ୟ ଚେହେରା ବିଭିନ୍ନ ସମୟରେ ବିଭିନ୍ନ ରିପୋର୍ଟ ଓ ଅନୁସନ୍ଧାନରୁ ଜଣାପଡ଼ିଛି। ୨୦୧୬ରେ ପାନାମା ପେପର୍ସରୁ ମଧ୍ୟ ଜଣାପଡ଼ିଥିଲା। ୨୦୧୬ରେ ପାନାମା ପେପର୍ସ ଜାରି କରିଥିବା 'ଇଣ୍ଟରନ୍ୟାଶନାଲ କନ୍‌ସୋର୍ଟିୟମ ଅଫ ଇନ୍‌ଭେଷ୍ଟିଗେଟିଭ ଜର୍ନାଲିଷ୍ଟସ'(ଆଇସିଆଇଜେ) ସଂସ୍ଥା ପକ୍ଷରୁ ଅକ୍ଟୋବର ୩ ରେ ପ୍ରକାଶ ପାଇଥିବା 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି। ଏଥିପାଇଁ ସାରା ଦୁନିଆର ୧୨ କୋଟି ଦସ୍ତାବିଜକୁ ଯାଞ୍ଚ କରାଯାଇଛି। ୧୧୭ଟି ଦେଶର ୬୦୦ ସାମ୍ବାଦିକ ଏହି ତଦନ୍ତରେ ସାମିଲ ଥିଲେ। ଆର୍ଥିକ କ୍ଷେତ୍ରର ଏହା ସବୁଠୁ ବଡ଼ ପର୍ଦ୍ଦାଫାଶ ବୋଲି ଆଇସିଆଇଜେ ଦାବି କରିଛି। ଏହି ତଥ୍ୟ ୱାଶିଂଟନ ପୋଷ୍ଟ, ବିବିସି, ଦି ଗାର୍ଡିଆନ ଏବଂ ଭାରତରେ ଇଣ୍ଡିଆନ ଏକ୍ସପ୍ରେସ ସମେତ ମିଡିଆରେ ପ୍ରକାଶ ପାଇଥିଲା। ଦୁର୍ନୀତିଠାରୁ ଆରମ୍ଭ କରି ଅର୍ଥ ହେରଫେର, ମନି ଲଣ୍ଡରିଙ୍ଗ (ଅପରାଧଜନିତ ଅର୍ଥକୁ ଆଇନ ଦୃଷ୍ଟିରୁ ଠିକ୍ ଦେଖାଇବା) ଏବଂ ଟିକସ ଏଡ଼ାଇବା, ଟିକସ ଫାଙ୍କିବା ପର୍ଯ୍ୟନ୍ତ ଅଭିଯୋଗ ରହିଛି।

୧୪ଟି କମ୍ପାନୀରୁ ଲକ୍ଷ ଲକ୍ଷ ଲିକ୍ ହୋଇଥିବା ଡକ୍ୟୁମେଣ୍ଟରୁ ଜଣାପଡ଼ିଛି ଯେ ସାରା ଦୁନିଆର ଅନେକ ଚର୍ଚ୍ଚିତ ରାଜନେତା, ବ୍ୟବସାୟୀ, ଶିଳ୍ପପତି, କ୍ରୀଡ଼ା ଏବଂ ମନୋରଞ୍ଜନ ଜଗତର ସେଲିବ୍ରିଟିମାନେ କିପରି ଟ୍ୟାକ୍ସ ହାଭେନ୍ସରେ ଗୁପ୍ତ ସମ୍ପତ୍ତି ରଖିଛନ୍ତି ବା ବେଆଇନ ଉପାୟରେ ନିବେଶ କରି ଟିକସ ଫାଙ୍କିଛନ୍ତି। ପାଣ୍ଡୋରା ପେପର ଭାବରେ ଜଣାଶୁଣା ଏହି ଖୁଲାସାରେ ୨୯ ହଜାର କମ୍ପାନୀ ଓ ଟ୍ରଷ୍ଟର ସନ୍ଧାନ ମିଳିଛି; ଯାହା ବିଦେଶରେ ଗଠନ କରାଯାଇଥିଲା। ଏମାନଙ୍କ ମଧ୍ୟରେ ୩୩୦ ରାଜନେତା ଓ ୧୩୦ ଫୋବର୍ସ ବିଲିଅନେୟାର ମଧ୍ୟ ଅଛନ୍ତି। ଏହା ବ୍ୟତୀତ ମନ୍ତ୍ରୀ, ଅଧିକାରୀ, ବିଚାରପତି, ମେୟର, ସାମରିକ ଜେନେରାଲ ଭଳି ୯୦ ଦେଶର ୩୦୦ ଜଣଙ୍କ ନାଁ ରହିଥିବା କୁହାଯାଉଛି। ଜୋର୍ଡାନର ରାଜା, ୟୁକ୍ରେନ, କେନିଆର ରାଷ୍ଟ୍ରପତି, ଚେକ୍ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏବଂ ବ୍ରିଟିଶର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ପାକିସ୍ତାନର ଅର୍ଥମନ୍ତ୍ରୀ ଶୌକତ ତାରିନଙ୍କ ସମେତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟତମ ଅନେକ ବ୍ୟକ୍ତିଙ୍କ ନାମ ରହିଛି।

'ପାଣ୍ଡୋରା ପେପର୍ସ'ରେ ୩୦୦ରୁ ଅଧିକ ଭାରତୀୟଙ୍କ ନାମ ରହିଛି। କିଛି ପୂର୍ବତନ ସାଂସଦ ତଦନ୍ତ ଏଜେନ୍ସିକୁ ସାମ୍ନା କରୁଥିବା କିଛି ବ୍ୟକ୍ତିଙ୍କ ନାମ ଏହି ରିପୋର୍ଟରେ ରହିଛି। ଏହା ଦର୍ଶାଉଛି କିପରି ବିମୁଦ୍ରୀକରଣ ବିଫଳ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ବ୍ରିଟେନ କୋର୍ଟରେ ଦେବାଳିଆ ଘୋଷିତ ଅନିଲ ଅମ୍ବାନୀ ଓ ତାଙ୍କ ପ୍ରତିନିଧିଙ୍କ ଜର୍ସି, ବ୍ରିଟିଶ ଭର୍ଜିନ ଆଇଲାଣ୍ଡ ଓ ସାଇପ୍ରସ୍‌ରେ ୧୮ଟି ଅଫଶୋର କମ୍ପାନୀ ଅଛି। ୨୦୦୭ ଓ ୨୦୧୦ ମଧ୍ୟରେ ଏହିସମସ୍ତ କମ୍ପାନୀ ଗଠନ କରାଯାଇଥିଲା, ସେଥିମଧ୍ୟରୁ ୭ଟି କମ୍ପାନୀ ଋଣ ନେଇ ୧.୩ ବିଲିୟନ ଡଲାର୍ (୬୯୪୮ କୋଟିରୁ ଅଧିକ ଟଙ୍କା) ବିନିଯୋଗ କରିଛନ୍ତି। ବାୟୋକନର ମୁଖ୍ୟ କିରଣ ମଜୁମଦାର ସ'ଙ୍କ ସ୍ୱାମୀ ଏଭଳି ଜଣେ ବ୍ୟକ୍ତିଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରିଛନ୍ତି; ଯାହାଙ୍କ ଉପରେ ଇନ୍‌ସାଇଡର୍ ଟ୍ରେଡିଂ ଅଭିଯୋଗରେ ସେବି ପ୍ରତିବନ୍ଧକ ଲଗାଇଥିଲା। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରେ ହୋଇଥିବା ୧୪ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଭାରତ ଛାଡ଼ି ଏକ ମାସ ପୂର୍ବରୁ ତାଙ୍କ ଭଉଣୀ ମଧ୍ୟ ଏକ ଟ୍ରଷ୍ଟ ଗଠନ କରିଥିଲେ ବୋଲି ଜଣାପଡ଼ିଛି। ପାନାମା ଲିକ୍ ପରେ କ୍ରିକେଟ କିମ୍ବଦନ୍ତୀ ଓ ଭାରତରତ୍ନପ୍ରାପ୍ତ ସଚିନ ତେନ୍ଦୁଲକର ପାନାମା ପେପର ଖୁଲାସା ହେବାର ମାତ୍ର ତିନି ମାସ ପରେ ବ୍ରିଟିଶ ଭର୍ଜିନ ଦ୍ୱୀପପୁଞ୍ଜରେ ନିଜର ଅଂଶ ବିକ୍ରି କରିଦେଇଥିଲେ ବୋଲି କୁହାଯାଉଛି। ପାନାମା ପେପରରେ ଅମିତାଭ ବଚ୍ଚନଙ୍କ ନାମ ଥିଲା। ଅନିଲ ଅମ୍ବାନୀ ଓ ନୀରବ ମୋଦିଙ୍କ ନାମ ଅନ୍ତର୍ଭୁକ୍ତ ହେବା ଦର୍ଶାଉଛି ଯେ, କିପରି ଶିଳ୍ପପତିମାନେ ବ୍ୟାଙ୍କରୁ ଋଣ ନେଇ ନ ଶୁଝି, ସେହି ଅର୍ଥକୁ ଏହିପରି ଟିକସ ଭୂସ୍ୱର୍ଗ ରଖୁଛନ୍ତି ବା ଅନ୍ୟତ୍ର ରଖୁଛନ୍ତି ଯେପରି ଉଦ୍ଧାର କରିହେବ ନାହିଁ।

ଟ୍ୟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ବା ଟିକସ ଆଶ୍ରୟସ୍ଥଳୀ ବା ଦରିଆପାରି ଆର୍ଥିକ କେନ୍ଦ୍ର ହେଉଛି କ୍ଷୁଦ୍ର ଦେଶ, ଯେଉଁଠି ବିଦେଶୀ ନିବେଶକଙ୍କ ପାଇଁ ପ୍ରଭାବୀ ଟିକସ ହାର ବହୁତ କମ୍। ଯେଉଁଠି ବାହାର ଲୋକଙ୍କୁ ବା ନିବେଶକଙ୍କୁ ସେଠାରେ ସହଜରେ ବ୍ୟବସାୟ କରିବାକୁ ଅନୁମତି ଦିଆଯାଇଥାଏ। ନିବେଶକଙ୍କ ନାମ ଲୁକ୍କାୟିତ ରଖାଯାଏ। ବିଶ୍ୱରେ ଏହିପରି ପ୍ରାୟ ୧୩୩ଟି ଦେଶ ରହିଛି। ସେଠାରେ କର୍ପୋରେଟ ଟ୍ୟାକ୍ସ, ପୁଞ୍ଜି ଲାଭ କର ନ ଥାଏ ବା ବହୁତ ଅଳ୍ପ ଥାଏ। ସେହିସବୁ ଟ୍ୟାକ୍ସ ହାଭେନ୍ସରେ ଅନେକ ଶେଲ କମ୍ପାନୀ ଖୋଲି କଳା ଟଙ୍କା ରଖନ୍ତି ବା ନିଜର ବ୍ୟବସାୟ କରନ୍ତି। ଶେଲ କମ୍ପାନୀ କାହାର, ତା'ର ମାଲିକ କିଏ, କିଏ ନିର୍ଦ୍ଦେଶକ, ତାହାର ପତ୍ତା ନ ଥାଏ। ଏହା ଏପରି କି କାଗଜ କଲମରେ ମଧ୍ୟ ନ ଥାଏ। ସେଠାରେ ସବୁ ବଡ଼ ରାଷ୍ଟ୍ରମୁଖ୍ୟ, ରାଜନେତା, ଶିଳ୍ପପତି, ପୁଞ୍ଜିପତି, ଧନିକ ଶ୍ରେଣୀ, ସିଲିବ୍ରିଟି ତାଙ୍କ କଳା ଟଙ୍କା ରଖିଥାନ୍ତି। ସେହିପରି ଅଧିକାଂଶ ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କର ସହାୟକ କମ୍ପାନୀ ସେଠାରେ ଖୋଲନ୍ତି। ସେମାନେ ନିଜ ଦେଶରେ ମୂଳ କମ୍ପାନୀର ଅଧିକ ଖର୍ଚ୍ଚ, କମ୍ ଲାଭ ଦେଖାନ୍ତି, କିନ୍ତୁ ଟ୍ୟାକ୍ସ ହାଭେନ୍ସରେ ଥିବା ସହାୟକ କମ୍ପାନୀର ରେକର୍ଡରେ କମ୍ ଖର୍ଚ୍ଚ, ଅଧିକ ଲାଭ ଦେଖାନ୍ତି; ଯାହାଫଳରେ ବହୁତ କମ୍ ଟିକସ ଦେଇଥାନ୍ତି।

ଟିକସ ଭୂସ୍ୱର୍ଗ ଯୋଗୁ ବିଶ୍ୱର ବିଭିନ୍ନ ସରକାରମାନେ ମୋଟ ଉପରେ ବର୍ଷକୁ ୫୦୦ ବିଲିୟନରୁ ୬୦୦ ବିଲିୟନ ଡଲାର କର୍ପୋରେଟ ଟିକସ ଏବଂ ୨୦୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ଆୟକର ହରାଉଛନ୍ତି। ଉନ୍ନତ ଦେଶ ତୁଳନାରେ ସ୍ୱଳ୍ପ ଆୟକାରୀ ଦେଶ ବେଶି ହରାଉଛନ୍ତି। ଏହି ଟିକସ ଭୂସ୍ୱର୍ଗରେ ଆମେରିକୀୟ ଫର୍ଚ୍ୟୁନ ୫୦୦ କମ୍ପାନୀ ୨୦୧୭ ସୁଦ୍ଧା ଆନୁମାନିକ ୨.୬ ଟ୍ରିଲିୟନ ଡଲାର୍ ରଖିଥିଲେ। କର୍ପୋରେଟରମାନେ କେବଳ ହିତାଧିକାରୀ ନୁହନ୍ତି। ବରେଲିସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଗାବ୍ରିଏଲ ଜୁକମ୍ୟାନ (୨୦୧୭ ) ଆକଳନ କରିଛନ୍ତି ଯେ, ଲୋକମାନଙ୍କର ଟ୍ୟାକ୍ସ ଆଶ୍ରୟସ୍ଥଳୀରେ ୮.୭ ଟ୍ରିଲିୟନ ଡଲାର୍ ରହିଛି। ଅର୍ଥନୀତିଜ୍ଞ ତଥା ଆଇନଜୀବୀ ଜେମ୍ସ ଏସ ହେନେରୀଙ୍କ (୨୦୧୬) ଆକଳନ ଅନୁଯାୟୀ ଏହା ମୋଟ ୩୬ ଟ୍ରିଲିୟନ ଡଲାର୍। ଅବସରପ୍ରାପ୍ତ ଆଇଆଇଏମ୍ (ବାଙ୍ଗାଲୋର) ପ୍ରଫେସର ଆର. ବୈଦ୍ୟନାଥନଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ 'ବ୍ଲାକ ମନି ଏବଂ ଟ୍ୟାକ୍ସ ହାଭେନ୍ସ' (୨୦୧୭) ଅନୁସାରେ ଭାରତରେ କଳା ଟଙ୍କା ପରିମାଣ ୧୫ ଲକ୍ଷ କୋଟି ଟଙ୍କା ହୋଇଥିଲାବେଳେ ବିଦେଶର ଟିକସ ଆଶ୍ରୟସ୍ଥଳୀରେ ଭାରତୀୟମାନଙ୍କର ୬୫ ଲକ୍ଷ କୋଟି ଟଙ୍କା ରହିଛି। ଏହା ଉପରେ ସରକାର କୌଣସି ଟିକସ ପାଉନାହାନ୍ତି। ଅନେକ ଟ୍ୟାକ୍ସ ହାଭେନ୍ସରେ ନିବେଶକୁ ବେଆଇନ ନୁହେଁ ବୋଲି କହିଥାନ୍ତି। କିନ୍ତୁ ଏହା ଅନୈତିକ, ଦେଶର ସ୍ୱାର୍ଥ ବିରୋଧୀ। ଦେଶ, ଜନତାକୁ ଭଲ ପାଉଥିବା କୌଣସି ବ୍ୟକ୍ତି ଏହି କାର୍ଯ୍ୟ କରିବ ନାହିଁ। ଏଣୁ ଏହି ଟ୍ୟାକ୍ସ ହାଭେନ୍ସ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ ଆବଶ୍ୟକ।

ମୋ: ୯୪୩୭୨୦୮୭୬୨

# ସଙ୍କଟରେ ଶିକ୍ଷା



ରବିନାରାୟଣ ସାମଲ

ସ୍ୱାଧୀନୋତ୍ତର ଭାରତବର୍ଷରେ ଶିକ୍ଷାର ସଂସ୍କାର ନିମିତ୍ତ ଅନେକ କମିଶନ ବସିସାରିଛି। ମାତ୍ର କମିଶନଙ୍କ ସୁପାରିସ କାର୍ଯ୍ୟକାରୀ ହେବା ପରିବର୍ତ୍ତେ ଶୀତଳଭଣ୍ଡାରକୁ ଚାଲିଯାଇଛି। ପ୍ରବର୍ତ୍ତିତ ଜାତୀୟ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରକୁ ସମ୍ପ୍ରସାରିତ କରିବା ପରିବର୍ତ୍ତେ ଅଧିକ ସଂକୁଚିତ କରିଛି। ଦେଶରେ ଶିକ୍ଷିତ-ଅର୍ଦ୍ଧ ଶିକ୍ଷିତ ସୃଷ୍ଟି କରିଛି, ଥିଲାବାଲା-ନଥିଲାବାଲା ସୃଷ୍ଟି କରିଛି, ଶୋଷକ ଓ ଶାସକ ସୃଷ୍ଟି କରିଛି। ଶିକ୍ଷା ଏକ ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ବିଷୟ। ମାତ୍ର ନୂତନ ଶିକ୍ଷାନୀତି-୨୦୨୦ରେ ରାଜ୍ୟର ଭୂମିକାକୁ ନ୍ୟୁନ କରି କେନ୍ଦ୍ର ହାତରେ ଅଧିକ କ୍ଷମତା ଠୁଳ କରିବାକୁ ନରେନ୍ଦ୍ର ମୋଦିଙ୍କ ସରକାର ଚେଷ୍ଟା କରିଛନ୍ତି। ଏହାର ଅପ୍ରୀତିକର ଫଳ ଦେଖିବାକୁ ମିଳିଛି ତାମିଲନାଡୁରେ। ମେଡିକାଲ କଲେଜରେ ନାମଲେଖା ପାଇଁ କେନ୍ଦ୍ର ସରକାର ପ୍ରବର୍ତ୍ତିତ କରିଥିବା ସର୍ବଭାରତୀୟ ନିଟ୍ ପରୀକ୍ଷାକୁ ପ୍ରତ୍ୟାଖ୍ୟାନ କରି ତାମିଲନାଡୁ ବିଧାନସଭାରେ ଏକ ବିଲ୍ ପାସ୍ ହୋଇଛି। ନିଟ୍ ମାଧ୍ୟମରେ ନୁହେଁ, +୨ ମାର୍କକୁ ବିଚାରକୁ ନେଇ ମେଡିକାଲ କଲେଜରେ ନାମଲେଖା ଯିବ ବୋଲି ସ୍ଥିର ହୋଇଛି। କେବଳ ତାମିଲନାଡୁ ନୁହେଁ; ଆନ୍ଧ୍ର, ଗୁଜରାଟ ଓ ମହାରାଷ୍ଟ୍ର ମଧ୍ୟ କେନ୍ଦ୍ର ସରକାରଙ୍କ ନିଟ୍ ପରୀକ୍ଷାକୁ ବିରୋଧ କରିଛନ୍ତି। ସାମ୍ବିଧାନିକ ପ୍ରତିବନ୍ଧକ ଏଡ଼ାଇବାକୁ କେନ୍ଦ୍ର ସରକାର ନିଟ୍ ପରି କେତେଗୁଡ଼ିଏ ସର୍ବଭାରତୀୟ ପ୍ରତିଷ୍ଠାନ ଗଠନ କରି ରାଜ୍ୟଗୁଡ଼ିକର କ୍ଷମତାକୁ ସଂକୁଚିତ କରିବାକୁ ଚେଷ୍ଟା କରିଛନ୍ତି।

ଆଉ ଏକ ଘଟଣା ସାରା ଦେଶରେ ବର୍ତ୍ତମାନ ଚର୍ଚ୍ଚିତ ହୋଇଛି। ରାମାୟଣ, ମହାଭାରତ ଓ ରାମଚରିତ ମାନସକୁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟପ୍ରଦେଶ ଶିକ୍ଷାମନ୍ତ୍ରୀ ଡ. ମୋହନ ଯାଦବ ଘୋଷଣା କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ରାଜ୍ୟ ସିଲାବସ୍ କମିଟି କୁଆଡ଼େ ଏହା ସୁପାରିସ କରିଛି। ବିଜ୍ଞାନ ଭିତରେ ଅବୈଜ୍ଞାନିକ ଚିନ୍ତାଧାରା! ଲୋହିତ ଗ୍ରହକୁ ହାତ ବଢ଼ାଉଥିବା ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ଯେ ଲୋହିତ ସାଗରରେ ଭାସିଯିବେ, ଏହା ଜଳ ଜଳ କରି ଦେଖାଯାଉଛି।

ଶିକ୍ଷା ବିକାଶର ଚାବିକାଠି। ସାତ ଦଶନ୍ଧିର ପରୀକ୍ଷାନିରୀକ୍ଷା ପରେ ଦେଶର ଶିକ୍ଷା ବ୍ୟବସ୍ଥାରେ ଯଦି ଆଶାନୁରୂପ ଉନ୍ନତି ନ ହୋଇ ପାରିଲା, ତେବେ ଦେଶର 'ବିକାଶ' କେବଳ ଏକ ଦିବାସ୍ୱପ୍ନ ହୋଇ ରହିଯିବ। ସମ୍ପ୍ରତି ତାଲିବାନ୍ ଶାସିତ ଆଫଗାନିସ୍ତାନରେ ଶିକ୍ଷା କ୍ଷେତ୍ରରେ ଯେପରି ଚଡ଼କ ପଡ଼ିଛି, ସେହିପରି ଆମ ଶିକ୍ଷା ବହୁ ବର୍ଷ ପଛକୁ ଫେରିଯିବ। ସରକାର ଘୋଷଣା କରିଥିବା ଜାତୀୟ ଶିକ୍ଷାନୀତିରେ ଥିବା ବ୍ୟବସ୍ଥା ଏଥିପାଇଁ ଉତ୍ତରଦାୟୀ ହେବ, କିନ୍ତୁ ସରକାର ଉତ୍ତରଦାୟୀ ହେବେ ନାହିଁ। ସରକାରୀ ହାତରୁ ଶିକ୍ଷା ଚାଲିଯାଇ ଘରୋଇ ହାତରେ ରହିବ। କେତେଗୁଡ଼ିଏ ବିଦ୍ୟାଳୟକୁ ନେଇ 'ସ୍କୁଲ୍ କମ୍ପ୍ଲେକ୍ସ' ଗଠନ ହେବ। ଗୋଟିଏ ବିଦ୍ୟାଳୟର ଶିକ୍ଷକ କମ୍ପ୍ଲେକ୍ସ ଅନ୍ତର୍ଗତ ଏକାଧିକ ବିଦ୍ୟାଳୟରେ ଶିକ୍ଷାଦାନ କରିବେ। ଶିକ୍ଷାନୀତିର ପାରା-୭ ଅନୁଯାୟୀ ଅଳ୍ପ ସଂଖ୍ୟକ ଲୋକ ବାସ କରୁଥିବା ଅଞ୍ଚଳରେ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିଦିଆଯିବ। ଏବେ ତ ସାରା ଦେଶରେ ଏହି ଅଭିଯାନ ଚାଲିଛି। ୟୁଡାଇସ୍ ତଥ୍ୟ ଅନୁଯାୟୀ ୨୦୨୦ ସୁଦ୍ଧା ଦେଶରେ ୪୩,୨୯୨ଟି ସରକାରୀ ବିଦ୍ୟାଳୟ ଲୋପ ପାଇଯାଇଛି। ମଧ୍ୟପ୍ରଦେଶରେ ସର୍ବାଧିକ ଏହି ସଂଖ୍ୟା ୨୦,୬୦୦ ହୋଇଥିବା ସ୍ଥଳେ ଉତ୍ତରପ୍ରଦେଶରେ ୧୯,୦୦୦ରେ ପହଞ୍ଚିଛି। ଓଡ଼ିଶାରେ ପ୍ରାୟ ୮,୦୦୦ ସରକାରୀ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ଏଥିଯୋଗୁ ଦେଶରେ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ ୧୩.୫ କୋଟିରୁ ହ୍ରାସ ପାଇ ୧୨.୨ କୋଟିରେ ପହଞ୍ଚିଛି। ବିଦ୍ୟାଳୟ ଉଚ୍ଛେଦ ସାଙ୍ଗକୁ ସ୍କୁଲ କମ୍ପ୍ଲେକ୍ସ ଗଠନ ଓ ଘରୋଇ ହାତକୁ କ୍ଷମତା ପ୍ରଦାନ ଦେଶର ଶିକ୍ଷା କ୍ଷେତ୍ରରେ ହାହାକାର ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ଅଛି। ସମସ୍ତ ପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ଦେବା ପାଇଁ ଶିକ୍ଷା ଅଧିକାର ଆଇନ-୨୦୦୯ ପ୍ରଣୟନ ହେଲା। ତା' ସତ୍ତ୍ୱେ ୨୪ କୋଟି ୭ ଲକ୍ଷ ପିଲା ସ୍କୁଲ୍ ବାହାରେ ରହିଗଲେ। ତଥାପି ସରକାର ଏବେ ଏହି ଦାୟିତ୍ୱରୁ ମୁକ୍ତ ହେବାକୁ ବସିଛନ୍ତି। ସରକାରଙ୍କ ଇସିସିଇ (ବାଲ୍ୟକାଳରୁ ଶିଶୁର ଶିକ୍ଷା ଓ ଯତ୍ନ) ନୀତିରେ ୩ରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଦିଆଯିବାକୁ ସ୍ଥିର ହୋଇଛି। ଆମେ ତ ଆମ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିର ଅବସ୍ଥା ଦେଖୁଛେ। ଏଠାରେ କେଉଁ ପିଲାମାନେ ପଢ଼ନ୍ତି? ଏଠାରୁ ଦେଶର କି ଭବିଷ୍ୟତ ଗଢ଼ାଯିବ? ଥିଲାବାଲାଙ୍କ ପିଲାମାନେ କେଉଁ ବିଦ୍ୟାଳୟରେ ପଢ଼ିବେ? ଜାତୀୟ ଶିକ୍ଷାନୀତିରେ ଏ ବିଷୟ ଉଲ୍ଲେଖ ନ ଥିଲେ ମଧ୍ୟ ଏହା ଜାଣିବାରେ ଅସୁବିଧା ନାହିଁ। ଶିକ୍ଷାର ବ୍ୟବସାୟୀକରଣକୁ ତ୍ୱରାନ୍ୱିତ କରାଯିବାକୁ ସମସ୍ତ ପ୍ରକାର ସୁଯୋଗ ସୃଷ୍ଟି କରାଯାଇଛି।

ଦେଶରେ ହୁ ହୁ ହୋଇ ବେରୋଜଗାରି ବଢୁଥିବା ବେଳେ 'ନୂତନ ଶିକ୍ଷାନୀତି ନିଯୁକ୍ତି ଖୋଜୁଥିବା ମଣିଷ ବଦଳରେ ନିଯୁକ୍ତି ସୃଷ୍ଟିକାରୀ ମଣିଷ ତିଆରି କରିବ' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ଲୋକାଲ୍ ଫର୍ ଭୋକାଲ୍' ସାଙ୍ଗକୁ 'ଆତ୍ମନିର୍ଭର' ସ୍ଲୋଗାନ୍ ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତିକୁ ଖୋରାକ ଯୋଗାଇଛି। 'ଷ୍ଟାର୍ଟ ଅପ୍' କଥା ଆସୁଛି, 'ଦକ୍ଷତା ବିକାଶ' କଥା ଆସୁଛି, ମାତ୍ର ବେକାରି ବୋଝକୁ ମୁଣ୍ଡରେ ବୋହି ଲକ୍ଷ ଲକ୍ଷ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ନୂତନ ଶିକ୍ଷାନୀତିରେ ପ୍ରବାସୀ ଶ୍ରମିକଙ୍କ ପିଲାଙ୍କ ପାଇଁ 'ନାଗରିକ ସମାଜ ସହାୟତାରେ ବିକଳ୍ପ ଓ ସୃଜନଶୀଳ ଶିକ୍ଷା କେନ୍ଦ୍ର' ପ୍ରତିଷ୍ଠା କଥା କୁହାଯାଇଛି। ମାତ୍ର ଏହି 'ନାଗରିକ ସମାଜ' କେଉଁଠି ଅଛି, କିଏ କରିଛି? ଆକାଶକୁ ଟେକା ଫିଙ୍ଗିବା ଭଳି ଏହି ନୀତିଟା ସ୍ଥିର କରାଯାଇଛି।

୧୦+୨+୩ ଅଧାପନ୍ତରିଆ ହୋଇଥିବା ବେଳେ ୫+୩+୩+୪ ଏବେ ଲାଗୁ ହେବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ପାଠ୍ୟ ପୁସ୍ତକ ରାଜ୍ୟସ୍ତରରେ ଚୟନ ନ ହୋଇ କେନ୍ଦ୍ର ସ୍ତରରୁ ହେବ। ଉଚ୍ଚ ଶିକ୍ଷା ଓ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ସର୍ବଭାରତୀୟ ସାଧାରଣ ପ୍ରବେଶିକା ପରୀକ୍ଷା (ଏନ୍‌ଟିଏ) ହେବ। ଜାତୀୟ ମୂଲ୍ୟାଙ୍କନ କେନ୍ଦ୍ର (ନାକ୍) ନାମରେ ଏକ କେନ୍ଦ୍ରୀୟ ସଂସ୍ଥା ଗଠନ ହେବ। ଫଳରେ ରାଜ୍ୟରେ ଥିବା ଶିକ୍ଷା ବୋର୍ଡ଼ଗୁଡ଼ିକ ଅକାମୀ ହୋଇଯିବ। ଭିନ୍ନକ୍ଷମ, ସାମାଜିକ ଓ ଅର୍ଥନୈତିକ ଭାବେ ଦୁର୍ବଳ ଗୋଷ୍ଠୀଙ୍କ ପାଇଁ ମୁକ୍ତ ବିଦ୍ୟାଳୟର ବ୍ୟବସ୍ଥା ହେବ।

ଆମ ଦେଶରେ ଅଧିକାଂଶ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଜାତୀୟ ଶିକ୍ଷାନୀତିରେ ଏସବୁ ସମ୍ବନ୍ଧରେ କିଛି ବି ବ୍ୟବସ୍ଥା ନାହିଁ। ସେପ୍ଟେମ୍ବର ୭ରୁ ୧୭ ତାରିଖ ଯାଏ କେନ୍ଦ୍ର ସରକାର 'ଶିକ୍ଷକ ପର୍ବ' ପାଳନ କଲେ। ବିନା ବେତନରେ ବର୍ଷ ବର୍ଷ ଧରି ଶିକ୍ଷାଦାନ କରୁଥିବା କୋଟି କୋଟି ଶିକ୍ଷକମାନଙ୍କ ପାଇଁ କେନ୍ଦ୍ର ସରକାର ପଦେ ହେଲେ ବି କିଛି ଆଶ୍ୱାସନା ଦେଲେ ନାହିଁ। ତେବେ ଏହା କାହାର ପର୍ବ ଥିଲା- ଶିକ୍ଷକଙ୍କର ନା ସରକାରଙ୍କର?

ଦେଶର ଶିକ୍ଷା ଅବସ୍ଥା ଅତ୍ୟନ୍ତ ଦୟନୀୟ। ଧର୍ମକୁ ଆଖିଠାର ମାରିଲା ଭଳି ନାମକୁମାତ୍ର ସ୍କୁଲ-କଲେଜ ଚାଲିଛି। ଏସବୁର ସମାଧାନ ପନ୍ଥା ଅନ୍ତତଃପକ୍ଷେ ଜାତୀୟ ଶିକ୍ଷା ନୀତିରେ ସ୍ଥାନ ପାଇବାର ଆବଶ୍ୟକତା ଥିଲା, ମାତ୍ର ତାହା ହୋଇ ନାହିଁ। ପ୍ରବର୍ତ୍ତିତ ବିଭେଦକାରୀ ନୂତନ ଶିକ୍ଷାନୀତି-୨୦୨୦ ସରକାରଙ୍କ ଉଦ୍ଦେଶ୍ୟ ସାଧନ କରିବ ସିନା, ଦେଶର ସେମିତି କିଛି ଉପକାରରେ ଆସିବ ନାହିଁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ସାରା ଦେଶରେ ଦାରିଦ୍ର୍ୟର ଛବି ଗାଁଗୁଡ଼ିକରେ ଦେଖିବାକୁ ମିଳୁଥିବାବେଳେ ତା' ଭିତରେ ବି ଏକ ଭଲ ଖବର ସାମ୍ନାକୁ ଆସିଛି। ଅହମ୍ମଦ ନଗର ଜିଲା ହିୱାର ବଜାର ଏବେ ଭାରତର ଏକ ଆଦର୍ଶ ଗାଁ ହୋଇପାରିଛି। ଏହା ସମ୍ଭବ ହୋଇଛି ସେହି ଗାଁର ପୋପାଟ୍ରାଓ ବାଗୁଜି ପାୱାରଙ୍କ ଉଦ୍ୟମରେ। ୧୯୯୦ରେ ସେ ହିୱାର ବଜାରକୁ ଫେରି ସରପଞ୍ଚ ହେବା ପରେ ଏହାର ପରିବର୍ତ୍ତନ ଆସିଛି। ଏକଦା ମରୁଡ଼ିକୁ ଯୁଝୁଥିବା ଉକ୍ତ ଗାଁରେ ପାୱାର ଶ୍ରମଦାନ ଭଳି ଏକ କାର୍ଯ୍ୟ ସଂସ୍କୃତି ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି। ଗଛକଟା ବନ୍ଦ କରି ଜଙ୍ଗଲ ସୃଷ୍ଟି କରୁଛନ୍ତି। ଗୋଟିଏ ପରିବାର ଗୋଟିଏ ପିଲା ନୀତିରେ ଜନ୍ମହାର ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଛନ୍ତି। ଜଳାଶୟ ବିକାଶ ଯୋଜନା ଆରମ୍ଭ କରି ଜଳ ସଂରକ୍ଷଣ କରିବା ସହ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ ବନ୍ଦ କରାଯାଇଛି। ଏହି ଗାଁରେ ବାର୍ଷିକ ଜଳ ସମୀକ୍ଷା କରାଯିବା ସହ ଉପଲବ୍ଧ ସମୁଦାୟ ଜଳ ପରିମାଣ ଆକଳନ କରାଯାଉଛି। ଗାଁର ପ୍ରତ୍ୟେକ ପରିବାରର ଆୟ ଦୁଇଗୁଣ ହୋଇପାରିଛି ଓ ଏହା ଦେଶର ଅନ୍ୟ ଗ୍ରାମୀଣ ଲୋକମାନଙ୍କ ତୁଳନାରେ ସବୁଠୁ ବେଶି। ଦେଶରେ ପ୍ରତ୍ୟେକ ଗାଁର ମୋଟ ଘରୋଇ ଉତ୍ପାଦ ତୁଳନାରେ ଏହି ଗାଁର ଉତ୍ପାଦନ ସବୁଠୁ ଅଧିକ। ଓମେନ ଥ୍ରିଫ୍ଟ ଗ୍ରୁପ୍, ମିଲ୍କ ଡାଇରି ସୋସାଇଟି, ୟୁଥ କ୍ଲବ ଖୋଲାଯାଇଛି। ସାଧାରଣ ଦାହ ସୁବିଧା ରହିଥିବାବେଳେ ଆହୁରି ଅନେକ ସହଯୋଗଭିତ୍ତିକ କାର୍ଯ୍ୟ ଚାଲୁ ରହିଛି। ଏବେ ଗାଁରେ ଉତ୍ପାଦିତ ସାମଗ୍ରୀକୁ 'ହିୱାରେ ବଜାର' ବ୍ରାଣ୍ଡରେ ବିକ୍ରି କରାଯିବାର ଯୋଜନା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅକ୍ଟୋବର ୧୯୯୬

- ଇଣ୍ଡୋନେସିଆ ସରକାରଙ୍କ ବିରୁଦ୍ଧରେ ସଂଖ୍ୟାଲଘୁ ଦଳର ବହିଷ୍କୃତ ନେତ୍ରୀ ମେଗାୱାତୀ ସୁକର୍ଣ୍ଣପୁତ୍ରୀ କରିଥିବା ଆବେଦନକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି।
- ସେଣ୍ଟ କିଟ୍‌ସ ମାମଲାରେ ଦୁଇ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.କେ. ତିୱାରୀ ଓ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟର ପୂର୍ବତନ ଅଫିସର କେ.ଏଲ୍. ବର୍ମାଙ୍କୁ ସିବିଆଇ ଗିରଫ କରି ତୁରନ୍ତ ଜାମିନରେ ଛାଡ଼ି ଦେଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ସଂଜ୍ଞା ବଦଳିଗଲାଣି

ମହାଶୟ,

ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଆଜି ଦିବାସ୍ୱପ୍ନରେ ପରିଣତ ହୋଇଛି। ରାଜା ରଣଜିତ ସିଂଙ୍କ ସମୟର ଏକ କଥା ମନେପଡ଼େ। ସ୍ତ୍ରୀ ଲୋକଟିଏ ନିଜ ପିଲାଙ୍କୁ ଖାଦ୍ୟଦେଇ ନ ପାରି ଫଳ ଉଦ୍ଦେଶ୍ୟରେ ଗଛକୁ ମାରୁଥିବା ଟେକାଟି ରାଜାଙ୍କ ମୁଣ୍ଡରେ ବାଜି ରକ୍ତସ୍ରାବ ହୋଇଥିଲା। ସ୍ତ୍ରୀ ଲୋକଟିର ଟେକା ମାରିବାର କାରଣ ଜାଣି ରାଜା ନିଜକୁ ଦୋଷୀ ଭାବି ତା'ର ସବୁ ସୁବିଧା କରିଦେଇଥିଲେ। ଆଜିର ନେତାମାନେ ସତ୍ୟକୁ ମିଥ୍ୟାରେ ପରିଣତ କରିବାକୁ ହଜାରେ ମିଛ ପ୍ରୟୋଗ କରୁଛନ୍ତି। ଅସତ ଉପାୟରେ ଭୋଟ ହାତେଇ ଶାସନ କରି ଚାଲିଛନ୍ତି। ମାଙ୍କଡ଼ ହାତରେ ଶାଳଗ୍ରାମ ପରି ଗଣତନ୍ତ୍ରକୁ କଳୁଷିତ କରାଯାଉଛି।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।
–(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୭୦୦ ଆତଙ୍କବାଦୀ ସମର୍ଥକ ଗିରଫ

ନୂଆଦିଲ୍ଲୀ, ୧୦।୧୦: ଜମ୍ମୁ-କଶ୍ମୀରରେ ୭ ଜଣ ସଂଖ୍ୟାଲଘୁଙ୍କୁ ହତ୍ୟା କରାଯିବା ପରେ ସୁରକ୍ଷା ବଳ ସେଠାରେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କଲାଣି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶଙ୍କର ବେଆଇନ ଘୋଷିତ ଜମାତ-ଇ-ଇସ୍‌ଲାମି ସଂଗଠନ ସହ ସମ୍ପର୍କ ରହିଛି କିମ୍ବା ସେମାନେ ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଛନ୍ତି। କଶ୍ମୀର ଉପତ୍ୟକାରେ ୬ ଦିନରେ କଶ୍ମୀରୀ ପଣ୍ଡିତ, ଶିଖ୍ ସମେତ ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ଧାରାକୁ ଭାଙ୍ଗିବାପାଇଁ ବହୁସଂଖ୍ୟାରେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ଚାଇନା ଆଗରେ ନଇଁବୁ ନାହିଁ: ତାଇୱାନ

ତାଇପେଇ, ୧୦।୧୦: ଶାନ୍ତିପୂର୍ଣ୍ଣ ଉପାୟରେ ତାଇୱାନକୁ ଚାଇନା ସହ ମିଶାଇବା ପାଇଁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କହିବାର ଦିନକ ପରେ ଏହାର ଜବାବ ରଖିଛନ୍ତି ତାଙ୍କ ତାଇୱାନ ପ୍ରତିପକ୍ଷ ସାଇ ଇଙ୍ଗ୍-ୱେନ। ତାଇୱାନ କଦାପି ଚାଇନା ଆଗରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ରବିବାର ଜାତୀୟ ଦିବସ ପାଳନ ଅବସରରେ ଇଙ୍ଗ-ୱେନ୍ କହିଛନ୍ତି। ଏଥିସହ ଏହି ଦ୍ୱୀପରେ ରାଜନୈତିକ ସ୍ଥିରତା ବଜାୟ ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସ୍ୱୟଂଶାସିତ ତାଇୱାନର ପ୍ରାୟ ୨.୩ କୋଟି ଜନସାଧାରଣ କ୍ରମାଗତ ଭାବେ ଚାଇନା ପଟରୁ ବିପଦ ଆଶଙ୍କାରେ ଦିନ କାଟୁଛନ୍ତି। ଚାଇନା ତିଆରି କରିଥିବା ରାସ୍ତାରେ ଚାଲିବାକୁ ତାଇୱାନକୁ କେହି ବାଧ କରିପାରିବେ ନାହିଁ ବୋଲି ନିଜ ଅଭିଭାଷଣରେ ଇଙ୍ଗ୍-ୱେନ୍ କହିଛନ୍ତି। ୧୯୪୯ରେ ଚାଇନା ଗୃହଯୁଦ୍ଧ ଶେଷହେବା ପରଠାରୁ ଉଭୟ ପକ୍ଷ ପୃଥକ୍ ଭାବେ ଶାସନ ବ୍ୟବସ୍ଥା ଲାଗୁ କରିଛନ୍ତି।

### ଖାଇବା ତେଲ ଗଚ୍ଛିତ ସୀମା ଧାର୍ଯ୍ୟ କଲା କେନ୍ଦ୍ର

ନୂଆଦିଲ୍ଲୀ, ୧୦।୧୦: ଗତ ବର୍ଷକ ମଧ୍ୟରେ ଖାଇବା ତେଲ ଦର ୪୬.୧୫ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ କାରଣ ଏବଂ ସ୍ଥାନୀୟ ଯୋଗାଣ ସମସ୍ୟାକୁ ନେଇ ତେଲ ଦର ବୃଦ୍ଧି ପାଉଥିବା କୁହାଯାଉଛି। ଘରୋଇ ବଜାରରେ ଦରବୃଦ୍ଧି ରୋକିବା ପାଇଁ କେନ୍ଦ୍ର ସରକାର ଖାଇବା ତେଲ ଓ ତୈଳବୀଜ ଗଚ୍ଛିତ ରଖିବା ସୀମା ଧାର୍ଯ୍ୟ କରିଛନ୍ତି। ଏହାଦ୍ୱାରା ଖାଉଟିଙ୍କୁ ଆଶ୍ୱସ୍ତି ମିଳିବ ବୋଲି ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବ୍ୟବସାୟୀମାନେ ନିଜ ପାଖରେ କେତେ ପରିମାଣର ତୈଳବୀଜ ଓ ତେଲ ଗଚ୍ଛିତ ରଖିପାରିବେ ତାହା ରାଜ୍ୟ ସରକାର ସ୍ଥିତି ଅନୁଧ୍ୟାନ କରି ସ୍ଥିର କରିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଏହି ଷ୍ଟକ୍ ସୀମାରୁ ନିର୍ଦ୍ଦିଷ୍ଟ ଆମଦାନୀ ଓ ରପ୍ତାନିକାରୀଙ୍କୁ ବାଦ୍ ଦିଆଯାଇଛି। ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶକଙ୍କଠାରୁ ଆମଦାନୀ-ରପ୍ତାନି କୋଡ୍ ନମ୍ବର ପାଇଥିବା ରିଫାଇନର, ମିଲର, ହୋଲସେଲରମାନଙ୍କ ପାଇଁ ଗଚ୍ଛିତ ସୀମା ଧାର୍ଯ୍ୟ କରାଯିବ ନାହିଁ।

# ଆମେ ଜଳବାୟୁ ନ୍ୟାୟ ଚାହୁଁ

## ବ୍ରସେଲ୍ସରେ ବିଶାଳ ଶୋଭାଯାତ୍ରା

ବ୍ରସେଲ୍ସ, ୧୦।୧୦

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱ ଉତ୍ତପ୍ତ ହେବାରେ ଲାଗିଛି, ଯାହାର ପ୍ରଭାବରେ ଅତ୍ୟଧିକ ଗ୍ରୀଷ୍ମ, ପ୍ରବଳ ବର୍ଷା ଓ ବାରମ୍ବାର ବାତ୍ୟା ବନ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ଅନୁଭୂତ ହେଉଛି। ସବୁଜ ଗୃହ ବାଷ୍ପ ବଢ଼ିବା ସହ ସ୍ଥଳଭାଗ ଓ ସମୁଦ୍ରର ତାପମାତ୍ରା ବୃଦ୍ଧି ପାଉଛି। ଅତ୍ୟଧିକ ପରିମାଣର ବରଫ ତରଳିବା ଯୋଗୁ ସମୁଦ୍ରର ଜଳପତ୍ତନ ବଢ଼ୁଛି। ଏହାର ପ୍ରଭାବ ସାମାଜିକ ଅର୍ଥନୈତିକ ବିକାଶ, ସ୍ଥାନାନ୍ତରଣ, ଖାଦ୍ୟ ସୁରକ୍ଷା, ସ୍ଥଳ ଓ ସମୁଦ୍ର ପରିବେଶ ଉପରେ ପଡ଼ୁଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ଅନେକ ଥର ଜାତିସଂଘ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ ମଧ୍ୟ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଆଗାମୀ ସମିଟ୍ ଜଳବାୟୁ ପରିବର୍ତ୍ତନ ମୁକାବିଲା ଦିଗରେ କେତେ କଠୋର ପଦକ୍ଷେପ ନେବ ତାକୁ ନେଇ ସଂଶୟ ପ୍ରକାଶ ପାଇଛି। ଏହି ସମ୍ମିଳନୀ ପୂର୍ବରୁ ଚାପ ପକାଇବା ପାଇଁ ରବିବାର ବେଲଜିୟମ ରାଜଧାନୀ ବ୍ରସେଲ୍ସରେ ବିଶାଳ ଶୋଭାଯାତ୍ରା ବାହାରିଥିଲା।

ଜଳବାୟୁ ପରିବର୍ତ୍ତନ ବିରୋଧରେ ପଦକ୍ଷେପ ସମ୍ପର୍କରେ ଆଲୋଚନା ପାଇଁ ଚଳିତ ମାସ ଶେଷରେ ଗ୍ଲାସ୍‌ଗୋଠାରେ ଜାତିସଂଘ ଜଳବାୟୁ ସମିଟ୍ ଅନୁଷ୍ଠିତ ହେବାକୁ ଥିବାବେଳେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ରବିବାର ବ୍ରସେଲ୍ସରେ ହଜାର ହଜାର ଲୋକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ବିକ୍ଷୋଭ ଶୋଭାଯାତ୍ରାରେ ୮୦ଟି ସଂଗଠନ ଭାଗ ନେଇଥିଲେ। କରୋନା ମହାମାରୀ ଆରମ୍ଭ ହେବା ପରେ ୟୁରୋପୀୟ ୟୁନିୟନ ରାଜଧାନୀରେ ଏହା ସବୁଠୁ ବଡ଼ ବିକ୍ଷୋଭ ଶୋଭାଯାତ୍ରା। ଏଥିରେ ସାଇକେଲ ଚାଳକଙ୍କଠାରୁ ଆରମ୍ଭ କରି ପିଲାଛୁଆଙ୍କ ସହ ପରିବାର ସଦସ୍ୟ, ବୃଦ୍ଧ ଲୋକମାନେ ମଧ୍ୟ ଭାଗ ନେଇଥିବା ଦେଖାଯାଇଛି। 'ଆମେ ଜଳବାୟୁ ନ୍ୟାୟ ଚାହୁଁ' ବୋଲି ସେମାନେ ଇଂଲିଶ, ଫ୍ରେଞ୍ଚ ଓ ଡଚ୍ ଭାଷାରେ ସ୍ଲୋଗାନ ଦେଇଥିଲେ।

ଅକ୍ଟୋବର ୩୧ରୁ ଗ୍ଲାସ୍‌ଗୋରେ ସିଓପି୨୬ ନାମରେ ୨୬ତମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନ ମୁକାବିଲା ନେଇ ସେମାନଙ୍କ ନୀତି ଉପସ୍ଥାପନ କରିବେ। ତେବେ କାର୍ବନ ନିର୍ଗମନ କମାଇବା ଏବଂ ବିଶ୍ୱ ତାପନ ହ୍ରାସ କରିବା ଦିଗରେ ସେମାନେ ଯଥେଷ୍ଟ ପଦକ୍ଷେପ ନେଇ ନ ପାରନ୍ତି ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବେଲ୍‌ଜିୟମରେ ସର୍ବାଧିକ ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଥିବାରୁ ସେଠାରେ କରୋନା କଟକଣା କମାଇବା ଆରମ୍ଭ ହୋଇଛି। ସେଥିପାଇଁ ପରିବେଶ ସୁରକ୍ଷା ଲାଗି ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାକୁ ଅନୁମତି ଦିଆଯାଇଥିଲା।



### ଦିନକ ପାଇଁ ବ୍ରିଟିଶ ହାଇକମିଶନର ହେଲେ ରାଜସ୍ଥାନୀ ଝିଅ


ଆଦିତି ମାହେଶ୍ୱରୀ

ରାଜସ୍ଥାନ, ୧୦।୧୦

ରାଜସ୍ଥାନର ଝିଅ ଆଦିତି ମାହେଶ୍ୱରୀ ଗୋଟିଏ ଦିନ ପାଇଁ ଭାରତରେ ବ୍ରିଟିଶ ହାଇ କମିଶନର ହୋଇଛନ୍ତି। ୨୦ ବର୍ଷୀୟା ମାହେଶ୍ୱର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରଣ୍ଡା ହାଉସ୍ କଲେଜରେ ଫିଜିକାଲ ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ଭାବେ ପାଳନ କରାଯାଉଥିବାବେଳେ ଏହି ଅବସରରେ ୨୦୧୭ରୁ ପ୍ରତିବର୍ଷ 'ହାଇକମିଶନର ଫର୍ ଦି ଡେ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି ବୋଲି ବ୍ରିଟିଶ ଉଚ୍ଚାୟୁକ୍ତ କହିଛନ୍ତି। ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ଆଶାୟୀ ଥିବା ମାହେଶ୍ୱରୀ ଏହି ପ୍ରତିଯୋଗିତାର ଭାରତ ସଂସ୍କରଣରେ ବିଜୟୀ ହୋଇଥିଲେ। ଶୁକ୍ରବାର ବ୍ରିଟିଶ ହାଇକମିଶନର ଭାବେ ସେ ବିଭିନ୍ନ କୂଟନୈତିକ କାର୍ଯ୍ୟକଳାପ ଅନୁଧ୍ୟାନ କରିଥିଲେ ଏବଂ ଭାରତ–ବ୍ରିଟେନ ମଧ୍ୟରେ ଅଭିବୃଦ୍ଧି ପାଇଁ ଶକ୍ତି ଆଲୋଚନାରେ ଉପସ୍ଥିତ ରହିଥିଲେ। ଆଲୋଚନାରେ ଭାରତର ଶକ୍ତିମନ୍ତ୍ରୀ ରାଜକୁମାର ସିଂ ଏବଂ ବ୍ରିଟେନ୍ ପ୍ରତିପକ୍ଷ କ୍ୱାସି କ୍ୱାର୍ଟେଙ୍ଗ ଭାଗ ନେଇଥିଲେ।

## ବିଜ୍ଞାନରେ ନୋବେଲ: ମହିଳା ବାଦ୍

ଷ୍ଟକହୋମ, ୧୦।୧୦

ବିଜ୍ଞାନରେ ୨୦୨୧ ବର୍ଷର ନୋବେଲ ବିଜେତା ତାଲିକାରୁ ବାଦ୍ ପଡ଼ିଛନ୍ତି ମହିଳା। ମାତ୍ର କିଛି ବର୍ଷ ଏହି ପୁରସ୍କାର ପାଇଁ ମହିଳାଙ୍କୁ ବଛାଯିବା ପରେ ପୁଣି ଫେରିଛି ପୂର୍ବର ସେହି ପୁରୁଷ ପ୍ରଧାନ ସମାଜ ମନୋଭାବର ଚିରାଚରିତ ଢଙ୍ଗ। ଚଳିତ ବର୍ଷ ବିଜ୍ଞାନରେ ନୋବେଲ ପାଇଁ କେବଳ ପୁରୁଷଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ୨୦୨୦ରେ କ୍ରିସ୍‌ପର୍ ଜିନ୍ ଏଡିଟିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଇମାନୁଏଲ ଚାର୍‌ପେଣ୍ଟିଅର ଏବଂ ଜେନିଫର ଦୌଦ୍‌ନାଙ୍କୁ ରସାୟନ ବିଜ୍ଞାନରେ ଓ ବିରାଟକାୟ କୃଷ୍ଣଗର୍ତ୍ତ ବା ବ୍ଲାକହୋଲ୍ ଠାବ କରିବା ନେଇ ଆଣ୍ଡ୍ରିୟା ଗେଜ୍‌ଙ୍କୁ ନୋବେଲ ମିଳିଥିଲା। ଏହା ପୂର୍ବବର୍ଷ ଅର୍ଥାତ ୨୦୧୯ରେ ବିଜ୍ଞାନରେ ସମସ୍ତ ନୋବେଲ ବିଜେତା ପୁରୁଷ ରହିଥିଲେ। ୨୦୧୮ରେ ରସାୟନ ବିଜ୍ଞାନରେ ବାୟୋକେମିକାଲ ଇଞ୍ଜିନିୟର ଫ୍ରାନ୍ସେସ୍ ଆର୍ନୋଲ୍ଡ ଏବଂ ପଦାର୍ଥ ବିଜ୍ଞାନରେ ଡୋନା ଷ୍ଟ୍ରିକ୍‌ଲାଣ୍ଡ ନୋବେଲ ବିଜୟିନୀ ହୋଇଥିଲେ। ୧୯୦୩ରେ ମ୍ୟାରି କ୍ୟୁରୀ ଏବଂ ୬୦ ବର୍ଷ ପରେ ମାରିଆ ଗୋଏପ୍‌ପର୍ଟ ତୃତୀୟ ଓ ଚତୁର୍ଥ ପଦାର୍ଥ ବିଜ୍ଞାନୀ ଭାବେ ଏହି ସମ୍ମାନଜନକ ପୁରସ୍କାର ହାସଲ କରିଥିଲେ।


ଇମାନୁଏଲ, ଜେନିଫର୍।


ବିଗତ ଶତାବ୍ଦୀରେ ମହିଳାମାନେ ଗବେଷଣା କ୍ଷେତ୍ରରେ ବହୁ ଆଗକୁ ଆସିଛନ୍ତି। କିନ୍ତୁ ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ଗଣିତ(ଏସ୍‌ଟିଇଏମ୍)ରେ ସେମାନଙ୍କ ପ୍ରତିନିଧିତ୍ୱକୁ ଅଣଦେଖା କରାଯାଉଛି। ଅଧ୍ୟୟନରୁ ଜଣାପଡିଛି, ଏହି କ୍ଷେତ୍ରରେ ଅବିରତ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ଅନେକ ବାଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ପୁରୁଷପ୍ରଧାନ ସମାଜରେ ପକ୍ଷପାତ ଯୋଗୁ ସେମାନେ ଅସମାନତାର ସାମ୍ନା କରୁଛନ୍ତି।

## ବିମାନ ଦୁର୍ଘଟଣାରେ ୧୬ ମୃତ




ମସ୍କୋ, ୧୦।୧୦

ରୁଷିଆର ତାତରସ୍ତାନରେ ରବିବାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏଲ୍-୪୧୦ ଟର୍ବୋଲେଟ୍ ବିମାନରେ ୨୩ଜଣ ଯାତ୍ରୀ ଥିଲେ। ୭ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଥିବା ଟାସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ମେନ୍‌ଜେଲିନ୍‌ସ୍କ ସହର ନିକଟରୁ ବିମାନର ଭଗ୍ନାବଶେଷ ମିଳିଛି। ତେବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ।



ଶ୍ରୀନଗରରେ ଦୁଇ ଶିକ୍ଷକଙ୍କୁ ହତ୍ୟା ପ୍ରତିବାଦରେ କଶ୍ମୀରୀ ପଣ୍ଡିତମାନେ ଜମ୍ମୁର ତାୱି ବ୍ରିଜ୍ ଅବରୋଧ କରିବା ସହ ବିକ୍ଷୋଭ କରୁଛନ୍ତି।

## ଅଣୁବିଜ୍ଞାନୀ ଅବଦୁଲ କାଦିର ଖାନ୍‌ଙ୍କ ପରଲୋକ

ଇସ୍‌ଲାମାବାଦ, ୧୦।୧୦(ଆଇଏଏନ୍‌ଏସ୍)

ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ ବୈଜ୍ଞାନିକ ଅବଦୁଲ କାଦିର ଖାନ୍‌ଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଶନିବାର ରାତିରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଇସ୍‌ଲାମାବାଦସ୍ଥିତ ଖାନ୍ ରିସର୍ଚ୍ଚ ଲାବରେଟୋରିଜ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ଅଗଷ୍ଟରେ କୋଭିଡ୍ ସଂକ୍ରମିତ ହୋଇ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ କିଛିଦିନର ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ତାଙ୍କ ପରଲୋକରେ ପାକ୍ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପାକିସ୍ତାନକୁ ଅଣୁଅସ୍ତ୍ର ରାଷ୍ଟ୍ରରେ ପରିଣତ କରିବାରେ ଏ.କେ. ଖାନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ବୋଲି ଇମ୍ରାନ କହିଛନ୍ତି। ୧୯୩୬ରେ ଭୋପାଳରେ ଜନ୍ମିତ ଏ.କେ. ଖାନ୍ ୧୯୫୨ରେ ପାକିସ୍ତାନ ଚାଲିଯାଇଥିଲେ। ପାକିସ୍ତାନକୁ ଆଣବିକ ଶକ୍ତିରେ ପରିଣତ କରିଥିଲେ ମଧ୍ୟ ଏହାର ଟେକ୍‌ନୋଲୋଜିକୁ ଅନ୍ୟ ଦେଶକୁ ହସ୍ତାନ୍ତର କରିବାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ବିବାଦୀୟ ହୋଇପଡ଼ିଥିଲେ।



### ହାଇ ଆଲର୍ଟରେ ଦିଲ୍ଲୀ ପୋଲିସ

**ପାର୍ବଣରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା**

ନୂଆଦିଲ୍ଲୀ, ୧୦।୧୦

ପାର୍ବଣ ଋତୁରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀକୁ ଆତଙ୍କବାଦୀମାନେ ଟାର୍ଗେଟ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ପୋଲିସକୁ ହାଇ ଆଲର୍ଟରେ ରଖାଯାଇଛି। ଶନିବାର ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା ଶୀର୍ଷ ଅଧିକାରୀମାନଙ୍କର ବୈଠକ ଡାକି ଆତଙ୍କବାଦ ନିରୋଧୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଆତଙ୍କବାଦୀମାନେ କିପରି ସ୍ଥାନୀୟ ଲୋକଙ୍କ ସମର୍ଥନ ହାସଲ କରି ନ ପାରିବେ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ। ସ୍ଥାନୀୟ ସମର୍ଥନ ବିନା ଆତଙ୍କବାଦୀ ଆକ୍ରମଣ ହୋଇପାରିବ ନାହିଁ। ଏଭଳି ଆକ୍ରମଣରେ ସ୍ଥାନୀୟ ଅପରାଧୀ, ଗ୍ୟାଙ୍ଗଷ୍ଟର ଏବଂ ରୂଢ଼ିବାଦୀ ତତ୍ତ୍ୱ ସହଯୋଗ କରିପାରନ୍ତି ବୋଲି ଅସ୍ଥାନା କହିଥିଲେ। ସାଇବର କେଫ୍, ରସାୟନ ସାମଗ୍ରୀ ଦୋକାନ, ପାର୍କିଂ ସ୍ପେସ୍, ସ୍କ୍ରାପ୍ ଏବଂ କାର୍ ଡିଲରମାନଙ୍କ ଉପରେ ନଜର ରଖିବା ସହ ଯାଞ୍ଚ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି। ପେଟ୍ରୋଲ ପମ୍ପ ଏବଂ ପେଟ୍ରୋଲ ଟ୍ୟାଙ୍କରକୁ ଆତଙ୍କବାଦୀ ଟାର୍ଗେଟ କରିପାରନ୍ତି ବୋଲି ପୋଲିସ କମିଶନର କହିଛନ୍ତି।

## ଆସାମ ଜେଲରେ ୮୫ ଏଚ୍‌ଆଇଭି ସଂକ୍ରମିତ

ଗୁଆହାଟୀ, ୧୦।୧୦

ଆସାମର ୨ଟି ଜେଲରେ ମାସକରେ ୮୫ ଜଣ ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଡ୍ରଗ୍ସ ଦ୍ୱାରା ସର୍ବାଧିକ ପ୍ରଭାବିତ ନଗାଁଓ ଜିଲାରେ ଥିବା ସେଣ୍ଟ୍ରାଲ ଜେଲ ଏବଂ ସ୍ପେଶାଲ ଜେଲରେ ଏତେ ସଂଖ୍ୟାରେ କଏଦୀ ଏଚ୍‌ଆଇଭି ଭୂତାଣୁର ଶିକାର ହେବା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। ତେବେ କଏଦୀ ହେବା ପୂର୍ବରୁ ହିଁ ଅଧିକାଂଶ ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ହୋଇଥିବା ନଗାଁଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅତୁଲ ପାତୋର କହିଛନ୍ତି। ଡ୍ରଗ୍ସ ସେବନ ଅଭିଯୋଗରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରପିକ୍ ସବଷ୍ଟାନ୍ସେସ୍ ଆକ୍ଟରେ ଅଧିକାଂଶ ଜେଲରେ ବନ୍ଦୀ ରହିଛନ୍ତି। ସେଣ୍ଟ୍ରାଲ ଜେଲରେ ୪୦ ସଂକ୍ରମିତ ବାହାରିଥିବା ଜେଲର ପ୍ରବୀଣ ହଜାରିକା କହିଛନ୍ତି। ସେହିପରି ସ୍ପେଶାଲ ଜେଲରେ ୪୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ଚିକିତ୍ସା ଚାଲିଛି। ଡ୍ରଗ୍ସ ଏବଂ ଅବୈଧ ଯୌନ ସମ୍ପର୍କ ଦ୍ୱାରା ସଂକ୍ରମଣ ବୃଦ୍ଧି ପାଉଛି। କଏଦୀଙ୍କ ନିକଟକୁ ଡ୍ରଗ୍ସ ପଠାଇବା ଅଭିଯୋଗରେ ନିକଟରେ ଜଣେ ଫାର୍ମାସିଷ୍ଟଙ୍କୁ ଗିରଫ କରାଯାଇଥିବା ନଗାଁଓ ଏସ୍‌ପି ଆନନ୍ଦ ମିଶ୍ର କହିଛନ୍ତି।

## 'ଅସ୍ଥିରତା ସୃଷ୍ଟିର ପରିଣାମ ଭୋଗିବ ଆମେରିକା'

କାବୁଲ, ୧୦।୧୦

ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ପରଠାରୁ ପ୍ରଥମ ଥର ପାଇଁ ଆମେରିକା ଶନିବାର କାତାର ରାଜଧାନୀ ଦୋହାରେ ତାଲିବାନ୍ ସହ ଆଲୋଚନା କରିଛି। ଆଫଗାନିସ୍ତାନରେ ଅସ୍ଥିରତା ସୃଷ୍ଟି ପାଇଁ ଆମେରିକା ଉଦ୍ୟମ ନ କରୁ ବୋଲି ବୈଠକରେ ତାଲିବାନ୍ ଚେତାବନୀ ଦେଇଛି। ଏପରି କଲେ ଆମେରିକା ଏହାର ପରିଣାମ ଭୋଗିବ ବୋଲି ଆଫଗାନିସ୍ତାନରେ ଅନ୍ତରୀଣ ସରକାର ଗଢ଼ିଥିବା ତାଲିବାନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି କହିଛନ୍ତି। ଆଫଗାନିସ୍ତାନ ସହ ସୁସମ୍ପର୍କ ରଖିବା ସମସ୍ତଙ୍କ ପାଇଁ ଭଲ ହେବ। ତେଣୁ ବର୍ତ୍ତମାନର ସରକାରକୁ ଦୁର୍ବଳ କରି ଲୋକଙ୍କ ସମସ୍ୟା ବଢ଼ାଇବା ଭଳି କାମ କେହି ନ କରିବା ଉଚିତ ବୋଲି ମୁତ୍ତାକି ଗଣମାଧ୍ୟମକୁ କହିଛନ୍ତି।

# ଦଳିତ ଯୁବକଙ୍କୁ ପିଟି ହତ୍ୟା

■ଘର ଆଗରେ ଫିଙ୍ଗିଲେ ମୃତଦେହ

■ଧାରଣା ପରେ ୫ ଗିରଫ

ଜୟପୁର, ୧୦।୧୦

ରାଜସ୍ଥାନର ହନୁମାନଗଡ଼ ଜିଲା ପ୍ରେମପୁରା ଗ୍ରାମରେ ଜଣେ ୨୯ ବର୍ଷୀୟ ଦଳିତ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏହା ଗୁରୁବାର ଦିନର ଘଟଣା ହୋଇଥିବାବେଳେ ରବିବାର ଜିଲାପାଳ ଏବଂ ଏସ୍‌ପି ମୃତକଙ୍କ ପରିବାରକୁ ଭେଟି ୪ ଲକ୍ଷ ୧୨ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛନ୍ତି। ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଘଟଣାର ଭିଡିଓ କରି ସୋସିଆଲ ମିଡିଆରେ ଅପ୍‌ଲୋଡ କରିଛନ୍ତି।



ଅଭିଯୁକ୍ତମାନେ ଗୁରୁବାର ସମ୍ପୃକ୍ତ ଯୁବକ ଜଗଦୀଶ ମେଘୱାଲଙ୍କୁ ଜୋରଜବରଦସ୍ତି ଏକ ଜମିକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କୁ ବାଡ଼ିରେ ପିଟିବାରେ ଲାଗିଥିଲେ। ଜଣେ ଅଭିଯୁକ୍ତ ଜଗଦୀଶଙ୍କ ବେକକୁ ଆଣ୍ଠୁରେ ଚାପିଧରିଥିବାବେଳେ ଅନ୍ୟମାନେ ତାଙ୍କୁ ମାଡ଼ ମାରୁଥିବା ଭିଡିଓର ଦେଖିବାକୁ ମିଳିଛି। ପରେ ଅଭିଯୁକ୍ତମାନେ ଜଗଦୀଶଙ୍କ ମୃତଦେହକୁ ତାଙ୍କ ଘର ସମ୍ମୁଖରେ ଫୋପାଡ଼ି ପଳାଇଥିଲେ। ସୋସିଆଲ ମିଡିଆରେ ଭିଡିଓ ଦେଖିବା ପରେ ଜଗଦୀଶଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାର ଲୋକେ ଏବଂ ସମ୍ପର୍କୀୟମାନେ ସ୍ଥାନୀୟ ଡାକ୍ତରଖାନା ଆଗରେ ଧାରଣା ଦେଇଥିଲେ। ପୋଲିସ ସନ୍ଦେହରେ କେତେଜଣଙ୍କୁ ନେଇ ପଚରାଉଚରା କରିବା ପରେ ଏବେ ସୁଦ୍ଧା ୫ ଜଣଙ୍କୁ ଗିରଫ କରିଛି। ମୋଟ ୧୧ ଜଣଙ୍କ ନାଁରେ ଏତଲା ଦାଏର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ସେହି ମହିଳା ତଥା ଜଣେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସହ ଜଗଦୀଶଙ୍କ ପ୍ରେମ ସମ୍ପର୍କ ଥିଲା ବୋଲି ଚର୍ଚ୍ଚା ହେଉଛି।

### 'ସୁରକ୍ଷା ଦେବାରେ କଂଗ୍ରେସ ବିଫଳ'

ଦଳିତଙ୍କୁ ସୁରକ୍ଷା ପ୍ରସଙ୍ଗରେ ଭାଷଣ ବାଜି କରୁଥିବା କଂଗ୍ରେସ ରାଜସ୍ଥାନରେ କ୍ଷମତାରେ ଥିଲେ ମଧ୍ୟ ଏ ଦିଗରେ ବିଫଳ ହୋଇଥିବା ଭାଜପା ସମାଲୋଚନା କରିଛି। ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଟାର୍ଗେଟ କରି ହନୁମାନଗଡ଼ ଜିଲା ଭାଜପା ସଭାପତି ବଲବୀର ବିଷ୍ଣୋଇ କହିଛନ୍ତି। କଂଗ୍ରେସ ଶାସିତ ରାଜ୍ୟରେ ଦଳିତଙ୍କ ଉପରେ ଅତ୍ୟାଚାର ୨୧% ବୃଦ୍ଧି ପାଇଛି। ଅନ୍ୟ ରାଜ୍ୟକୁ 'ରାଜନୈତିକ ପର୍ଯ୍ୟଟନ' କରିଥିବା କଂଗ୍ରେସ ନେତାମାନେ ରାଜସ୍ଥାନକୁ କାହିଁକି ଯାଉନାହାନ୍ତି ବୋଲି ରାଜ୍ୟ ଭାଜପା ସଭାପତି ସତୀଶ ପୁନିଆ ପ୍ରଶ୍ନ କରିଛନ୍ତି।


ସତୀଶ ପୁନିଆ

### ପୋଲିସ ଟିମ୍ ୫ ଘଣ୍ଟା ପଣବନ୍ଦୀ

ପାଟନା, ୧୦।୧୦

ବିହାର ମଧୁବଣି ଜିଲା ଅନ୍ତର୍ଗତ ମାଲିନ ବିଘା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଉତ୍ତ୍ୟକ୍ତ ଲୋକେ ଏକ ପୋଲିସ ଟିମ୍ ଉପରେ ଆକ୍ରମଣ କରିବା ସହ ୫ ଘଣ୍ଟା ପଣବନ୍ଦୀ ରଖିଥିବା ଅଭିଯୋଗ ହୋଇଛି। ପୋଲିସ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପଞ୍ଚାୟତ ନିର୍ବାଚନରେ ରିଗିଂ କରିବାକୁ ଉଦ୍ୟମ କରୁଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ଟିମ୍‌ରେ ଲାଲମିନିୟା ଥାନା ଇନ୍‌ଚାର୍ଜ ଗୁଲାମ ସର୍ଭାର, ଦୁଇଜଣ କନଷ୍ଟେବଲ ଏବଂ ୬ ହୋମ୍‌ଗାର୍ଡ ଥିଲେ। ବରିଷ୍ଠ ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ରାତି ୧୧ଟାରେ ଛାଡ଼ିଦିଆଯାଇଥିଲା। ୩୯ ଜଣ ଗ୍ରାମବାସୀଙ୍କ ସମେତ ଅନ୍ୟୂନ ୪୦୦ ଅଜଣା ଲୋକଙ୍କ ବିରୋଧରେ ଏତଲା ଦାଏର ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ସୋମବାର, ଅକ୍ଟୋବର ୧୧/୨୦୨୧ Dhenkanal, Monday, October 11/ 2021

# ଟି୨୦ ପୁରୁଷ ବିଶ୍ୱକପ୍‌ରେ ଡିଆରଏସ୍

ନୂଆଦିଲ୍ଲୀ,୧୦।୧୦

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଚଳିତ ମାସରେ ଆୟୋଜନ ହେବାକୁ ଯାଉଥିବା ପୁରୁଷ ଟି୨୦ ବିଶ୍ୱକପ୍‌ରେ ଡିସିସନ ରିଭ୍ୟୁ ସିଷ୍ଟମ୍ (ଡିଆର୍‌ଏସ୍) ଡେବ୍ୟୁ କରିବ। ଅର୍ଥାତ୍ ଏହି ମେଗା ଇଭେଣ୍ଟରେ ପ୍ରଥମଥର ଡିଆରଏସ୍‌ର ବ୍ୟବହାର ହେବ। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ଅନୁମତି ଦେବା ସହ ରବିବାର ଏ ନେଇ ଘୋଷଣା ମଧ୍ୟ କରିଛି। ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୭ରୁ ଆରମ୍ଭ ହୋଇ ନଭେମ୍ବର ୧୪ରେ ଶେଷ ହେବ।

ଗୋଟିଏ ଇନିଂସରେ ପ୍ରତ୍ୟେକ ଦଳ ଇନିଂସ ପିଛା ଅତିବେଶିରେ ଦୁଇଥର ଲେଖାଏ ରିଭ୍ୟୁ ନେଇପାରିବ ବୋଲି କୁହାଯାଇଛି। କୋଭିଡ୍-୧୯ କାରଣରୁ ଅପେକ୍ଷାକୃତ କମ୍ ଅଭିଜ୍ଞତା ଥିବା ଅମ୍ପାୟରମାନେ ଦାୟିତ୍ୱରେ ରହିବେ। ତେଣୁ ଡିଆରଏସ୍‌ର ବ୍ୟବହାର ଉପରେ ଆଇସିସି ଗୁରୁତ୍ୱ ଦେଇଛି। ଫଳରେ ସୀମିତ ଓଭର ମ୍ୟାଚ୍‌ରେ ଇନିଂସ ପିଛା ଏବେ ପ୍ରତ୍ୟେକ ଦଳର ଅସଫଳ ଅପିଲ୍ ୨କୁ ବୃଦ୍ଧି ହୋଇଛି। ସେହିପରି ଟେଷ୍ଟରେ ଏହା ୩କୁ ବୃଦ୍ଧି କରାଯାଇଛି। ପୂର୍ବରୁ ଟି୨୦ ବିଶ୍ୱକପ୍‌ରେ ଡିଆରଏସ୍ ବ୍ୟବହାର ହୋଇ ନ ଥିଲା। ତେବେ ୨୦୧୯ ମହିଳା ଟି୨୦ ବିଶ୍ୱକପ୍‌ରେ ଡିଆରଏସ୍ ପ୍ରଥମେ ବ୍ୟବହାର କରାଯାଇଥିଲା।

## ବିଜେତା ଦଳକୁ ୧.୬ ନିୟୁତ ଡଲାର

**ଦୁବାଇ, ୧୦।୧୦ (ପି.ଟି.):** ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ବିଜେତାକୁ ମିଳିବ ୧.୬ ନିୟୁତ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ରବିବାର ଏହା ସ୍ପଷ୍ଟ କରାଯାଇଛି। ଅକ୍ଟୋବର ୧୭ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ୧୬ଟି ଯାକ ଦଳ ୫.୬ ନିୟୁତ ଆମେରିକୀୟ ଡଲାର ଲେଖାଏ ପାଇବେ। ପ୍ରତିଯୋଗିତାର ଦୁଇ ସେମିଫାଇନାଲ ନଭେମ୍ବର ୧୦ ଓ ୧୧ରେ ଖେଳାଯିବ। ସେମିଫାଇନାଲରେ ପରାଜିତ ଦଳ ପ୍ରତ୍ୟେକ ୪,୦୦,୦୦୦ ଡଲାର ଲେଖାଏ ପାଇବେ। ସୁପର ୧୨ଷ୍ଟେଜ୍‌ରେ ଖେଳିବା ଲାଗି ସ୍ଥାନ ପକ୍କା କରିସାରିଥିବା ଦଳଗୁଡ଼ିକ



ହେଲେ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ। କ୍ୱାର୍ଟରଫାଇନାଲରେ ପରାଜିତ ଦଳ ୭୦,୦୦୦ ଡଲାର ଲେଖାଏ ପାଇବେ। ସେହିପରି ପ୍ରଥମ ରାଉଣ୍ଡରେ ନକ୍‌ଆଉଟ ହୋଇଥିବା ଦଳ ପ୍ରତ୍ୟେକ ୪୦,୦୦୦ ଡଲାର ଲେଖାଏ ପାଇବେ। ସୁପର ୧୨ ଷ୍ଟେଜ୍‌ରେ ସ୍ଥାନ ପାଇବା ପାଇଁ ପ୍ରତିଯୋଗିତାରେ ଭାଗ ନେବାକୁଥିବା ଦଳଗୁଡ଼ିକ ହେଲେ ବାଂଲାଦେଶ, ଆୟର୍ଲାଣ୍ଡ, ନାମ୍ବିଆ, ନେଦରଲାଣ୍ଡ୍ସ, ଓମାନ, ପପୁଆ ନ୍ୟୁ ଗିନି, ସ୍କଟଲାଣ୍ଡ ଓ ଶ୍ରୀଲଙ୍କା। ୨୦୧୬ ଭଳି ସୁପର ୧୨ ଷ୍ଟେଜ୍‌ରେ ପ୍ରତିଟି ମ୍ୟାଚର ବିଜେତା ଦଳ ପାଇଁ ବୋନସ ରାଶିର ବ୍ୟବସ୍ଥା କରାଯାଇଛି। ୩୦ଟି ମ୍ୟାଚର ପ୍ରତିଟି ବିଜେତା ଦଳ ୪୦,୦୦୦ ଡଲାର ଲେଖାଏ ପାଇବେ।

ଡ୍ରିଙ୍କ୍ ବ୍ରେକ୍ ପ୍ରଚଳନର ବ୍ୟବସ୍ଥା ହେବ। ପ୍ରତିଟି ମ୍ୟାଚରେ ଗୋଟିଏ ପରିବର୍ତ୍ତେ ଏଣିକି ଦୁଇଟି ଡ୍ରିଙ୍କ୍ ବ୍ରେକ୍ ରହିବ। ପ୍ରତିଟି ବ୍ରେକ୍‌ର ସମୟ ସୀମା ୨ ମିନିଟ ୩୦ ସେକେଣ୍ଡ ରଖାଯାଇଛି। ପ୍ରତ୍ୟେକ ଇନିଂସର ମଧ୍ୟଭାଗରେ ଡ୍ରିଙ୍କ୍ ବ୍ରେକ୍ ରହିବ। ୫ ମିନିଟି ଅଫିସିଆଲ ଡ୍ରିଙ୍କ୍ ବ୍ରେକ୍‌ର ପ୍ରଚଳନ ଦ୍ୱାରା ବ୍ରଡ୍‌କାଷ୍ଟରମାନେ ବିଜ୍ଞାପନରୁ ଅର୍ଥ ଉପାର୍ଜନ କରିପାରିବେ। ଭାରତ ସମ୍ପୃକ୍ତ ଥିବା ମ୍ୟାଚରୁ ଆୟ ଅଧିକ ହେବ ବୋଲି ଆଶା କରାଯାଏ।

## ୧୮୧ତମ ମ୍ୟାଚ୍ ଖେଳି ରୋନାଲ୍ଡୋଙ୍କ ରେକର୍ଡ



**ଫାରୋ, ୧୦।୧୦:** ଫୁଟବଲ ସୁପରଷ୍ଟାର ତଥା ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଏକ ରେକର୍ଡ ଅଧିକାରୀ ହୋଇଛନ୍ତି। ସେ କ୍ୟାରିୟରର ୧୮୧ତମ ଅନ୍ତର୍ଜାତୀୟ ଫୁଟବଲ ମ୍ୟାଚ୍ ଖେଳି ୟୁରୋପୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଶନିବାର ଫିଫା ବିଶ୍ୱକପ୍ ଆୟୋଜକ କାତାର ବିପକ୍ଷ ମ୍ୟାଚ୍ ଖେଳି ୟୁରୋପର ସର୍ବାଧିକ ମ୍ୟାଚ୍ ଖେଳିଥିବା ଫୁଟବଲର ବନିଯାଇଛନ୍ତି। ଏହି ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପର୍ତ୍ତୁଗାଲ ୩-୦ ଗୋଲରେ କାତାରକୁ ହରାଇଥିଲା। ଏହି କ୍ରମରେ ସେ ସ୍ପେନର ସର୍ଗିଓ ରାମୋସଙ୍କୁ ପଛରେ ପକାଇଛନ୍ତି। ରାମୋସ ସ୍ପେନ ପାଇଁ ୧୮୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ରୋନାଲ୍ଡୋ ଏପର୍ଯ୍ୟନ୍ତ ପର୍ତ୍ତୁଗାଲ ପାଇଁ ୧୧୨ଟି ଗୋଲ ସ୍କୋର କରିଛନ୍ତି। କାତାର ବିପକ୍ଷରେ ରୋନାଲ୍ଡୋ ୩୭ତମ ମିନିଟ୍‌ରେ ଗୋଲ ଦେଇ ପର୍ତ୍ତୁଗାଲକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧର ତୃତୀୟ ମିନିଟ୍‌ରେ ଜୋସ ଫଣ୍ଟ ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ୯୦ତମ ମିନିଟ୍‌ରେ ଆନ୍ଦ୍ରେ ସିଲଭା ତୃତୀୟ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ମଙ୍ଗଳବାରଠାରୁ ପର୍ତ୍ତୁଗାଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଅଭିଯାନ ଆରମ୍ଭ କରିବ। ଘରୋଇ ପରିବେଶରେ ପର୍ତ୍ତୁଗାଲ ଲକ୍ସମବର୍ଗକୁ ଭେଟିବ।

# ଓଡ଼ିଶା ଦୃଷ୍ଟିହୀନ ମହିଳା କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର, ୧୦।୧୦(କ୍ରୀଡ଼ା ପ୍ରତିନିଧି)

**କର୍ଣ୍ଣାଟକ ବିପକ୍ଷ ଦ୍ୱିପାକ୍ଷିକ ଟି୨୦ ସିରିଜ**

ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ବେଙ୍ଗାଲୁରୁଠାରେ ଦ୍ୱିପାକ୍ଷିକ ଦୃଷ୍ଟିହୀନ ମହିଳା କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ୩ଟି ଟି୨୦ ମ୍ୟାଚ ଚଳିତ ମାସ ୧୩ ଓ ୧୪ ତାରିଖରେ ଖେଳାଯିବ। ଖେଳାଳିମାନଙ୍କୁ ନେଇ ୬ ଦିନିଆ କୋଚିଂ କ୍ୟାମ୍ପ ହାଇଟେକ୍ ମେଡିକାଲ ପଡ଼ିଆରେ ଶେଷ ହେବା ପରେ ରବିବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। କୋଚିଂ କ୍ୟାମ୍ପ ଏବଂ ଆଗାମୀ ଦ୍ୱିପାକ୍ଷିକ ସିରିଜ ପାଇଁ ହାଇଟେକ୍ ଗ୍ରୁପ୍‌ର ମୁଖ୍ୟ ତିରୁପତି ପାଣିଗ୍ରାହୀ ସମସ୍ତ ସହଯୋଗ କରିଥିବା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ(ସିଏଭିଆଇ) ସଭାପତି ମହମ୍ମଦ ଜାଫର ଇକବାଲ ପ୍ରକାଶ କରିଛନ୍ତି। ଭିଉଜ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ଭୀମା ରାଓ ମଧ୍ୟ ମହିଳା କ୍ରିକେଟ ଦଳ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେଇଛନ୍ତି ବୋଲି ସେ କହିବା ସହ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୨୨ ଫେବୃୟାରୀରେ ଦ୍ୱିତୀୟ ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ଓଡ଼ିଶା ଭାଗ ନେବ। ଓଡ଼ିଶା ଦଳ ସୋମବାର ବେଙ୍ଗାଲୁରୁ ଯାତ୍ରା କରିବ। ମ୍ୟାଚ ୩ଟି ବେଙ୍ଗାଲୁରୁର ବୋମାସାନ୍ଦ୍ରାସ୍ଥିତ ଆଲଟୋରେ ପଡ଼ିଆରେ ଅନୁଷ୍ଠିତ ହେବ।

**ଓଡ଼ିଶା ଦଳ:** ମାମିନା ନାୟକ, ଜମୁନା ରାଣୀ ଟୁଡୁ, ପଦ୍ମିନୀ ଟୁଡୁ, ଚିତା ମାରାଣ୍ଡି, କୌଶଲ୍ୟା ପ୍ରଧାନ, ଲିନା ସ୍ୱାଇଁ (ଅଧିନାୟିକା), ବାସନ୍ତି ହାଁସଦା (ଉପ ଅଧିନାୟିକା), ସୁଲୋଚନା ସିଂ (ଉଇକେଟ କିପର), ରଚନା ଜେନା, ପତନି ସିଂ, ପାର୍ବତୀ ଟୁଡୁ, ଝିଲି ବିରୁଆ, ଫୁଲ ସୋରେନ, ବୀଣାପାଣି ସାହୁ। କୋଚ୍: ଦେବାଶିଷ ଜେନା, ମ୍ୟାନେଜର: ଗୀତା ପଣ୍ଡା, ମେଣ୍ଟର: ଜାଫର ଇକବାଲ।




କର୍ଣ୍ଣାଟକ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ପାଇଁ ମନୋନୀତ ଓଡ଼ିଶା ଦଳର ଦୃଷ୍ଟିହୀନ ମହିଳା ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ସ୍ପେନ ବିପକ୍ଷରେ ଭାରତର ବିଜୟ

**ଆର୍‌ହସ୍, ୧୦।୧୦:** ଇଞ୍ଜୁରି ଯୋଗୁ ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓପନିଂ ମ୍ୟାଚରେ ଅଧାରୁ ଓହରିଯାଇଥିଲେ ହେଁ ଉବର କପ୍ ଫାଇନାଲ ଓପନରରେ ଭାରତ ୩-୨ରେ ସ୍ପେନକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ପ୍ରତିଯୋଗିତାରେ ତା'ର ଅଭିଯାନ ଆରମ୍ଭ କରିଛି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ବିଜୟିନୀ ସାଇନା ସ୍ପେନର କ୍ଲାରା ଆଜୁରମେଣ୍ଡିଙ୍କ ବିପକ୍ଷ ପ୍ରଥମ ଗେମ୍ ୨୦-୨୨ରେ ପରାଜିତ ହେବା ପରେ ତାଙ୍କ ଜଙ୍ଘ ସନ୍ଧିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେବେ ପରବର୍ତ୍ତୀ ଗେମ୍‌ରେ ମାଳବିକା ବନସୋଡ୍ ବିଶ୍ୱର ପୂର୍ବତନ ୨୦ ନମ୍ବର ଖେଳାଳି ବିଟ୍ରିଜ୍ କୋରେଲ୍ସଙ୍କୁ ୨୧-୧୩, ୨୧-୧୫ରେ ହରାଇ ମୁକାବିଲାକୁ ବରାବର ସ୍ଥିତିକୁ ଆଣିଥିଲେ। ତନିଶା କାଷ୍ଟ୍ରୋ ଓ ଋତୁପର୍ଣ୍ଣା ପଣ୍ଡା ଯୋଡ଼ି ପ୍ରଭାବୀ ପ୍ରଦର୍ଶନ କରି ସ୍ପେନର ପାଉଲା ଲୋପେଜ ଓ ଲୋରେନା ଉସ୍‌ଲେଙ୍କ ବିପକ୍ଷ ଗେମ୍ ୨୧-୧୦, ୨୧-୮ରେ ଜିତିନେଇଥିଲେ। ଏହି ବିଜୟ ଦ୍ୱାରା ଭାରତ ୫ ମ୍ୟାଚ ବିଶିଷ୍ଟ ଲଢେଇରେ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ ଗେମ୍‌ରେ ଅଦିତି ଭଟ୍ଟ ୨୧-୧୬, ୨୧-୧୪ରେ ସ୍ପେନର ଆନିଆ ସେଟିନଙ୍କୁ ହରାଇ ଦେବାରୁ ଭାରତ ୩-୧ରେ ଅଗ୍ରଣୀ ସହ ବିଜୟ ପକ୍କା କରିନେଇଥିଲା। ପରେ ଦ୍ୱିତୀୟ ମହିଳା ଡବଲ୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜୟିନୀ ଏନ୍. ସିକ୍କି ରେଡ୍ଡୀ ଓ ଅଶ୍ୱିନି ପୋନାପ୍ପା ବିଶ୍ୱର ୧୨୨ ନମ୍ବର ଯୋଡ଼ି ଆଜୁରମେଣ୍ଡି ଓ କେରୋଲେସ ଯୋଡ଼ିଙ୍କ ବିପକ୍ଷ ଗେମ୍ ୧୮-୨୧, ୨୧-୧୪, ୧୭-୨୧ରେ ହାରିଯାଇଥିଲେ। ଗ୍ରୁପ୍ ବି'ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ସ୍କଟଲାଣ୍ଡ ବିପକ୍ଷରେ ଖେଳିବ।

# ଆଶେସ ସିରିଜ ପାଇଁ ଇଂଲଣ୍ଡର ଅଭିଜ୍ଞ ଦଳ

**ଲଣ୍ଡନ, ୧୦।୧୦ (ଏପି):** ଆସନ୍ତା ଶୀତଋତୁରେ ହେବାକୁ ଥିବା ଆଶେସ ଟୁର୍ ପାଇଁ ଇଂଲଣ୍ଡ ଏକ ୧୭ ଜଣିଆ ପୁରୁଷ କ୍ରିକେଟ ଦଳ ଘୋଷଣା କରିଛି। କ୍ରିସ୍ ସିଲ୍‌ଭରଉଡ୍ ଦଳର ମୁଖ୍ୟ କୋଚ୍ ରହିବେ। ଅଷ୍ଟ୍ରେଲିଆକୁ କୋଭିଡ୍‌ଜନିତ ଗସ୍ତ କଟକଣା ଯୋଗୁ କେତେଜଣ ଖେଳାଳି ଏହି ଦେଶକୁ ଗସ୍ତ କରିବାକୁ କୁଣ୍ଠିତ ହେଉଛନ୍ତି। ତେଣୁ ଦଳ ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳ ପଠାଇ ପାରୁ ନାହିଁ। ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଏବଂ ଆଘାତପ୍ରାପ୍ତ ଜୋଫ୍ରା ଆର୍ଚର, ଓଲି ଷ୍ଟୋନ୍ ଓ ସାମ୍ କୁରାନ୍‌ଙ୍କ ଭଳି ଖେଳାଳିଙ୍କୁ ଦଳରେ ନିଆଯାଇ ନାହିଁ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜେମ୍ସ ଆଣ୍ଡରସନ, ଜୋନାଥନ ବେୟାରଷ୍ଟୋ, ଡମ୍ ବେସ୍, ଷ୍ଟୁଆର୍ଟ ବ୍ରଡ୍, ରୋରି ବର୍ନ୍ସ, ଜୋସ୍ ବଟଲର, ଜ୍ୟାକ୍ କ୍ରଲି, ହାସିବ ହମିଦ୍, ଡାନ୍ ଲରେନ୍ସ, ଜ୍ୟାକ୍ ଲିଚ୍, ଡାଭିଦ ମଲାନ, କ୍ରେଗ୍ ଓଭରଟନ, ଓଲି ପୋପ୍, ଓଲି ରବିନସନ, କ୍ରିସ୍ ଓକ୍ସ, ମାର୍କ ଉଡ୍।



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
*ଫାଇନାନ୍ସ୍ ସ୍କିମ୍ ଅଫର୍ ଗୁଡ଼ିକ ନିର୍ଦ୍ଦିଷ୍ଟ କଷ୍ଟମରଙ୍କ ପାଇଁ ଚୟନିତ ମଡେଲ ଉପରେ ନିର୍ଦ୍ଦିଷ୍ଟ ଫାଇନାନ୍ସ୍ ପାର୍ଟନରଙ୍କ ନିଜ ଇଚ୍ଛାରେ ଉପଲବ୍ଧ ଏବଂ ଏହା ସେହି ଫାଇନାନ୍ସ୍ କଂପାନୀର ନୀତି ଅନୁଯାୟୀ ଆଧାରିତ। କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ। ଚୟନିତ SBI କ୍ରେଡିଟ୍ କାର୍ଡ ମାଧ୍ୟମରେ EMI କାରବାର ଉପରେ କେବଳ ଅଫର୍ ଅବଧିରେ ମାସକୁ ଥରେ SBI କ୍ୟାସବ୍ୟାକ୍ ଲାଗୁ। କେବଳ ଚୟନିତ ଡିଲରସିପ୍‌ରେ ସ୍କିମ୍ ଏବଂ ଅଫର୍ ଉପଲବ୍ଧ ଏବଂ ଏହା କୌଣସି ପୂର୍ବ ସୂଚନା ବିନା ଉଠାଇ ଦିଆଯାଇପାରିବ। ହୋଣ୍ଡା ଜୋଏ କ୍ଲବ୍ ଲୟାଲିଟି ମେମ୍ବରସିପ୍ ର କ୍ରୟ ଉପରେ ## ₹5 ଲକ୍ଷର ପର୍ସନାଲ୍ ଆକ୍ସିଡେଣ୍ଟ୍ କଭର ଲାଗୁ। ସମସ୍ତ ଦାବି ଇନ୍‌ସ୍ୟୁରାନ୍ସ୍ କଂପାନୀର ନିୟମ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିର କରାଯିବ। ଅଧିକ ବିବରଣୀ ପାଇଁ, ଦୟାକରି HJC ହେଲ୍ପଡେସ୍କ କୁ 18005322555 ରେ କଲ୍ କରନ୍ତୁ। *ନିୟମ ଏବଂ ସର୍ତ୍ତାବଳୀ ଲାଗୁ।
ଛବିରେ ଦେଖାଇଦିଆଯାଉଥିବା ପ୍ରଡକ୍ଟ ବଜାରରେ ଉପଲବ୍ଧ ଅସଲି ପ୍ରଡକ୍ଟ ରୁ ଅଲଗା ହୋଇପାରେ। ପ୍ରଡକ୍ଟରେ ଦେଖାଇଦିଆଯାଉଥିବା ଆସେସୋରିଜ୍ ଷ୍ଟାଣ୍ଡର୍ଡ ଉପକରଣର ଅଂଶ ନୁହେଁ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ଅକ୍ଟୋବର ୧୧/୨୦୨୧ (୮+୮= ୧୬ ପୃଷ୍ଠା)
Dhenkanal, Monday, October 11/2021



**ବୋଟାସଙ୍କୁ ଫର୍ମୁଲା ୱାନ୍ ଟାଇଟଲ**
ମର୍ସିଡିଜ୍‌ର ଭାଲଟେରୀ ବୋଟାସ ରବିବାର ତୁର୍କୀଶ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି।
୦୮

୦୭
**ପ୍ରଯୋଜକଙ୍କ ପ୍ରେମରେ ରକୁଲ**
ଫିଲ୍ମ ପ୍ରଯୋଜକ ଜ୍ୟାକି ଭଗନାନୀଙ୍କ ପ୍ରେମରେ ପଡ଼ିଛନ୍ତି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରକୁଲ ପ୍ରୀତ।



# ଅବହେଳା ଜୀବନ ନେଉଛି

*ନିରାପଦ ଗମନାଗମନ ପାଇଁ କେତେକ ସଡ଼କ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। କିନ୍ତୁ ସରକାରୀ ଅଧିକାରୀମାନଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ଅଙ୍କୁଶ ଲାଗିପାରୁନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ ଅବହେଳା ହିଁ ଜୀବନ ନେଉଛି।*

## ୪୮ ଆର୍‌ଡି ନିର୍ବାହୀ ଯନ୍ତ୍ରୀଙ୍କୁ ଜବାବ ତଲବ



ଯାଜପୁର ଅଫିସ,୧୦।୧୦

ଦେଶରେ ଦୁର୍ଘଟଣାଜନିତ ମୃତ୍ୟୁରେ ଓଡ଼ିଶାର ର୍‍ୟାଙ୍କ ୧୬ରୁ ୧୨କୁ ବୃଦ୍ଧି ଘଟିଛି, ଯାହାକି ଏକ ଚିନ୍ତାର ବିଷୟ ହୋଇଛି। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସୁପ୍ରିମକୋର୍ଟ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁ ୫୦% ହ୍ରାସ କରିବାକୁ ସୁପ୍ରିମକୋର୍ଟ କମିଟି ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ(ଆର୍‌ଡି) ବିଭାଗ ଅଧୀନ ରାସ୍ତାଗୁଡ଼ିକରେ ସଡ଼କ ସୁରକ୍ଷା ଏବଂ ଉପଯୁକ୍ତ ରୋଡ୍ ଇନ୍‌ଫର୍ମେଶନ ସିଷ୍ଟମ (ଆର୍‌ଇଏସ୍) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ଆର୍‌ଡି ରାସ୍ତାଗୁଡ଼ିକର ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସାଇନ ବୋର୍ଡ ଲଗାଇବାକୁ ଚଳିତ ବର୍ଷ ୩ ଥର ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ରାଜ୍ୟର ୪୮ଜଣ ଆର୍‌ଡି ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଣଦେଖା କରିଛନ୍ତି। ଗତ ୫ ତାରିଖ ସୁଦ୍ଧା ଏଥିପାଇଁ ଟେଣ୍ଡର ପ୍ରକ୍ରିୟା କିମ୍ବା ଚୁକ୍ତି ହୋଇ ପାରିନାହିଁ। ଏହାକୁ ନେଇ ଆରଡି ବିଭାଗ ଅଧୀନ ଗ୍ରାମ୍ୟ ନିର୍ମାଣ ସର୍ବୋଚ୍ଚ ଯନ୍ତ୍ରୀ କର୍ତ୍ତବ୍ୟ ପାଳନରେ ବିଫଳ ହୋଇଥିବା ଦର୍ଶାଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜବାବ ତଲବ କରିଛନ୍ତି।

ଭାରତରେ ବାର୍ଷିକ ପ୍ରାୟ ୧.୫ ଲକ୍ଷ ଲୋକ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଦେଶରେ ପ୍ରତିବର୍ଷ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଆସୁଛି। ତଥାପି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ହେଉ ନଥିବାରୁ ଚଳିତ ବର୍ଷ ସପ୍ତାହ ସ୍ଥାନରେ ୧ ମାସ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ପାଳନ କରାଯାଇଛି। ତେବେ କ୍ରାଇମବ୍ରାଞ୍ଚ ଓ ସିଆଇଡି ରିପୋର୍ଟ ଅନୁସାରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୨ ନମ୍ବର ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୧୪ରେ ୩୯୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ମୃତ୍ୟୁ ସଂଖ୍ୟା ୪୭୩୮ରେ ପହଞ୍ଚିଥିଲା। ଅର୍ଥାତ୍ ମୃତ୍ୟୁ ସଂଖ୍ୟା ୨୧ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିପରି ୨୦୨୦ ପ୍ରଥମ ୪ ମାସ(ଜାନୁୟାରୀ-ଏପ୍ରିଲ) ଅପେକ୍ଷା ୨୦୨୧ର ଜାନୁୟାରୀ-ଏପ୍ରିଲ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୭.୬% ବୃଦ୍ଧି ଘଟିଛି। ଏଥିରେ ମାଲକାନଗିରି ଓ ଜଗତ୍‌ସିଂହପୁର ଜିଲା ପରେ ଯାଜପୁର ଜିଲା ତୃତୀୟ ସ୍ଥାନରେ ରହିଥିଲା। ଏଥିପାଇଁ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ଚିନ୍ତାବ୍ୟକ୍ତ କରିଛି। ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପି ଏବଂ ଟ୍ରାଫିକ ଡିସିପି ଓ କମିଶନରେଟ ପୋଲିସକୁ ଡିଷ୍ଟ୍ରିକ୍ସ ରୋଡ୍ ସେଫ୍‌ଟି କମିଟି(ଡିଆର୍‌ଏସ୍‌ସି)ର ନିୟମିତ ବୈଠକ କରି ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ପରିବହନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ମଧୁସୂଦନ ପାଢ଼ୀ ୧୬।୭।୨୦୨୧ରେ ନିର୍ଦ୍ଦେଶ ଜାରି କରିଥିଲେ। ଏହାସହ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୩୧।୩।୨୦୨୧, ୬।୪।୨୦୨୧ ଓ ୧୯।୮।୨୦୨୧ରେ ଆନନ୍ଦପୁର, ଅନୁଗୋଳ, ବାଲେଶ୍ୱର-୧ ଓ ୨, ବାରିପଦା, ଭଦ୍ରକ-୧ ଓ ୨, ଭଞ୍ଜନଗର, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଧର୍ମଗଡ଼, ଢେଙ୍କାନାଳ-୧ ଓ ୨, ଗଜପତି, ଗଞ୍ଜାମ-୧, ଗୁଣୁପୁର, ଜଗତ୍‌ସିଂହପୁର, ଯାଜପୁର-୧ ଓ ୨, ଜଳେଶ୍ୱର, ଜୟପୁର, ଝାରସୁଗୁଡ଼ା, କରଞ୍ଜିଆ, କେନ୍ଦ୍ରାପଡ଼ା-୧ ଓ ୨, କେନ୍ଦୁଝର-୧ ଓ ୨, କେଶିଙ୍ଗା, ଖରିଆର, କୋରାପୁଟ, କୁଚିଣ୍ଡା, ମୋହନା, ନବରଙ୍ଗପୁର-୧ ଓ ୨, ନୟାଗଡ଼-୧ ଓ ୨, ନିମାପଡ଼ା, ନୂଆପଡ଼ା, ପଦମପୁର, ପାଟଣାଗଡ଼, ପୁରୀ, ରାଇରଙ୍ଗପୁର, ରାୟଗଡ଼ା, ସୋନପୁର, ସୁନ୍ଦରଗଡ଼-୧ ଓ ୨ ଏବଂ ଟିଟିଲାଗଡ଼ ଡିଭିଜନ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସୂଚନା ଫଳକ ଆଦି ଲଗାଇବାକୁ କିଲୋମିଟର ପିଛା ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ୨୧।୯।୨୦୨୧ରେ ଆର୍‌ଡି ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ କର୍ତ୍ତବ୍ୟରେ ଏଭଳି ଅବହେଳା ଯୋଗୁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ନାମରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ୫।୧୦।୨୦୨୧ରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା।

## ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କଲେ ୫ ହଜାର

- ଅକ୍ଟୋବର ୧୫ରୁ ଆରମ୍ଭ ହେବ ନୂଆ ବ୍ୟବସ୍ଥା
- କେନ୍ଦ୍ରରୁ ରାଜ୍ୟକୁ ଆସିଲା ଚିଠି
- ରାଜ୍ୟରେ ୨୫ ହଜାର ସ୍ୱେଚ୍ଛାସେବୀ ବଛାହେବେ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

କେଉଁଠି ଦୁର୍ଘଟଣା ଘଟିଲେ ପୀଡ଼ିତଙ୍କୁ ଡାକ୍ତରଖାନାରେ ନେଇ ପହଞ୍ଚାଇବା ଲାଗି ବହୁ ବ୍ୟକ୍ତି ଇଚ୍ଛା କରୁନାହାନ୍ତି। କାଳେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ ବାରମ୍ବାର ପୋଲିସ ଜେରାର ସମ୍ମୁଖୀନ ହେବାକୁ ପଡ଼ିବ ସେଥିଲାଗି ଅଧିକାଂଶ ଲୋକ ଏଥିରୁ ନିଜକୁ ଦୂରେଇ ରଖିବାକୁ ଉଚିତ ମଣୁଛନ୍ତି। ଫଳରେ ଦୁର୍ଘଟଣାର ଶିକାର ବ୍ୟକ୍ତି ଅନେକସ୍ଥଳେ ବଞ୍ଚିବାର ଆଶା ଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁ ନାହିଁ। ଏଭଳି ପରିସ୍ଥିତିରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ କିପରି ବଞ୍ଚାଇ ହେବ ସେଥିଲାଗି କେନ୍ଦ୍ର ସରକାର ଏକ ନୂଆ ବ୍ୟବସ୍ଥା କରିଛନ୍ତି। ଏଣିକି ଯେଉଁ ବ୍ୟକ୍ତିମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ପହଞ୍ଚାଇବେ ତାଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୧୫ ତାରିଖରୁ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ସବୁ ରାଜ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ବନ୍ଧିତ ଏକ ଚିଠି ଓଡ଼ିଶା ସରକାରଙ୍କୁ ମଧ୍ୟ ମିଳିଛି। ସେହି ଅନୁଯାୟୀ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ନିଜ ତରଫରୁ ରାଜ୍ୟବ୍ୟାପୀ ୨୫ ହଜାର ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବେ। ଏନେଇ ଏକ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯାଇଛି। ଖୁବ୍‌ଶୀଘ୍ର ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱୀକୃତି ପାଇବ ବୋଲି କୁହାଯାଉଛି।

ଦେଶବ୍ୟାପୀ ଗାଡ଼ିମୋଟର ଚଳାଚଳ ବୃଦ୍ଧି ପାଇବା ସାଙ୍ଗକୁ ଦୁର୍ଘଟଣା ମଧ୍ୟ ବଢ଼ିଚାଲିଛି। ଏହି ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପଟେ ଓଡ଼ିଶାରେ ଦୁର୍ଘଟଣା ଜନିତ ମୃତ୍ୟୁ ପ୍ରତିଶତ ବଢୁଥିବା ଯୋଗୁ ସୁପ୍ରିମକୋର୍ଟ କମିଟି ମଧ୍ୟ ରାଜ୍ୟକୁ ବାରମ୍ବାର ଭର୍ତ୍ସନା କରିଛି। ତେଣୁ ଦୁର୍ଘଟଣାରୁ ଲୋକଙ୍କୁ ରକ୍ଷା କରିବା ଲାଗି ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ କେନ୍ଦ୍ର ନିର୍ଦ୍ଦେଶ ଦେଇଛି। ଏଣିକି ଯେଉଁ ବ୍ୟକ୍ତି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ନେଇ ହସ୍ପିଟାଲରେ ପହଞ୍ଚାଇବ ତାଙ୍କ ପରିଚୟ ଗୋପନ ରଖାଯିବ। କେବଳ ଡାକ୍ତରଖାନା କର୍ମଚାରୀ ତାଙ୍କ ☞ପୃଷ୍ଠା-୩




V2 Value & Variety
97 STORES | 16 STATES

ଏଥର ପୂଜାରେ ସମସ୍ତ ପ୍ରକାର ପୋଷାକ କିଣାକିଣି ଉପରେ ଧମାକାଦାର ଅଫର

ପ୍ରାୟ ୨୫% ରିହାତି* ସମସ୍ତ ପରିଧାନ ଉପରେ
ସକାଳ ୭ ରୁ ୧୧ ଟା
NO CONDITIONS APPLY
* ଗ୍ରାହକମାନେ ସକାଳ ୧୧ ଘ. ପର୍ଯ୍ୟନ୍ତ ଅଫର ଉପଲବ୍ଧ କରିପାରିବେ। ଏହି ଅଫର ୧୫ ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ ବୈଧ ଅଟେ।
ଅଧିକ କ୍ରୟ କ୍ଷେତ୍ରରେ ମଧ୍ୟ ଅଫର ଉପଲବ୍ଧ

କିଣାକିଣି କରନ୍ତୁ ₹୨୫୦୦ ଫେରି ପାଆନ୍ତୁ ₹୭୫୦
ତୁରନ୍ତ ରିହାତି ₹୨୫୦ + ମାଗଣା ଗିଫ୍ଟ ଭାଉଚର (୨୫୦ x ୨ ଭାଉଚର) ₹୫୦୦

କିଣାକିଣି କରନ୍ତୁ ₹୫୦୦୦ ଫେରି ପାଆନ୍ତୁ ₹୨୭୫୦
ତୁରନ୍ତ ରିହାତି ₹୭୫୦ + ମାଗଣା ଗିଫ୍ଟ ଭାଉଚର (୨୫୦ x ୮ ଭାଉଚର) ₹୨୦୦୦

V2 kart
For online shopping log-on-to www.V2KART.COM
5% EXTRA CASHBACK* SBI card
*Min. Trxn.: ₹1,250; Max. Cashback: ₹500 per card account. Also valid on EMI Trxns. Validity: 01 Oct - 14 Nov 2021. T&C Apply.

ସୂଚନା : ସର୍ବନିମ୍ନ ୧୦୦୦ ଟଙ୍କାର କିଣାକିଣିରେ ପ୍ରତି ଗିଫ୍ଟ ଭାଉଚରକୁ ବିମୋଚନ କରାଯାଇପାରିବ। ଗିଫ୍ଟ ଭାଉଚର ୧୬ ଅକ୍ଟୋବର ଠାରୁ ୩୧ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ବୈଧ ଅଟେ। ଗୋଟିଏ ଗିଫ୍ଟ ଭାଉଚରକୁ ଗୋଟିଏ ବିଲ୍‌ରେ ବିମୋଚନ କରାଯାଇପାରିବ।

ORISSA: BRAHMAPUR: CITY MALL, TELEPHONE BHAVAN ROAD, BRAHMAPUR (GM.), PIN-760001 MOB:7557794058 | CUTTACK: BADAMBAADI, CUTTACKBRAJRAJ COMPLEX, BADAMBADI, P.S. BADAMBADI, DIST- CUTTACK, PIN: 753012 MOB: 8093680833 | BHUBANESWAR: MOUZ-JAYADEV VIHAR,PIN-751013 MOB: 8280151273 | JEYPORE: RCC COMPLEX, MAUZA, JAGADHATRIPUR OF JEYPORE TOWN, MAIN ROAD AUROBINDA NAGAR PARABEDA, JEYPORE, DIST-KORAPUT, PIN-764001 MOB:6370770265 | PATRAPADA: NH -5,NEAR INDIAN OIL PETROL PUMP, PIN-751019 MOB: 7008103130 | PATIA: NEAR AXIS BANK, BHUWNASHWAR PATIA PIN-751024 MOB: 8280151273 | JAJPUR: MOUZA BHATIA, JAJPUR ROAD, JAJPUR, PIN-755019 MOB: 6371134485 | ANGUL : MZ-ANGUL TOWN, PIN : 759122 MOB 9776969663 | BALASORE: DISTRICT COLLECTORATE- BALASORE, SRO - BALASORE, P.S- TOWN, MOUZA- BAGBRUNDABAN PIN - 756001 MOB: 9090302380 | BHADRAK: MOUZA- MATHASAHI, BHADRAK, PIN - 756100 MOB: 8310144239 | NIMAPADA: DOLABEDI NIMAPADA CHOWK, PO - NIMAPADA, P.S. - NIMAPADA, DIST. PURI, PIN- 752106 MOB: 9337005232 | SUNDARGARH: KISAM - GHARABARI-1, SUNDARGARH, PIN - 766107 MOB: 8480871412 | RAJKHARIAR: NEAR AXIS BANK, COLLAGE ROAD KHARIAR, NUAPADA PIN-766107 | ROURKELA: MOUZA- R.T.U. NO-36, VILL/PS- UDITNAGAR, PIN-769012 MOB: 9337273758 | BARIPADA: PURNCHADRA PUR (MURGABADI CHOWK) - P.O., P.S.-BARIPADA, DIST - MAYURBHANJ, PIN 757002.

MEN'S WEAR | LADIES WEAR | KIDS WEAR | LIFESTYLE
Follow us on :

*TERMS & CONDITIONS APPLY: OFFER VALID TILL STOCKS LAST. PRICES & OFFERS ARE SUBJECT TO CHANGE AND CAN BE WITHDRAWN WITHOUT PRIOR NOTICE. QUANTITY RESTRICTIONS APPLY. PRODUCT PICTURES ARE INDICATIVE OF THE OFFERS ONLY AND MAY NOT MATCH WITH THE ACTUAL PRODUCTS. OFFERS FOR RETAIL CUSTOMERS ONLY. OFFERS MAY VARY AS PER LOCATION. INCASE OF ANY DISPUTE V2 RESERVES THE RIGHT TO TAKE THE FINAL DECISION. ALL MAJOR CREDIT CARDS ARE ACCEPTED.

## ସଂକ୍ଷେପରେ

### କୃଷକ ହତ୍ୟାକୁ ନେଇ ମୋଦି ନୀରବ କାହିଁକି



ନୂଆଦିଲ୍ଲୀ,୧୦।୧୦: ଦଶରେ କୃଷକମାନଙ୍କୁ ହତ୍ୟା କରାଯାଉଛି। ଜରୁରୀ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିବାରେ ଲାଗିଛି। ଏସବୁକୁ ନେଇ ପ୍ରଧାନମନ୍ତ୍ରୀ ନୀରବ କାହିଁକି ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟରରେ ପ୍ରଶ୍ନ କରିଛନ୍ତି। ସେହିପରି ପୂର୍ବ ଲଦାଖରେ ମୁହାଁମୁହିଁ ସ୍ଥିତି ସମ୍ପର୍କରେ ସ୍ଥଳ ସେନାଧକ୍ଷ ଜେନେରାଲ ଏମ୍.ଏମ୍. ନରଓ୍ୱଣେଙ୍କ 'ଚାଇନା ଏଠାରେ ରହିବ' ମନ୍ତବ୍ୟକୁ ନେଇ ରାହୁଲ କହିଛନ୍ତି, ଚାଇନା କେଉଁଠି ରହିବ? ଆମ ଜାଗାରେ?

### ଲଖିମପୁର ହିଂସା: ଆଜି ମହାରାଷ୍ଟ୍ର ବନ୍ଦ

ମୁମ୍ବାଇ,୧୦।୧୦: ଉତ୍ତର ପ୍ରଦେଶର ଲଖିମପୁର ହିଂସା ପ୍ରତିବାଦରେ ସୋମବାର ମହାରାଷ୍ଟ୍ରରେ ବନ୍ଦ ପାଳନ କରାଯିବ। ରାଜ୍ୟରେ କ୍ଷମତାସୀନ ମହାବିକାଶ ଅଘାଡ଼ି ମେଣ୍ଟ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ରାଜ୍ୟବ୍ୟାପୀ ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କେନ୍ଦ୍ରର କୃଷକ ମାରଣ ନୀତି ବିରୋଧରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି। ଇତିମଧ୍ୟରେ କିଷାନ ସଭା ଏହି ବନ୍ଦକୁ ୧୨ ଜିଲାରେ ସଫଳ କରିବା ପାଇଁ ସମର୍ଥନ ଘୋଷଣା କରିଛି। ପ୍ରକାଶ ଯେ, ଗତ ୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯିବାରୁ ୪ ଅନ୍ଦୋଳନରତ କୃଷକଙ୍କ ମୃତ୍ୟୁ ଘଟିଥିଲା।

### ଭାଜପା ଛାଡିବେନି ଜୟରାମ ପାଙ୍ଗୀ

କୋରାପୁଟ, ୧୦।୧୦(ସ୍ୱ.ପ୍ର.)



ଭାଜପା ଛାଡିବେନି ଦଳର ବରିଷ୍ଠ ନେତା ତଥା କୋରାପୁଟ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ। ଦଳରୁ ଇସ୍ତଫା ଦେବିନାହିଁ ବୋଲି ସେ ରବିବାର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ସୂଚନାନୁଯାୟୀ, ଅକ୍ଟୋବର ୧୦ ତାରିଖ ପୂର୍ବରୁ ଦଳ ଛାଡିବି ବୋଲି ଜୟରାମ ପାଙ୍ଗୀ କିଛି ଦିନ ତଳେ ଗଣମାଧ୍ୟମ ଆଗରେ କହିଥିଲେ। କିନ୍ତୁ ଭାଜପାର ରାଜ୍ୟ ଏବଂ ଜାତୀୟସ୍ତରୀୟ ନେତାମାନଙ୍କ ସହ ଆଲୋଚନା କରିବା ପରେ ମନ ପରିବର୍ତ୍ତନ କରି ଭାଜପାରେ ଅଛି ଓ ରହିବି ବୋଲି ସେ କହିଛନ୍ତି। ଦଳରେ ରହି ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ପାଇଁ କାମ କରିବି ବୋଲି ସେ ସୂଚନା ଦେଇଛନ୍ତି।

# ଭାଜପା ରାସ୍ତାରେ କଂଗ୍ରେସ

## ମୋଦିଙ୍କ ଗଡ଼ରେ ପ୍ରିୟଙ୍କା ଖେଳିଲେ ହିନ୍ଦୁତ୍ୱ କାର୍ଡ



ବାରାଣସୀ,୧୦।୧୦

ଉତ୍ତର ପ୍ରଦେଶରେ ଆଉ କିଛି ମାସ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଲଖିମପୁର ଖେରି ହିଂସା ପ୍ରସଙ୍ଗ ବ୍ୟାକ୍‌ଫୁଟ୍‌ରେ ଥିବା କଂଗ୍ରେସ ପାଇଁ ବ୍ରହ୍ମାସ୍ତ୍ର ପାଲଟିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀରେ ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କୃଷକଙ୍କ ସମର୍ଥନରେ ରଣହୁଙ୍କାର ଦେଇଛନ୍ତି। ଦେବଦେବୀଙ୍କ ପବିତ୍ର ସହରରେ ଏକ ସଭାକୁ ସମ୍ବୋଧିତ କରି 'ଜୟ ମାତା ଦୀ' ସ୍ତୁତି କରିବାକୁ ସେ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି।

ଭାଜପାର ହିନ୍ଦୁତ୍ୱକୁ ଚ୍ୟାଲେଞ୍ଜ ଦେବାକୁ ଯାଇ କଂଗ୍ରେସ ମଧ୍ୟ ଅନୁରୂପ ପନ୍ଥା ଆପଣାଇବାରେ ଲାଗିଲାଣି। ଏହି କ୍ରମରେ ମା' ଦୁର୍ଗାଙ୍କ ସ୍ତୁତିରୁ ବକ୍ତବ୍ୟ ଆରମ୍ଭ କରି ପ୍ରିୟଙ୍କା ନବରାତ୍ର ପାଇଁ ଲୋକଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସେ ଉପବାସ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରି ପ୍ରିୟଙ୍କା କହିଥିଲେ, ଲଖିମପୁର ଖେରିର ସଦ୍ୟ ହିଂସା ସାଧାରଣ ଲୋକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋଦି ସରକାର ଅମଳରେ ଗରିବ, ବଞ୍ଚିତ, ଦଳିତ, ମହିଳା କେହି ସୁରକ୍ଷିତ ନୁହନ୍ତି। ମୋଦି ତାଙ୍କର କେତେଜଣ ହାତଗଣତି କୋଟିପତି ବନ୍ଧୁଙ୍କୁ ସୁହାଇଲା ଭଳି କାମ କରୁଛନ୍ତି। କୃଷକମାନେ ହେଉଛନ୍ତି ଦେଶର ନିର୍ମାତା। ଏହା ମୋଦି କିମ୍ବା ତାଙ୍କ ମନ୍ତ୍ରୀମାନଙ୍କର ନୁହେଁ। ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତ କରୁଛନ୍ତି କିନ୍ତୁ ଲଖିମପୁର ଖେରିକୁ ଆସି ମୃତକଙ୍କ ପରିବାରକୁ ଭେଟିପାରୁନାହାନ୍ତି। ଏପରିକି କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ସହ ମଧ୍ୟ ସେ ଆଲୋଚନା କରୁନାହାନ୍ତି। ଫଳରେ ଏହି ୩ ବିବାଦୀୟ ଆଇନ କାର୍ଯ୍ୟକାରୀ ହେଲେ ମୋଦିଙ୍କ କୋଟିପତି କର୍ପୋରେଟ୍ ବନ୍ଧୁମାନେ ସେମାନଙ୍କ ଚାଷଜମି ଛଡ଼ାଇନେବେ ବୋଲି କୃଷକ ଆଶଙ୍କା କରୁଛନ୍ତି।

ବାରାଣସୀର ରୋହିନିଆସ୍ଥିତ ଜଗତରାମ ଇଣ୍ଟର କଲେଜ ପଡ଼ିଆରେ ଆୟୋଜିତ ଏହି 'କିଷାନ ନ୍ୟାୟ' ସଭାରେ ପ୍ରିୟଙ୍କାଙ୍କ ସହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ଦଳର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେମାନେ ମଧ୍ୟ 'ହର ହର ମହାଦେବ' ସ୍ଲୋଗାନ ଦେଇଥିଲେ। ଏହା ପରେ କୋରାନ ଓ ଗୁରୁବାଣୀର କିଛି ଶ୍ଲୋକ ଉଚ୍ଚାରଣ କରାଯାଇଥିଲା। ଏହା ପୂର୍ବରୁ ପ୍ରିୟଙ୍କା କାଶି ବିଶ୍ୱନାଥ ମନ୍ଦିରରେ ଶିବଙ୍କ ଦର୍ଶନ କରିବା ସହ ନବରାତ୍ର ପାଇଁ ଦୁର୍ଗାକୁଣ୍ଡକୁ ଯାଇଥିଲେ।

> ତୁମେ ଯଦି ପରିବର୍ତ୍ତନ ଆଣିବାକୁ ଚାହୁଁଛ ତେବେ ମୋ ସହିତ ଆସ। ମୋ ସହ ସଂଘର୍ଷ କରି ଏହି ସରକାରକୁ ବଦଳାଇଦିଅ। ଏଠାରେ ପରିବର୍ତ୍ତନ ନ ଆଣିବା ଯାଏ ମୁଁ ଅଟକିଯିବି ନାହିଁ।
> **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**



ପଞ୍ଜାବ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇ ନ ଥିବାବେଳେ ଶିରୋମଣି ଅକାଳୀ ଦଳ ଅଧ୍ୟକ୍ଷ ସୁଖବୀର ସିଂ ବାଦଲ(ମଝି) ରବିବାର ଅମୃତସରରେ ଦଳୀୟ ପ୍ରଚାର ଆରମ୍ଭ କରିଛନ୍ତି।

## ଏନ୍‌ସି ଛାଡ଼ିଲେ ଦେବେନ୍ଦର, ସୁରଜିତ



ସୁରଜିତ ସିଂ ସ୍ଲାଥିଆ



ଦେବେନ୍ଦର ରାଣା

ଜମ୍ମୁ, ୧୦।୧୦(ପି.ଟି.)

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ରୁ ଦୁଇ ପ୍ରମୁଖ ନେତା ଦେବେନ୍ଦର ରାଣା ଏବଂ ସୁରଜିତ ସିଂ ସ୍ଲାଥିଆ ରବିବାର ଇସ୍ତଫା ଦେଇଛନ୍ତି। ଫଳରେ ଜମ୍ମୁରେ ଉକ୍ତ ଦଳକୁ ଶକ୍ତ ଝଟ୍‌କା ଲାଗିଛି। ସୋମବାର ସେମାନେ ଦିଲ୍ଲୀରେ ଭାଜପାରେ ଯୋଗଦେବା ସମ୍ଭାବନା ରହିଛି। ଏନ୍‌ସି ଅଧ୍ୟକ୍ଷ ଡ. ଫାରୁକ ଅବଦୁଲ୍ଲା ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ରାଣା ଏନ୍‌ସିର ଜମ୍ମୁ ସଭାପତି ଥିଲେ। ସେ ଦଳ ଛାଡ଼ି ଭାଜପାରେ ଯୋଗଦେବା ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପୂର୍ବତନ ମନ୍ତ୍ରୀ ସ୍ଲାଥିଆଙ୍କ ସହ ସେ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦେବେନ୍ଦ୍ର ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଭାଇ।

# ବିଧାୟକଙ୍କ ଗାଡ଼ି ଉପରେ ବୋମାମାଡ଼



ବୋମାମାଡ଼ ପରେ ଗାଡ଼ି ସମ୍ମୁଖରେ ବିଧାୟକ ମୋହନ ମାଝି।

- ବିଜେଡି ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ ମୋହନ ମାଝି
- ପ୍ରତିବାଦରେ ଭାଜପା କର୍ମୀଙ୍କ ରାସ୍ତାରୋକୋ

କେନ୍ଦୁଝର,୧୦।୧୦(ସ୍ୱ.ପ୍ର.)

କେନ୍ଦୁଝର ସଦର ବିଧାୟକ ମୋହନ ମାଝିଙ୍କ ଗାଡ଼ି ଉପରକୁ ରବିବାର ପୂର୍ବାହ୍ନରେ ବୋମାମାଡ଼ କରାଯାଇଛି। ଟାଉନ ଥାନା ଅଧୀନ ମଣ୍ଡୁଆ ନିକଟରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ବୋମା ଫିଙ୍ଗି ଫେରାର ହୋଇ ଯାଇଛନ୍ତି। ଫଳରେ ଗାଡ଼ି ବନେଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଧାୟକ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ କିଏ କାହିଁକି ବୋମା ମାଡ଼ କଲା ଜଣା ପଡ଼ିବ ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

ବିଧାୟକ ମାଝି କହିଛନ୍ତି, ସେ ମଣ୍ଡୁଆ ସ୍ଥିତ ଶିକ୍ଷା ବିକାଶ ସମିତିରେ ଚାଲିଥିବା ଭାରତୀୟ ମଜଦୁର ସଂଘର ବୈଠକ ସାରି ଘରକୁ ଫେରୁଥିବା ବେଳେ ୨ ଦୁର୍ବୃତ୍ତ କଳା ସାର୍ଟ ପିନ୍ଧି ତାଙ୍କ ଗାଡ଼ି ଉପରକୁ ଦୁଇଟି ବୋମା ଫିଙ୍ଗିଥିଲେ। ଫଳରେ ତାଙ୍କ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ବୃତ୍ତ ଦ୍ୱୟ ବନ୍ଧୁକ ଦେଖାଇ ଦ୍ରୁତ ଗତିରେ ପଳାଇଥିଲେ। ଏହା ପଛରେ ବିଜେଡି ନେତା ରାଜା ଚକ୍ରଙ୍କ ହାତ ଥିବା ବିଧାୟକ କହିଛନ୍ତି। କିଛି ଦିନ ତଳେ ସେ ଏକ ବୈଠକରେ ରାଜାଙ୍କ ବିରୋଧରେ କହିଥିବାରୁ ତାଙ୍କ ସମର୍ଥକମାନେ ଏଭଳି କାଣ୍ଡ ଘଟାଇଥିବା ବିଧାୟକ ମାଝି ଅଭିଯୋଗ କରିଛନ୍ତି। ସେହିପରି ଶୁଆକାଟି ସ୍ଥିତ ଲୋଡିଂ ଏଜେନ୍ସି ବିରୋଧରେ ଲାଗିରହିଥିବା ଆନ୍ଦୋଳନକୁ ସେ ସମର୍ଥନ କରିଥିବାରୁ ଏଭଳି ଆକ୍ରମଣ କରାଯାଇଥିବା ଆଶଙ୍କା କରୁଥିବା କହିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୯୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସଂକ୍ରାନ୍ତରେ ବିଜେଡି ନେତା ରାଜା ଚକ୍ର କହିଛନ୍ତି, ଅଯଥାରେ ଘଟଣାକୁ ରାଜନୈତିକ ରୂପ ଦିଆଯାଉଛି। ଆକ୍ରମଣକାରୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ବିଧାୟକଙ୍କ ସୁରକ୍ଷା ଦାବିରେ ଭାଜପା କର୍ମୀମାନେ ସହରର ଗାନ୍ଧୀ ଛକଠାରେ ୪୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖୁବ୍ ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)



ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ଭାଜପା ବରିଷ୍ଠ ନେତା ମୋହନ ଚରଣ ମାଝୀଙ୍କ ଉପରକୁ ରବିବାର ବୋମାମାଡ଼ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହ ସହ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧର୍ମେନ୍ଦ୍ର ଟୁଇଟ୍ କରି ଦାବୀ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ମାଝୀଙ୍କ ଉପରକୁ ହୋଇଥିବା ବୋମା ମାଡ଼ ଘଟଣାକୁ ଦୃଢ଼ ନିନ୍ଦା କରୁଛି। ସାମାଜିକ ରାଜନୈତିକ ଜୀବନରେ ଥିବା ଜଣେ ଜନପ୍ରତିନିଧିଙ୍କ ଉପରେ ଦିନ ଦ୍ୱିପହରରେ ସର୍ବସାଧାରଣ ଜାଗାରେ ଆକ୍ରମଣ କରାଯିବା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟ ଅବସ୍ଥା କେଉଁ ଅବସ୍ଥାରେ ଅଛି, ଏହି ଘଟଣାରୁ ଅନୁମେୟ ହେଉଛି। ଅନେକ ସମୟରେ ଗଣତାନ୍ତ୍ରିକ ପଦ୍ଧତିରେ କଟୁ ସମାଲୋଚନା ହେବାକୁ ପଡେ। ଗଣତନ୍ତ୍ରରେ ବାଦ ବିବାଦ ରହିବ କିନ୍ତୁ ଜଣେ ଜନପ୍ରତିନିଧିଙ୍କୁ ରାଜରାସ୍ତାରେ ଆକ୍ରମଣ କରାଯିବା ଚିନ୍ତାର ବିଷୟ। ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

## ସ୍ମାର୍ଟ କାର୍ଡ ବଣ୍ଟନକୁ କଂଗ୍ରେସର ବିରୋଧ

**କାର୍ଯ୍ୟକ୍ରମରେ ବିଜେଡି କର୍ମୀଙ୍କୁ ସାମିଲ ଅଭିଯୋଗ**

ପୁରୀ ଅଫିସ,୧୦।୧୦

ପୁରୀ ପୌରାଞ୍ଚଳର ୧୩ ନମ୍ବର ଓ୍ୱାର୍ଡ ପାଇଁ ରବିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନବେଳେ କଂଗ୍ରେସ କର୍ମୀ ବିରୋଧ କରିବା ସହ ପୋଷ୍ଟର ଚିରିଛନ୍ତି। ସୂଚନାଯୋଗ୍ୟ, ସମ୍ପ୍ରତି ପୁରୀ ଜିଲାର ବିଭିନ୍ନ ସ୍ଥାନରେ ସ୍ମାର୍ଟ କାର୍ଡ ବଣ୍ଟନ ଚାଲିଛି। ରବିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପୁରୀ ସହରର ୧୩ ନମ୍ବର ଓ୍ୱାର୍ଡ ପାଇଁ ବିଶ୍ୱମ୍ଭର ବିଦ୍ୟାପୀଠ ସ୍କୁଲ୍‌ରେ ସ୍ମାର୍ଟ କାର୍ଡ ବାଣ୍ଟିବାର କାର୍ଯ୍ୟକ୍ରମ ଥିଲା। ତେବେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି ଓ ଅନ୍ୟ ବିଜେଡି ନେତାମାନେ ଯୋଗଦେବାକୁ ଥିବା ଖବର ପାଇ କଂଗ୍ରେସ କର୍ମୀମାନେ ସେଠାରେ ପହଞ୍ଚି ବିରୋଧ କରିଥିଲେ। ବିଜେଡି କର୍ମୀଙ୍କୁ ଉକ୍ତ ସରକାରୀ କାର୍ଯ୍ୟକ୍ରମରେ ସାମିଲ କରାଇ ଦେବେନାହିଁ ବୋଲି ଚେତାବନୀ ଦେବା ସହ ବିଦ୍ୟାଳୟ ସମ୍ମୁଖରେ ଲାଗିଥିବା ଏ ସଂକ୍ରାନ୍ତ ପୋଷ୍ଟରକୁ ଚିରିଥିଲେ। ଫଳରେ ସ୍ମାର୍ଟକାର୍ଡ ବଣ୍ଟନକୁ ନେଇ ଆଶଙ୍କା ଦେଖାଦେଇଥିଲା। ଏ ସଂକ୍ରାନ୍ତରେ ପୁରୀ ଡିଏସ୍‌ପି ମିହିର ପଣ୍ଡା ଖବର ପାଇ ସେଠାରେ ପହଞ୍ଚି ୧୩ ନମ୍ବର ୱାର୍ଡ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ୱାର୍ଡବାସିନ୍ଦାଙ୍କ ଦାବି ମୁତାବକ ମନ୍ତ୍ରୀ ପଣ୍ଡା ଓ ସରକାରୀ ଅଧିକାରୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଉକ୍ତ ୧୩ ନମ୍ବର ୱାର୍ଡ କଂଗ୍ରେସ ଗଡ଼ ଭାବେ ପରିଚିତ। ଗତ ପୌର ନିର୍ବାଚନରେ ମଧ୍ୟ କଂଗ୍ରେସ ଏହି ଆସନରେ ବିଜୟୀ ହୋଇଥିଲା।

# ଗଞ୍ଜାମରେ ମହିଳା ପ୍ରାର୍ଥୀ ଖୋଜୁଛନ୍ତି ୩ ଦଳ



- ସଂରକ୍ଷଣକୁ ଭାଜପାର ବିରୋଧ
- ସାନଖେମୁଣ୍ଡି, ଗୋପାଳପୁର ଉପରେ ବିଜେଡିର ଫୋକସ୍

ବ୍ରହ୍ମପୁର ଅଫିସ,୧୦।୧୦

ଗଞ୍ଜାମରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୬୯ ଜିଲା ପରିଷଦ ଜୋନ, ୨୨ ବ୍ଲକ ଅଧ୍ୟକ୍ଷ, ୫୦୩ ସରପଞ୍ଚ ଓ ସମ ପରିମାଣର ସମିତିସଭ୍ୟ ଲାଗି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ମହିଳାଙ୍କ ପାଇଁ ୫୦% ସଂରକ୍ଷିତ ଥିବା ବେଳେ ଜିଲା ପରିଷଦ ନିମନ୍ତେ ୩୬ ଜୋନ୍ ରହିଛି। ତେଣୁ ଶାସକ ବିଜେଡି, ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ ମହିଳା ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ପ୍ରକାଶିତ ସଂରକ୍ଷଣ ତାଲିକା ବିଜେଡିକୁ ସୁହାଇଲା ଭଳି ହୋଇଥିବା ଭାଜପା ଅଭିଯୋଗ କରିଛି। ରବିବାର ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ସ୍ୱତନ୍ତ୍ର ବୈଠକ ଗୋଳନ୍ଥରାରେ ସଭାପତି ବିଭୂତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଶାସକ ଦଳ ଇଙ୍ଗିତରେ ସଂରକ୍ଷଣ କରିଥିବା ସମାଲୋଚନା କରାଯାଇଛି।

ଅପରପକ୍ଷରେ ଏବେ ସୁଦ୍ଧା ବିଜେଡି ବ୍ଲକ ଓ ସହରାଞ୍ଚଳ ସାଙ୍ଗଠନିକ କମିଟି ଗଠନ ହୋଇ ନ ଥିବାରୁ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏବେ ସାନଖେମୁଣ୍ଡି ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ବିଜେଡି ଫୋକସ୍ କରିଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହୋଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ସାନଖେମୁଣ୍ଡି ଆସନ ହାତଛଡ଼ା ହୋଇଛି। ସେଠାର କଂଗ୍ରେସ ବିଧାୟକ ରମେଶ ଜେନା ଦଳର ଜିଲା ସଭାପତି ହୋଇଥିବାରୁ ସଂଗଠନ ବିସ୍ତାର ନିମନ୍ତେ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ କରି ଭାଜପା ଓ ବିଜେଡି କର୍ମୀଙ୍କୁ କଂଗ୍ରେସରେ ସାମିଲ କରାଉଛନ୍ତି। ସାନଖେମୁଣ୍ଡି ବିଧାନସଭା କ୍ଷେତ୍ରରେ ବିଜେଡି ସଂଗଠନକୁ ସକ୍ରିୟ କରାଇବାର ପଦକ୍ଷେପ ନିଆଯାଇଛି।

ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କୁ ବିଜେଡି ଜିଲା ପର୍ଯ୍ୟବେକ୍ଷକ କରାଯାଇଛି। ସେହିପରି ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ହୋଇଛନ୍ତି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଜେନାଙ୍କୁ ସହଯୋଗ କରିବାର ଦାୟିତ୍ୱ ନେଇଛନ୍ତି। ଏହି ୪ ଜଣ ଗତ ଶନିବାର ଧରାକୋଟ ଯାଇ ପଞ୍ଚାୟତ ନିର୍ବାଚନ ପାଇଁ ଅଞ୍ଚଳର କର୍ମୀଙ୍କ ସହ ଆଲୋଚନା ସାଙ୍ଗକୁ ରଣନୀତି ନେଇ ମନ୍ତ୍ର ଫୁଙ୍କିଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ ସମ୍ପର୍କରେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ମହିଳା ଭୋଟଗୁଡ଼ିକ ଯେଭଳି ହାତଛଡ଼ା ନ ହେବ ସେଥିପାଇଁ ମନ୍ତ୍ରୀ ମଲିକ ଓ ବିଧାୟକ ଜେନା ଗୁରୁତ୍ୱ ଦେଇଥିଲେ।

ଦଳୀୟ ଚିହ୍ନରେ ଜିଲା ପରିଷଦ ନିର୍ବାଚନ ହେବାକୁ ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଶାସକ ଦଳରେ ଅସନ୍ତୋଷ ଦେଖାଦେଇଥିବାରୁ ଏହାର ସୁଯୋଗ ନେବାକୁ ଦୁଇ ବିରୋଧୀ ଦଳ ଉଦ୍ୟମ ଆରମ୍ଭ କରିଦେଇଛି। ଭାଜପାର ଗଞ୍ଜାମ ଓ ଘୁମୁସର ଦୁଇ ସାଙ୍ଗଠନିକ ଜିଲା ଅଛି। ଗଞ୍ଜାମ ଜିଲାରେ ୨୨ ଜିଲା ପରିଷଦ ଜୋନ ଥିବା ବେଳେ ଅବଶିଷ୍ଟ ୪୭ ଜୋନ ଘୁମୁସରରେ ଅଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଗଞ୍ଜାମ ସଂଗଠନ ଜିଲାରେ ୩ ଏବଂ ଘୁମୁସର ସଂଗଠନ ଜିଲାରୁ ମାତ୍ର ଜଣେ ଜିଲା ପରିଷଦକୁ ନିର୍ବାଚିତ ହୋଇଥିଲେ। ବିଜେଡି ୬୪ ଓ କଂଗ୍ରେସ ଗୋଟିଏ ଜୋନ୍‌ରେ ନିର୍ବାଚିତ ହୋଇଥିବା ତଥ୍ୟ ରହିଛି। କରୋନା ଯୋଗୁ ଲକ୍‌ଡାଉନ୍, ଶଟ୍‌ଡାଉନ୍ ଫଳରେ ଜିଲାରେ ବିଜେଡି ସରକାର ଉପରେ ଲୋକଙ୍କ କ୍ରୋଧ ଦେଖାଦେଇଥିବା ବେଳେ ତୈଳ ସମେତ ଅତ୍ୟାବଶ୍ୟକ ପଦାର୍ଥର ଲଗାମଛଡ଼ା ଦର ବୃଦ୍ଧି ଯୋଗୁ ଭାଜପା ପ୍ରତି ଲୋକଙ୍କ ବିମୁଖ ଭାବ ଲାଗି ରହିଛି। ଗୋଷ୍ଠୀ କନ୍ଦଳରୁ କଂଗ୍ରେସରେ ପତ୍ରଝଡ଼ା ରହୁ ଚାଲିଛି। ଏଭଳି ସ୍ଥିତିରେ ପ୍ରଥମେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। କାହାକୁ ସଫଳତା ମିଳିବ ସେଥିପାଇଁ ଅପେକ୍ଷା କରାଯାଇଛି।

# ନୂଆ ପଦ୍ଧତିରେ ସ୍ୱଚ୍ଛତାକୁ ନେଇ ଆଶଙ୍କା

## ଯୁକ୍ତ୨ ପରୀକ୍ଷା

- ଘରୋଇ କଲେଜ ନିଜ ପିଲାଙ୍କ ମାର୍କ ବଢ଼ାଇବା ସମ୍ଭାବନା
- ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ସହ ସବୁ ପରୀକ୍ଷାରେ ସ୍କ୍ୱାଡ୍ ଯାଉ
- ପ୍ରଥମ ବର୍ଷ ବି ବୋର୍ଡ ପରୀକ୍ଷା କରାଯାଉ

ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ, ଓଡ଼ିଶା

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଯୁକ୍ତ୨ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ନୂଆ ପଦ୍ଧତି ଆପଣାଇଛି। ସିଏଚ୍‌ଏସ୍‌ଇର ଏହି ପରୀକ୍ଷା ସଂସ୍କାର ନୀତିରେ ସରକାରଙ୍କ ମୋହର ବି ଲାଗିସାରିଛି। ତେବେ ଏଥିରେ ସ୍ୱଚ୍ଛତାକୁ ନେଇ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିବା ସହ ପ୍ରଶ୍ନ ଉଠାଇଛନ୍ତି।

ନୂଆ ପଦ୍ଧତି ଅନୁସାରେ, ଦୁଇବର୍ଷ ମଧ୍ୟରେ ୬ଟି ଇଣ୍ଟରନାଲ ଓ ୨ଟି ଆନୁଆଲ ପରୀକ୍ଷା ହେବ। ତିନିମାସକୁ ଥରେ ହେବାକୁ ଥିବା ୨୦ ମାର୍କ ବିଶିଷ୍ଟ ଇଣ୍ଟରନାଲ ପରୀକ୍ଷାଗୁଡ଼ିକରେ କିପରି ପ୍ରଶ୍ନ ଆସିବ ତାହା ବିସ୍ପଷ୍ଟ କରାଯାଇଛି। ୬ଟି ୧ମାର୍କ ବିଶିଷ୍ଟ ଅତି ସଂକ୍ଷିପ୍ତ ପ୍ରଶ୍ନ ଆସିବ। ସେହିପରି ୪ଟି ୨ମାର୍କ ବିଶିଷ୍ଟ ସଂକ୍ଷିପ୍ତ ପ୍ରଶ୍ନ ରହିବ, ଯେଉଁଥିରୁ ପରୀକ୍ଷାର୍ଥୀ ୩ଟିରେ ଉତ୍ତର ଦେବେ। ୪ ମାର୍କ ବିଶିଷ୍ଟ ୩ଟି ପ୍ରଶ୍ନରୁ ୨ଟିରେ ଉତ୍ତର ଦେବାକୁ ପଡ଼ିବ। ଏହି ପଦ୍ଧତିରେ ପରୀକ୍ଷା କରିବା ପାଇଁ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରଥମବର୍ଷ ଆନୁଆଲ ପରୀକ୍ଷା ମଧ୍ୟ କଲେଜ ସ୍ତରରେ ହେବ ଓ ସିଏଚ୍‌ଏସ୍‌ଇ କେବଳ ଯୁକ୍ତ୨ ବୋର୍ଡ ପରୀକ୍ଷା ପରିଚାଳନା କରିବ। ତେବେ କଲେଜ ସ୍ତରରେ ହେଉଥିବା ପରୀକ୍ଷା ଫଳକୁ ଅନ୍‌ଲାଇନ୍ ଜରିଆରେ କର୍ତ୍ତୃପକ୍ଷ ସିଏଚ୍‌ଏସ୍‌ଇକୁ ପଠାଇବେ, ଯାହାକୁ ରେକର୍ଡ ଭାବେ ରଖାଯିବ। ଭବିଷ୍ୟତରେ ମହାମାରୀ ପାଇଁ ଯଦି ପରୀକ୍ଷା ବାତିଲ ହୁଏ, ଏସବୁ ପରୀକ୍ଷାର ମାର୍କ ଆଧାରରେ ବିକଳ୍ପ ମୂଲ୍ୟାୟନ କରାଯିବ। ସେହିପରି ଗତବର୍ଷ ଭଳି ଏଥର ମଧ୍ୟ ୩୦ପ୍ରତିଶତ କମ୍ ସିଲାବସ୍‌ରେ ଶିକ୍ଷାଦାନ ହେବ। ସିଏଚ୍‌ଏସ୍‌ଇର ଏହି ନୂତନ ପଦ୍ଧତିକୁ ନେଇ ଶିକ୍ଷାବିତ୍ ଓ ପିଲାଙ୍କ ଭିତରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି।

ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ କହିଛନ୍ତି, ପରିଷଦ ଭଲ ପଦକ୍ଷେପ ନେଇଛି। ସବୁ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବା ଦରକାର। ଏଥିସହିତ ଘରୋଇ କଲେଜଗୁଡ଼ିକ କିପରି ଇଣ୍ଟର୍‌ନାଲ ପରୀକ୍ଷାରେ ତାଙ୍କ ପିଲାଙ୍କ ନମ୍ବର ବଢ଼ାଇକି ନ ଦେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ଶିକ୍ଷାବିତ୍ ପବିତ୍ର ମହଲା କହିଛନ୍ତି, ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆମେ ଏହାକୁ ଲାଗୁ କରିବା ପାଇଁ ପୂର୍ବରୁ ଦାବି କରି ଆସୁଥିଲୁ। ସିବିଏସ୍‌ଇ ପ୍ରତିବର୍ଷ ଏଭଳି ପରୀକ୍ଷା କରୁଛି। ତେଣୁ ଚଳିତବର୍ଷ ବିନା ପରୀକ୍ଷାରେ ବି ଯୁକ୍ତ୨ ବିକଳ୍ପ ମୂଲ୍ୟାୟନ ଠିକ୍ ହୋଇପାରିଲା। କିନ୍ତୁ ଆମର ସେହି ବ୍ୟବସ୍ଥା ନ ଥିବାରୁ ଏଥର ପିଲାଙ୍କର ଦଶମ ପରୀକ୍ଷାଫଳକୁ ଆଧାର କରି ମାର୍କ ଦିଆଗଲା। ତେଣୁ ଆମେ ଚାହୁଁଛୁ ଏହି ନୂତନ ପରୀକ୍ଷା ପଦ୍ଧତି ଲାଗି ରହୁ। ପ୍ରଥମତଃ ପିଲାଙ୍କର ପଢ଼ିବା ପାଇଁ ଆଗ୍ରହ ବଢ଼ିବ। ପିଲା ଓ ଶିକ୍ଷକ ସବୁବେଳେ ଏଥିରେ ସମ୍ପୃକ୍ତ ରହିବେ। ତେଣୁ ଏହା ଭଲ ପ୍ରଭାବ ପକାଇବ। ତେବେ ରେସିଡେନ୍‌ସିଆଲ କଲେଜଗୁଡ଼ିକରେ ପିଲାଙ୍କୁ ଅଧିକ ମାର୍କ ଦିଆଯାଉଛି ବୋଲି ଅନ୍ୟ ପିଲାମାନେ ଅଭିଯୋଗ କରୁଛନ୍ତି। ମୋ ପାଖରେ ଏହାର ପ୍ରମାଣ ନାହିଁ କି ଏହା ସତ୍ୟ କି ନୁହେଁ ଜାଣିନି। କିନ୍ତୁ ଏପରି ନିଶ୍ଚୟ ହେଉଥିବ ବୋଲି ମୁଁ ବି ଆଶା କରୁଛି। ପରିଷଦ ଏହା ତଦାରଖ କରିବା ଉଚିତ। ପରିଷଦ ପାଖରେ ଆମେ ଯେଉଁ ମାର୍କ ଦାଖଲ କରିବୁ, ତାହା କିପରି ସ୍ୱଚ୍ଛ ଓ ନିର୍ମଳ ହେବ ସେଥିପାଇଁ ସବୁ ସରକାରୀ, ସରକରୀ ଅନୁଦାନପ୍ରାପ୍ତ, ରେସିଡେନ୍‌ସିଆଲ କଲେଜର ସେହି ମାର୍କକୁ ପରିଷଦ ତଦାରଖ କରିବା ଆବଶ୍ୟକ। ସେହିପରି ପରିଷଦ ଏସବୁ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଖସଡ଼ା ତିଆରି କରୁ। ଯେପରିକି ନିର୍ଦ୍ଦିଷ୍ଟ ମାସରେ ସବୁ କଲେଜରେ ଏକ ସମୟରେ ପରୀକ୍ଷା ହେବ। ପରୀକ୍ଷା କିପରି ହେଉଛି ପରିଷଦ ଚାହିଁଲେ ସବୁ କଲେଜକୁ ସ୍କ୍ୱାଡ୍ ମଧ୍ୟ ପଠାଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ବହୁ ପୂର୍ବରୁ ଯୁକ୍ତ୨ରେ ଦୁଇଟି ବୋର୍ଡ ପରୀକ୍ଷା କରିବାକୁ ଯୋଜନା ହୋଇଥିଲା। କିନ୍ତୁ ପ୍ରଥମ ବର୍ଷରେ ବୋର୍ଡ ପରୀକ୍ଷା ଏଯାଏ ଲାଗୁ ହୋଇପାରିଲା ନାହିଁ। ପରିଷଦର ଏହି ଅଦୂରଦର୍ଶିତା ଯୋଗୁ ଚଳିତବର୍ଷ ଦଶମ ଆଧାରରେ ଯୁକ୍ତ୨ ପିଲାଙ୍କୁ ମାର୍କ ଦିଆଗଲା। ଏ ସମ୍ପର୍କରେ ଶିକ୍ଷାବିତ୍ ମହଲା କହିଛନ୍ତି, ଯୁକ୍ତ୨ରେ ପ୍ରଥମ ବର୍ଷ ବୋର୍ଡ ପରୀକ୍ଷା ହେଲେ ପିଲାଙ୍କ ପାଇଁ ଭଲ ହେବ। ଦ୍ୱିତୀୟ ବର୍ଷରେ ବୋର୍ଡ ପରୀକ୍ଷାରେ କେବଳ ଦ୍ୱିତୀୟ ବର୍ଷର ପାଠ ପଡୁଛି। ତେଣୁ ଅନେକ ପିଲା ପ୍ରଥମ ବର୍ଷର ପାଠକୁ ଭୁଲିଯାଉଛନ୍ତି। ଉଚ୍ଚ ଶିକ୍ଷା ପାଇଁ ପ୍ରବେଶିକା ପରୀକ୍ଷା ଦେଲା ବେଳେ ଆମ ସିଏଚ୍‌ଏସ୍‌ଇ ପିଲାମାନେ ପଛରେ ପଡ଼ିଯାଉଛନ୍ତି ଓ ଅସଫଳ ହେଉଛନ୍ତି। ତେଣୁ ଯୁକ୍ତ୨ ପ୍ରଥମ ବର୍ଷକୁ ବି ବୋର୍ଡ ପରୀକ୍ଷା କରାଗଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

# ୩୬ ଘଣ୍ଟାରେ ଆଉ ଏକ ଲଘୁଚାପ

## ବାତ୍ୟା ଆଶଙ୍କା ଘନଉଛି



ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)


ରାଜ୍ୟରୁ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଉତ୍ତର ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାଇକ୍ଲୋନିକ୍ ପ୍ରବାହ ଏବେ ବି ଜାରି ରହିଛି। ଏହା ବର୍ତ୍ତମାନ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ପ୍ରଭାବରେ ଆସନ୍ତା ୩୬ ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ୪ରୁ ୫ ଦିନ ମଧ୍ୟରେ ଏହା ଅଧିକ ଚିହ୍ନିତ ଏବଂ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ। ଏଥିଯୋଗୁ ଏବେ ଉତ୍ତର-ପୂର୍ବ ଦିଗରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତାରେ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି। ଏଥିସହ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବହୁ ଜିଲାରେ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ଉପକୂଳ ଓଡ଼ିଶା, ମୟୂରଭଞ୍ଜ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କିମ୍ବା ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ବୁଧବାର ଉପକୂଳ ଓଡ଼ିଶାର କିଛି ସ୍ଥାନ ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳରେ ବର୍ଷା ହେବ। ସେହିପରି ଗୁରୁବାର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ଆଜି ଧରାବତରଣ କରିବେ ମା'

## ମଣ୍ଡପରେ ଷଷ୍ଠୀ, ପୀଠେ ସପ୍ତମୀ

ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)



ଭକ୍ତଙ୍କ ପାଇଁ ଧରାବତରଣ କରିବେ ଦେବୀ ଦଶଭୁଜା। ଏଥିପାଇଁ ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ କାରିଗର ଶେଷ ସ୍ପର୍ଶ ଦେଇଥିବାବେଳେ ମହିଷମର୍ଦ୍ଦିନୀଙ୍କ ଆଗମନକୁ ଅପେକ୍ଷା କରିଛନ୍ତି ଶ୍ରଦ୍ଧାଳୁ। ଏବେ ଷୋଡ଼ଶ ଦିନାତ୍ମକ ପୂଜା ବିଧି ସହ ନବରାତ୍ରିର ନବବେଶରେ ଦର୍ଶନ ଦେଉଛନ୍ତି ମା'। ସୋମବାର ବିଭିନ୍ନ ପୂଜା ମଣ୍ଡପରେ ଷଷ୍ଠୀ ପୂଜାରୁ ମା'ଙ୍କ ଆବାହନ ଆରମ୍ଭ ହେବ। ସେହିପରି ଶକ୍ତିପୀଠଗୁଡ଼ିକରେ ମହାସପ୍ତମୀ ପୂଜା କରାଯିବ। ମଣ୍ଡପଗୁଡ଼ିକରେ ବିଲ୍ୱବରଣ ସହ ବିଭିନ୍ନ ପ୍ରସିଦ୍ଧ ଦେବୀ ପୀଠରୁ ଆଜ୍ଞାମାଳା ଆସିବା ପରେ ସପ୍ତମୀରେ ମା'ଙ୍କ ଚକ୍ଷୁଦାନ କରାଯିବ।

ତେବେ ଗତବର୍ଷ ଭଳି ଏବର୍ଷ ମଧ୍ୟ କରୋନା ପାଇଁ ଦୁର୍ଗାପୂଜା ନିରାଡମ୍ବରରେ ପାଳନ ହେବ। କଟକଣା ମଧ୍ୟରେ କିପରି ସମସ୍ତ ବିଧି ସମ୍ପନ୍ନ କରାଯିବ ସେ ନେଇ ଆୟୋଜକମାନେ ସମସ୍ତ ବନ୍ଦୋବସ୍ତ ଶେଷ କରିଛନ୍ତି। ବିଭିନ୍ନ ପୂଜାମଣ୍ଡପରେ ମା' ମହିଷମର୍ଦ୍ଦିନୀଙ୍କ ସହ ଅଗ୍ରପୂଜ୍ୟ ଶ୍ରୀ ଗଣେଶ, ଧନଦାତ୍ରୀ ମହାଲକ୍ଷ୍ମୀ, ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ସହ ପ୍ରଭୁ କାର୍ତ୍ତିକେୟ ପୂଜା ପାଇବେ। ସେହିପରି ଆଉ କେତେକ ପୂଜା ମଣ୍ଡପରେ ଷଷ୍ଠୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ହରପାର୍ବତୀ ପୂଜା ପାଇବାକୁ ଥିବାବେଳେ ଅନ୍ୟ କେତେକ ମଣ୍ଡପରେ ମହାବୀର ହନୁମାନଙ୍କୁ ପୂଜା କରାଯିବାର ବିଧିବିଧାନ ରହିଛି। ପ୍ରଶାସନର କଟକଣା ମୁତାବକ ମା'ଙ୍କ ମୂର୍ତ୍ତିର ଉଚ୍ଚତା ୪ ଫୁଟରେ ସୀମିତ ରହିଛି। ସେହିପରି ରାବଣ ପୋଡ଼ି କରାଯାଉଥିବା ମଣ୍ଡପରେ ଏଥର ରାବଣ ଦହନ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ କେତେକ ସ୍ଥାନରେ କେବଳ ପ୍ରତୀକାତ୍ମକ ଭାବେ ରାବଣର ଫଟୋରେ ଅଗ୍ନିସଂଯୋଗ ପୂର୍ବକ ପରମ୍ପରା ରକ୍ଷା କରାଯିବ। ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ପୂଜାମଣ୍ଡପରୁ ସିଧା ପ୍ରସାରଣ ସହ ପୁଷ୍ପାଞ୍ଜଳିର ବନ୍ଦୋବସ୍ତ କରାଯାଇଛି।

# ବାପଘରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା

ଖୋର୍ଦ୍ଧା ଅଫିସ,୧୦।୧୦

ଖୋର୍ଦ୍ଧାର ଗୁରୁଜଙ୍ଗରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀ ନିଜ ବାପଘରେ ଥିବା ବେଳେ ତାଙ୍କ ତଣ୍ଟି କାଟି ହତ୍ୟା କରିଛନ୍ତି ସ୍ୱାମୀ। ଶନିବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତା ହେଲେ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି। ଖବର ପାଇ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି। ପାରିବାରିକ ଅଶାନ୍ତି କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ରବିବାର ଇନ୍ଦିରାଙ୍କ ମାମୁ କୈଳାସ ହରିଚନ୍ଦନଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି।

ଅଭିଯୋଗ ଅନୁଯାୟୀ, ଇନ୍ଦିରାଙ୍କ ପରିବାର ଗୁରୁଜଙ୍ଗ ପତିତପାବନ ଛକରେ ଏକ ଭଡ଼ାଘରେ ରହୁଛନ୍ତି। ୨୦୦୫ ମସିହାରେ ଇନ୍ଦିରା ଗୁରୁଜଙ୍ଗର କାର୍ତ୍ତିକ ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। କାର୍ତ୍ତିକ ବ୍ୟବସାୟ କରନ୍ତି। ତାଙ୍କର ଗୋଟିଏ ପୁଅ (୧୫) ଥିବାବେଳେ ସେ ନବମଶ୍ରେଣୀରେ ପଢୁଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିବାରୁ ଇନ୍ଦିରା ପୁଅକୁ ନେଇଆସି ବାପଘରେ ରହୁଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଘର ଭଡ଼ା ନେଇ ରହୁଥିଲେ। ତେବେ ସପ୍ତାହକ ତଳେ କାର୍ତ୍ତିକ ଶ୍ୱଶୁର ଘରକୁ ଆସି ରହିଥିଲେ। ଇନ୍ଦିରାଙ୍କୁ ଜୀବନରୁ ମାରିଦେବା ପାଇଁ ସେ ପୂର୍ବରୁ ଯୋଜନା କରିଥିଲେ। ଘଟଣା ରାତିରେ ସେ ଘର ଭିତର କାନ୍ଥକୁ ଲାଗି ଏକ ଶିଢି ଆଣି ପକାଇଥିଲେ। ରାତିରେ ଖିଆପିଆ ସରିବା ପରେ ସମସ୍ତେ ଶୋଇଯାଇଥିଲେ। କାର୍ତ୍ତିକ ଓ ଇନ୍ଦିରା ଗୋଟିଏ କୋଠରିରେ ଶୋଇଥିଲେ। ରାତି ପ୍ରାୟ ୧ଟା ୩୦ରେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକକୁ କାଟି ହତ୍ୟା କରିଥିଲେ। ଏହାପରେ ସେଠାରୁ ଶିଢି ବାଟ ଦେଇ ବାହାରକୁ ଚାଲିଯାଇଥିଲେ। ପରେ ଗୁରୁଜଙ୍ଗ ମେଲଣ ପଡ଼ିଆସ୍ଥିତ ନିଜ ଘରକୁ ଆସି ସାନଭାଇକୁ ଡାକି ନିଦରୁ ଉଠାଇ ବାଇକ ମାଗିଥିଲେ। ଏତେ ରାତିରେ ବାଇକ କ'ଣ ଦରକାର ଓ କୁଆଡ଼େ ଯିବ ବୋଲି ପଚାରିବାରୁ ସେ କିଛି ନ କହି ଦୌଡ଼ି ପଳାଇଥିଲେ। ସାନଭାଇର ସନ୍ଦେହ ହେବାରୁ ସେ ଇନ୍ଦିରାଙ୍କ ଘରକୁ ଆସି ତାଙ୍କୁ ଡାକିଥିଲେ। ପରିବାର ଲୋକେ କବାଟ ଖୋଲିବା ପରେ ଭାଉଜ କାହାନ୍ତି କହି ଘରେ ପଶି ଦେଖିବା ବେଳକୁ କୋଠରିରେ ରକ୍ତଛିଟା ପଡ଼ିଥିଲା ଓ ଇନ୍ଦିରାଙ୍କ ବେକ କଟାଯାଇଥିଲା। ଏ ନେଇ ପରିବାର ଲୋକେ ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଇନ୍ଦିରାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




## ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ପରିଚୟ ଏବଂ ଠିକଣା ଲେଖିକି ରଖିବେ। ଏହାପରେ ଉକ୍ତ ତଥ୍ୟକୁ ଡାକ୍ତରଖାନା ତରଫରୁ ପୋଲିସ ନିକଟକୁ ପଠାଇଦେବେ। ପୋଲିସ ସେହି ଲୋକଙ୍କ ତଥ୍ୟ ଜିଲାପାଳଙ୍କ ଅଫିସକୁ ପ୍ରଦାନ କରିବେ। ଜିଲା ସ୍ତରରେ ଜିଲାପାଳ, ଏସ୍‌ପି, ସିଡିଏମ୍‌ଓ ଏବଂ ଆର୍‌ଟିଓଙ୍କୁ ନେଇ ଏକ କମିଟି ଗଠନ ହେବ। ପ୍ରତି ମାସରେ ଏହି କମିଟିର ଥରେ ଲେଖା ବୈଠକ ବସିବ। କମିଟି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତି ସମ୍ପର୍କରେ ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରିବେ। ତାହା ପରିବହନ କମିଶନରଙ୍କ ନିକଟକୁ ପଠାଇବା ପରେ ଉକ୍ତ ପୁରସ୍କାର ରାଶି ସରକାରଙ୍କ ତରଫରୁ ସାହାଯ୍ୟକାରୀ ବ୍ୟକ୍ତିଙ୍କ ନିକଟକୁ ଆସିବ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବହନ ସଚିବଙ୍କ ପାଖକୁ ଚିଠି ଆସିବା ପରେ ଏହାର ନକଲ ପ୍ରସ୍ତୁତ କରି ଜିଲାପାଳମାନଙ୍କୁ ଦିଆଯିବାର ବ୍ୟବସ୍ଥା କରାଯାଉଥିବା ଜଣାପଡିଛି। ସେହିପରି ରାଜ୍ୟ ସରକାର ଦୁର୍ଘଟଣା ମୁହଁରୁ ଲୋକଙ୍କ ଜୀବନ ରକ୍ଷା ଲାଗି ଆଉ ଏକ ପଦକ୍ଷେପ ସ୍ୱରୂପ ୨୫ ହଜାର ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବାର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ରାଜ୍ୟର ସମସ୍ତ ଥାନା ଅଧିକାରୀଙ୍କ ଜରିଆରେ ଏହି ସ୍ୱେଚ୍ଛାସେବୀମାନଙ୍କୁ ଚିହ୍ନଟ କରାଯିବ। ପ୍ରାୟତଃ ସ୍ଥାନୀୟ ଢାବା ମାଲିକ କିମ୍ବା କର୍ମଚାରୀ, ଦୋକାନୀ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ସ୍ୱେଚ୍ଛାସେବୀ ଚିହ୍ନଟ ହେବେ। ଏହାଦ୍ୱାରା ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟେ ତୁରନ୍ତ ପୀଡ଼ିତଙ୍କୁ ସାଙ୍ଗରେ ନେଇ ହସ୍ପିଟାଲରେ ପହଞ୍ଚାଇବାଠାରୁ ପ୍ରାଥମିକ ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନେ ତୁଲାଇବେ।

# ୟୁଜିସି ଏନ୍‌ଇଟି ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁନିଭର୍ସିଟି ଗ୍ରାଣ୍ଟ୍ କମିଶନ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ୟୁଜିସି ଏନ୍‌ଇଟି) ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଏହା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଆସନ୍ତା ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଏହି ସମୟରେ ଅନ୍ୟ ପରୀକ୍ଷା ଥିବାରୁ ୟୁଜିସି ଏନ୍‌ଇଟି ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ବହୁ ଛାତ୍ରୀଛାତ୍ର ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ଉକ୍ତ ପରୀକ୍ଷାକୁ ସ୍ଥଗିତ କରିବା ପାଇଁ ନିଷ୍ପତ୍ତି ନେଇଛି। ଆସନ୍ତା ଦିନେ କି ଦୁଇଦିନ ମଧ୍ୟରେ ପରୀକ୍ଷା ତାରିଖ ଘୋଷଣା କରାଯିବ। ପରିବର୍ତ୍ତିତ ପରୀକ୍ଷା ତାରିଖ ugcnet.nta.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ଏନ୍‌ଟିଏ କହିଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ପର୍ଯ୍ୟାୟକ୍ରମେ ଏନ୍‌ଟିଏ ୱେବ୍‌ସାଇଟ www.nta.ac.in ଓ https://ugcnet.nta.nic.inକୁ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ୟୁଜିସି ଏନ୍‌ଇଟି ଡିସେମ୍ବର-୨୦୨୦ ଓ ଜୁନ୍ ୨୦୨୧ ସେସନର ପରୀକ୍ଷା ପ୍ରଥମେ ଚଳିତ ମାସ ୬ରୁ ୮ ତାରିଖ ଏବଂ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। କିନ୍ତୁ ୬ ଓ ୭ ତାରିଖରେ ଅନ୍ୟ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ପରୀକ୍ଷା ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ। ତେଣୁ ଏନ୍‌ଟିଏ ସେହି ପରୀକ୍ଷାକୁ ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ କରିବ ବୋଲି ଗତ ୧ ତାରିଖରେ ଘୋଷଣା କରିଥିଲା।




# ବାଦାମବାଡ଼ି ରାସ୍ତାରେ ଭୂତଳ ପାଇପ୍ ଫାଟିଲା

- ଅଳ୍ପକେ ବର୍ତ୍ତିଲେ ଲୋକେ
- ୪ ଦିନ ତଳେ ରିଂ ରୋଡ୍‌ରେ ଫାଟିଥିଲା



କଟକ ଅଫିସ,୧୦।୧୦

କଟକ ବାଦାମବାଡି ଟ୍ରାଫିକ ଛକରେ ରବିବାର ଅପରାହ୍ନରେ ପୁଣିଥରେ ଭୂତଳ ପାଣି ପାଇପ ଫାଟିଥିଲା। ଏଥିଯୋଗୁ ସେଠାରେ ବିରାଟ ଗର୍ତ୍ତ ସୃଷ୍ଟି ହେବା ସହ ପ୍ରାୟ ୧୫ ଫୁଟ ଉଚ୍ଚକୁ ପାଣି ଉଠୁଥିବା ଦେଖିବାକୁ ମିଳିଥିଲା। ଜନଗହଳିପୂର୍ଣ୍ଣ ରାସ୍ତାରେ ଏଭଳି ଘଟଣା ଲୋକଙ୍କୁ ଚକିତ କରିଥିଲା। ରାସ୍ତାରେ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପରେ ଉକ୍ତ ପାଇପକୁ ସଂଯୋଗ କରିଥିବା ପାଣି ଲାଇନକୁ ବନ୍ଦ କରି ଦିଆଯାଇଥିଲା। ଦୀର୍ଘ ସମୟ ଧରି ପାଣି ବାହାରି ବାଦାମବାଡ଼ି ଭଳି ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳି ନ ଥିଲା। କଟକ ମହାନଗର ନିଗମ (ସିଏମ୍‌ସି), ଜନସ୍ୱାସ୍ଥ୍ୟ ବିଭାଗ ଓ ଜାଇକା ବିଭାଗର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ବାରମ୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସହରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅମୃତ ଯୋଜନାରେ ବିଛା ଯାଇଥିବା ପାଇପ ଅତ୍ୟନ୍ତ ନିମ୍ନମାନର ଯୋଗୁ ପାଣି ପ୍ରେସର ସହ୍ୟ ନ କରିପାରି ତାହା ଫାଟି ଯାଉଥିବା ସ୍ଥାନୀୟଲୋକ କହିଛନ୍ତି। ସୂଚନାଯୋଗ୍ୟ, ଗତ ବୁଧବାର ରାଜାବଗିଚାସ୍ଥିତ ସିଟି କଲେଜ ସମ୍ମୁଖ ରିଂ ରୋଡ୍‌ରେ ପାଣି ପାଇପ ଫାଟି ପାଣିର ଫୁଆରା ସୃଷ୍ଟି କରିଥିଲା।

ସହରବାସୀଙ୍କୁ ପୂର୍ବରୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ହେଲେ ସେଥିରେ ଲୌହଗୁଣ୍ଡ ଆସୁଥିବାରୁ ତାହା ପିଇବା ଅନୁପଯୋଗୀ ହୋଇପଡିଥିଲା। ଏ ନେଇ ସହରବାସୀ ଅଭିଯୋଗ କରିବା ପରେ ସରକାରଙ୍କ ପକ୍ଷରୁ ଅମୃତ ଯୋଜନା ଆରମ୍ଭ ହୋଇଥିଲା। ତଦନୁଯାୟୀ ୨୦୧୫-୧୬ରୁ ବିଭିନ୍ନ ସ୍ଥାନରେ ପାଣି ପାଇପ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ନଦୀରୁ ପାଣି ଆଣି ସିଡିଏସ୍ଥିତ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ବିଶୋଧନ କରାଯାଇ ଲୋକଙ୍କୁ ୨୪ ଘଣ୍ଟା ଜଳ ଯୋଗାଇବା ପାଇଁ ଏହାର ଉଦ୍ଦେଶ୍ୟ ରହିଥିଲା। ନଦୀ ଜଳ ବିଶୋଧନ ପାଇଁ ନିର୍ମାଣ ହୋଇଥିବା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ବର୍ତ୍ତମାନ ସହରରେ ବିଛା ଯାଇଥିବା ପାଇପଲାଇନ ଟେଷ୍ଟିଂ କାର୍ଯ୍ୟ ଚାଲିଛି। ଏହି ସମୟରେ ବାଦାମବାଡି ରାସ୍ତାରେ ପାଇପ ଫାଟିଥିବା ଦେଖିବାକୁ ମିଳିଥିଲା।

ଏ ସମ୍ପର୍କରେ ୱାଟ୍‌କୋର ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତି କହିଛନ୍ତି, ଗତଥରଠାରୁ ଏଥର କମ୍ ପ୍ରେସରରେ ପାଣି ଛଡାଯାଇଥିଲା। ଏହି ଗୋଟିଏ ଟେଷ୍ଟିଂ ପରେ ପୂଜା ପାଇଁ ସମସ୍ତ ଟେଷ୍ଟିଂ ବନ୍ଦ ରହିଥାନ୍ତା। ହେଲେ ଟେଷ୍ଟ ନ କଲେ କେଉଁଠି ପାଇପରେ ସମସ୍ୟା ରହିଛି ତାହା ଜାଣି ହେବନାହିଁ। ପାଇପ ଫାଟିବା ସମ୍ପର୍କରେ ଜାଣିବା ପରେ ତୁରନ୍ତ ଉକ୍ତ ସ୍ଥାନରେ ମରାମତି କରାଯାଇଥିଲା।

# ମେଦ ବୃଦ୍ଧି କରେ ମୃଦୁ ପାନୀୟ

ବର୍ତ୍ତମାନ ପରିସ୍ଥିତିରେ ମେଦବହୁଳତା ପ୍ରାୟ ଅନେକଙ୍କର ଚିନ୍ତାର କାରଣ ସାଜିଛି। ସାଧାରଣତଃ ଆବଶ୍ୟକତାଠାରୁ ଅଧିକ ଖାଇବା ଏବଂ କୌଣସି କାମ ନ କରି ବସି ରହିବା ଦ୍ୱାରା ଆମ ଶରୀରର ଓଜନ ବଢ଼ିଯାଏ। କିନ୍ତୁ ଏହା ପଛରେ ଆଉ ଏକ କାରଣ ରହିଛି। ମୃଦୁ ପାନୀୟ ପିଇବା ଦ୍ୱାରା ମେଦବହୁଳତା ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କେକ୍ ସ୍କୁଲ୍ ଅଫ୍ ମେଡିସିନ୍ ପକ୍ଷରୁ 'ମେଦ ବୃଦ୍ଧି ଓ ମୃଦୁ ପାନୀୟ' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରାଯାଇଥିଲା। ଉକ୍ତ ସ୍କୁଲ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, କେତେକ ମୃଦୁ



ପାନୀୟରେ ସୁକ୍ରୋଜ ତତ୍ତ୍ୱ ଅଧିକ ରହିଛି, ଯାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ, ଏଥିଯୋଗୁଁ ମଧ୍ୟ ଅଧିକ ଭୋକ ଲାଗିଥାଏ। ଅନ୍ୟପକ୍ଷରେ ମୃଦୁ ପାନୀୟରେ ଯଦି ମିଠାର ପରିମାଣ ଅଧିକ ହୋଇଗଲା, ତେବେ ତାହା ମସ୍ତିଷ୍କ କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

## ଆସନ୍ତୁ ଜାଣିବା...

- ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଅଧିକ ରହିଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହାର ମଞ୍ଜି ଓ ଉପର ଚୋପାରେ ଅଧିକ ଭିଟାମିନ୍ ରହିଛି। ଏହାକୁ ଖାଇବା ଦ୍ୱାରା ବିଭିନ୍ନ ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା କମ୍ ଥାଏ।
- ଏଥିରେ ରେସ୍‌ଭେରାଟୋଲ୍ ନାମକ ଏକ ଉପାଦାନ ରହିଛି, ଯାହା କ୍ୟାନ୍ସର ଆଶଙ୍କାକୁ କେତେକାଂଶରେ ଦୂରେଇ ଦେଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି।
- ଶରୀରରେ ପୋଟାସିୟମ୍ ଓ ସୋଡିୟମ୍‌ର ମାତ୍ରା କମିଗଲେ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଉଚ୍ଚ ରକ୍ତଚାପ, ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ବ୍ୟକ୍ତି ଏବଂ ଡାଇବେଟିକ୍ସରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗୁର ଖାଇପାରନ୍ତି।
- ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ କମାଇବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ।
- ଅଙ୍ଗୁରରେ ଥିବା ଲୁଟେନ୍, ଜିଜାନ୍ଥିନ୍ ଉପାଦାନଗୁଡ଼ିକ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଏହା ଆମର ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାକୁ ଖାଇବା ଦ୍ୱାରା ଆମ ଅସ୍ଥି ମଜଭୁତ ହୁଏ।
- ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।
- ଅଙ୍ଗୁର ଶରୀରକୁ ସତେଜ ରଖିଥାଏ। ବୟସ୍କ ବ୍ୟକ୍ତିମାନେ ମଧ୍ୟ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।



# ରୋଗଣା ମନ



ଡା. ନିତ୍ୟାନନ୍ଦ ସ୍ୱାଇଁ



"ପ୍ରତିବର୍ଷ ଆମ ଭିତରୁ ପ୍ରତି ଚାରିଜଣରେ ଜଣେ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଶେଷ ନିରାପଦ ରହିପାରୁନାହାନ୍ତି। ସେହି ଜଣକ ବି ହୋଇପାରନ୍ତି ଆମ ପରିବାରର ସଦସ୍ୟ, ଆମର ଅନ୍ତରଙ୍ଗ ବନ୍ଧୁ, ସହକର୍ମୀ କିମ୍ବା ହୋଇପାରନ୍ତି ଆପଣ ନିଜେ। ସମାଜରେ ପାରସ୍ପରିକ ସହଯୋଗର ବାତାବରଣ ସୃଷ୍ଟି କରି ଘନିଷ୍ଠ ବନ୍ଧନରେ ସଂଯୁକ୍ତ ହୋଇପାରିଲେ ମାନସିକ ସୁସ୍ଥତା ଲାଭ ସୁଗମ ହୋଇଯିବ।"

ଶରୀର ଚଳନକ୍ଷମ। କିନ୍ତୁ ମନ ସର୍ବଦା ଚଞ୍ଚଳ ଓ ଅସ୍ଥିର। ଏହାକୁ ଅଚଞ୍ଚଳ ତଥା ସ୍ଥିର ରଖିବା ଅଧିକାଂଶଙ୍କ ପକ୍ଷେ ସମ୍ଭବ ହୋଇ ନ ଥାଏ। ପୁନଶ୍ଚ ଶରୀର ଦୃଶ୍ୟମାନ। ତେଣୁ ଶରୀରକୁ ସହଜରେ ନିୟନ୍ତ୍ରଣ କରାଯାଇପାରେ ଓ ଏହାର ଯତ୍ନ ନେଇହୁଏ। ଅଥଚ ମନଟି ଅଦୃଶ୍ୟମାନ ହୋଇଥିବାରୁ ଏହାର ନିୟନ୍ତ୍ରଣ ତଥା ଯତ୍ନ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର। ଶରୀର ପରି ମନ ମଧ୍ୟ ସୁସ୍ଥ ରହିପାରେ। ଶରୀରର ଅସୁସ୍ଥତା ପରି ମନ ମଧ୍ୟ ହୋଇପଡ଼େ ଅସୁସ୍ଥ। ମନ ଅସୁସ୍ଥ ହୋଇପଡ଼ିଲେ ବିପନ୍ନ ହୋଇପଡ଼େ ଶାରୀରିକ ସ୍ୱାସ୍ଥ୍ୟ, ସାମାଜିକ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସ୍ୱାସ୍ଥ୍ୟ। ଆମ ଜୀବନ ଉପରେ ମାନସିକ ଅସୁସ୍ଥତାର ପ୍ରଭାବ ବଡ଼ ପ୍ରତିକୂଳ।

ମାତ୍ର ବଡ଼ ବିସ୍ମୟର କଥା ଯେ, ଆମ୍ଭେମାନେ ସାଧାରଣତଃ ଶରୀରକୁ ସୁସ୍ଥ ରଖିବା ପ୍ରତି ଅଗ୍ରାଧିକାର ଦେଇଥାଉ। କିନ୍ତୁ ମନର ସ୍ୱାସ୍ଥ୍ୟକୁ ଯେ ସୁରକ୍ଷିତ ରଖିବା ଅପରିହାର୍ଯ୍ୟ, ଏହା ଆମ ଭାବନାରେ ଆସି ନ ଥାଏ। ତେଣୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆମେ ଅନେକେ ଅଜ୍ଞ। ଏହି କାରଣରୁ ମାନସିକ ରୋଗକୁ ଆମେ ବଡ଼ ଉପେକ୍ଷିତ ଦୃଷ୍ଟିରେ ଦେଖିଥାଉ। ମାନସିକ ରୋଗୀକୁ ଅଭିଶପ୍ତ ବିଚାରି ଘୃଣା କରୁ। ମାତ୍ର ଆମେ ଜାଣିରଖିବା ଆବଶ୍ୟକ ଯେ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ହୁଏତ ଆମେ ପ୍ରତ୍ୟେକେ ମାନସିକ ସ୍ତରରେ ଅସୁସ୍ଥ!

ମାନସିକ ଚାପ ବା ଷ୍ଟ୍ରେସ୍ ସମ୍ପ୍ରତି ଅଧିକାଂଶଙ୍କ ମନକୁ ସର୍ବଦା ଅସ୍ଥିର ଓ ଆନ୍ଦୋଳିତ କରି ରଖିଛି। କିନ୍ତୁ ମାନସିକ ରୋଗୀମାନଙ୍କୁ ଆଧୁନିକ ଚିକିତ୍ସା ଦ୍ୱାରା ଯେ ଯଥେଷ୍ଟ ଉପଶମ କରି ସମାଜର ମୁଖ୍ୟସ୍ରୋତକୁ ଆଣିହେବ, ଅନେକେ ଏହା ଜାଣନ୍ତି ନାହିଁ। ଫଳରେ ପରିବାରର କେହି ମାନସିକ ରୋଗଗ୍ରସ୍ତ ହୋଇପଡ଼ିଲେ ଅନ୍ଧବିଶ୍ୱାସ ଓ କୁସଂସ୍କାରର ଶିକାର ହୋଇ ପରିବାରର ଲୋକେ ଗୁଣିଗାରେଡ଼ି, ଟୁଟୁକାଟୁଣୁକି, ମନ୍ତ୍ରତନ୍ତ୍ର, ଝଡ଼ାଫୁଙ୍କା ଇତ୍ୟାଦି ଉପଚାର କରିଥା'ନ୍ତି। ରୋଗୀର ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ସହାୟତା ନ ଲୋଡ଼ି ସେମାନେ ଜ୍ୟୋତିଷ, ଗୁଣିଆ ଓ ବାବା ଇତ୍ୟାଦିଙ୍କ ସହାୟତା ଲୋଡ଼ିଥା'ନ୍ତି। ଏହାଫଳରେ ସଅଳ ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ବହୁ ମୂଲ୍ୟବାନ୍ ସମୟ ନଷ୍ଟ ହୋଇଯାଏ। ସଅଳ ଚିକିତ୍ସାରୁ ଯେଉଁ ସୁଫଳ ମିଳିଥା'ନ୍ତା, ତାହା ବହୁଳାଂଶରେ ହାତଛଡ଼ା ହୋଇଯାଏ। ଏହି ପ୍ରକାରେ ଆମ ଦେଶର ମାନସିକ ରୋଗଗ୍ରସ୍ତ ୮୦ ପ୍ରତିଶତରୁ ବେଶି, ଆଧୁନିକ ମାନସିକ ସ୍ୱାସ୍ଥ୍ୟସେବା ଉପଭୋଗ କରିବାରୁ ବଞ୍ଚିତ।



ସମସ୍ତେ ଜାଣିରଖିବା ଆବଶ୍ୟକ ଯେ, ମାନସିକ ଅସୁସ୍ଥତା ବା ମାନସିକ ବ୍ୟାଧି ହେଉଛି ଏକ ଧରଣର ଅସ୍ୱାଭାବିକ ମାନସିକ ଅବସ୍ଥା। ଏପରି ଅବସ୍ଥା ଉପୁଜିଲେ ବ୍ୟକ୍ତି ଅଦ୍ଭୁତ ଆଚରଣ କରେ। ମାତ୍ର ସମସ୍ତେ ଜାଣିରଖିବା ଉଚିତ ଯେ ରୋଗଗ୍ରସ୍ତ ହୋଇପଡ଼ିବାରେ ରୋଗୀଟିର କୌଣସି ଦୋଷ ନ ଥାଏ। ପୁଣି ସବୁ ପ୍ରକାରର ମାନସିକ ଅସୁସ୍ଥତା ସମାନ ନୁହେଁ। ମାନସିକ ଅସୁସ୍ଥତା ଅନେକ ପ୍ରକାରର ଏବଂ ପ୍ରତ୍ୟେକଟିର କାରଣ, ଲକ୍ଷଣ ଓ ଚିକିତ୍ସା ଭିନ୍ନ।



ମାନସିକ ରୋଗ ଆଜି ସମାଜର ଏକ ବିରାଟ ସ୍ୱାସ୍ଥ୍ୟ ସମସ୍ୟା। ସମ୍ପ୍ରତି ବିଶ୍ୱର ଅନ୍ତତଃ ୪୫ କୋଟି ଲୋକ କୌଣସି ନା କୌଣସି ମାନସିକ ବିକୃତିର ଶିକାର। ଏହାର ସମାଧାନ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖରେ ପାଳିତ ହୋଇଆସୁଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବା ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଡେ'। ଦିବସଟିକୁ ପାଳନ କରିବାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସାମାଜିକ ସଚେତନତା ବୃଦ୍ଧି କରି ମାନସିକ ବିକାର ତଥା ରୋଗର ଯଥାସମ୍ଭବ ପ୍ରତିରୋଧ କରିବା। କାରଣ ଯଥାସମୟରେ ଯଥାର୍ଥ ଚିକିତ୍ସା ଦ୍ୱାରା ଯଥେଷ୍ଟ ସୁଫଳ ମିଳିଥାଏ। ମାତ୍ର ମାନସିକ ରୋଗଗ୍ରସ୍ତ ବ୍ୟକ୍ତିଟିର ସଠିକ୍ ଚିକିତ୍ସା ପାଇଁ ପରିବାରର ସଦସ୍ୟମାନଙ୍କ ସହଯୋଗିତା ଏକାନ୍ତ ଆବଶ୍ୟକ। ଏହି ଲକ୍ଷ୍ୟରେ ଉକ୍ତ ଦିବସଟିରେ ବିଭିନ୍ନ ଅନୁଷ୍ଠାନ ଏବଂ ଗଣମାଧ୍ୟମ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ଏବଂ ମାନସିକ ରୋଗଗ୍ରସ୍ତମାନଙ୍କର ସୁଚିକିତ୍ସା ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବାର ପ୍ରୟାସ କରାଯାଇଥାଏ। ଚଳିତବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ଆଲୋଚ୍ୟ ପ୍ରସଙ୍ଗ ରହିଛି ଅସମାନପୂର ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟ (ମେଣ୍ଟାଲ୍ ହେଲ୍‌ଥ ଇନ୍ ଆନ୍ ଅନ୍‌ଇକୁଆଲ ୱାର୍ଲ୍ଡ)।

ମାନସିକ ରୋଗୀମାନଙ୍କ ଭେଷଜ ପକ୍ଷପାତିତ୍ୱ ଓ ଅପବାଦର ଶିକାର ହେଉଥିଲେ, ତାହା ସେମାନଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ଆହୁରି ଗୁରୁତର କରିପକାଏ। ଫଳରେ ସେମାନଙ୍କ ଶିକ୍ଷାଗ୍ରହଣ ଓ ନିଯୁକ୍ତି ଉପରେ ପ୍ରତିକୂଳ ପ୍ରଭାବ ପଡ଼େ। ରୋଗୀଙ୍କ ପରିବାରର ସଦସ୍ୟମାନେ ବିଭିନ୍ନ ପ୍ରକାରରେ କ୍ଷତିଗ୍ରସ୍ତ ହୁଅନ୍ତି। ଏହି ଅବସ୍ଥାକୁ ଅପରିବର୍ତ୍ତିତ ରଖିବା ଆଦୌ ଶୁଭଙ୍କର ନୁହେଁ। ସେଥିପାଇଁ ଏଭଳି ଅସମାନତାର ବିଲୋପ ନିମନ୍ତେ ଆଶୁ କାର୍ଯ୍ୟାନୁଷ୍ଠାନ ଲୋଡ଼ା। କୋଭିଡ୍-୧୯ ସଂକ୍ରମଣ ବ୍ୟାପିଥିବା ବେଳେ ବହୁ ପରିବାରର କେହି ନା କେହି ମୃତ୍ୟୁମୁଖରେ ପଡିଲେ। ଫଳରେ ଅନେକ ପରିବାରର ଆର୍ଥିକ ସ୍ଥିତି ଦୋହଲିଗଲା। କାହାର ଚାକିରି ଚାଲିଗଲା। କାହାକୁ ମିଳିଲା ଅଧା ଦରମା। ଶାରୀରିକ ଦୂରତ୍ୱ ରକ୍ଷା କରିବା ଯୋଗୁ ବଢ଼ିଗଲା ସାମାଜିକ ଦୂରତ୍ୱ। ବନ୍ଧୁ ଓ ଆତ୍ମୀୟମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରହି ନ ପାରିବାରୁ ବିପନ୍ନ ହୋଇପଡିଲା ମାନସିକ ସ୍ୱାସ୍ଥ୍ୟ। ଜନସାଧାରଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ଅତୁଟ ରଖିବା ପାଇଁ ହେଲେ ବିଶ୍ୱ, ରାଷ୍ଟ୍ର ଏବଂ ସମାଜ ସ୍ତରରେ ଅସମାନତାକୁ ଦୂରୀଭୂତ କରିବା ପାଇଁ ପଡ଼ିବ। ସ୍ୱାସ୍ଥ୍ୟ ଅର୍ଥନୀତି ଏବଂ ସମାଜ ସ୍ତରରେ ବ୍ୟବଧାନ ବୃଦ୍ଧି ପାଇଥିବାରୁ ଚଳିତବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତାକୁ ମାନି ସମସ୍ତେ ଆଗେଇ ଆସିବା ଦରକାର। ସମସ୍ତେ ମିଳିମିଶି ସମାଜରୁ ଅସମାନତା ଦୂର କରିପାରିଲେ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ଉପଭୋଗ ଆଉ ସମସ୍ୟା ହୋଇ ରହିବନି। ଏହି ବାର୍ତ୍ତାଟି ସପକ୍ଷରେ ଜନମତ ସୃଷ୍ଟି କରିବାରେ ରହିଛି ଅନୁକୂଳ ସୁଦୂରପ୍ରସାରୀ ପ୍ରଭାବ।


ମାନସିକ ସ୍ୱାସ୍ଥ୍ୟ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏବଂ ଅନ୍ତର୍ଜାତୀୟ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚ୍ୟ ବିଷୟ। ତେଣୁ ସମସ୍ତଙ୍କ ମାନସିକ ସ୍ୱାସ୍ଥ୍ୟକୁ ସନ୍ତୋଷଜନକ ରଖିବାରେ ସମାଜରେ ସମସ୍ତଙ୍କର ସକ୍ରିୟ ସହଯୋଗ ଅପରିହାର୍ଯ୍ୟ।

ପ୍ରତିବର୍ଷ ଆମ ଭିତରୁ ପ୍ରତି ଚାରିଜଣରେ ଜଣେ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଶେଷ ନିରାପଦ ରହିପାରୁନାହାନ୍ତି। ସେହି ଜଣକ ବି ହୋଇପାରନ୍ତି ଆମ ପରିବାରର ସଦସ୍ୟ, ଆମର ଅନ୍ତରଙ୍ଗ ବନ୍ଧୁ, ସହକର୍ମୀ କିମ୍ବା ହୋଇପାରନ୍ତି ଆପଣ ନିଜେ। ସମାଜରେ ପାରସ୍ପରିକ ସହଯୋଗର ବାତାବରଣ ସୃଷ୍ଟି କରି ଘନିଷ୍ଠ ବନ୍ଧନରେ ସଂଯୁକ୍ତ ହୋଇପାରିଲେ ମାନସିକ ସୁସ୍ଥତା ଲାଭ ସୁଗମ ହୋଇଯିବ। ବିଭିନ୍ନ ସାମାଜିକ ସମାରୋହରେ ଏବଂ ସାର୍ବଜନୀନ ପର୍ବପର୍ବାଣି ପାଳନରେ ଏକାଠି ହୋଇ ପରସ୍ପର ସହ ଭାବଆଦାନ ପ୍ରଦାନ ପୂର୍ବକ ସୁଖଦୁଃଖରେ ଭାଗୀଦାରି ହୋଇପାରିଲେ ସହଜ ହୋଇଯିବ ମାନସିକ ସ୍ୱାସ୍ଥ୍ୟ ପ୍ରାପ୍ତି।

-ଅଭୀପ୍‌ସା, ସେକ୍ଟର-୬,
ପ୍ଲଟ ନଂ-୧୩୧୧,
ଅଭିନବ ବିଡାନାସୀ, କଟକ-୧୪
ମୋ : ୮୩୨୮୯୭୫୧୧୮

## ସ୍ୱାସ୍ଥ୍ୟ ସୂଚନା

- ଯଦି କମ୍ପ୍ୟୁଟର ସାମ୍ନାରେ ବସି ଅଧିକ ସମୟ କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଦୃଷ୍ଟିଶକ୍ତି ପ୍ରଭାବିତ ହୋଇ ନ ଥାଏ।
- ଯେତେ ସମ୍ଭବ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବାହାର ଖାଦ୍ୟ ଯେତେ କମ୍ ଖାଇବେ, ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ପାଦକୁ କିଛି ସମୟ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ।



- ଯଦି ବ୍ୟାୟାମ କରିବା ସମୟରେ ହାଲିଆ ଲାଗୁଛି, ତେବେ କିଛି ସମୟ ବିଶ୍ରାମ ନେବା ପରେ ପୁଣି ଥରେ ବ୍ୟାୟାମ କରିବା ଆରମ୍ଭ କରନ୍ତୁ।
- ଯଦି ଆପଣ ସୁସ୍ଥ ଅଛନ୍ତି ହେଲେ ବୟସ ୪୦ ଟପି ଗଲାଣି, ତେବେ ଡାକ୍ତରଙ୍କ ନିକଟକୁ ଯାଇ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

# ବୟସ୍କ ବ୍ୟକ୍ତି ଓ ଏକାକୀପଣ

ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ଚାହିଁଥା'ନ୍ତି। ହେଲେ କେତେକ ପରିସ୍ଥିତିରେ ଏପରି ବ୍ୟକ୍ତିମାନେ ଏକୁଟିଆ ରହିଥାଆନ୍ତି। ଦୀର୍ଘ ମାସ କିମ୍ବା ବର୍ଷ ଧରି ଏକୁଟିଆ ରହିବା ଦ୍ୱାରା ସେମାନେ ମାନସିକ ରୋଗର ଶିକାର ହେବା ଯଥେଷ୍ଟ ଆଶଙ୍କା ରହିଛି ବୋଲି କିଙ୍ଗ୍‌ସ ଜର୍ଜସ ମେଡିକାଲ ୟୁନିଭର୍ସିଟିର ମାନସିକ ରୋଗ ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହାଦ୍ୱାରା ସେମାନଙ୍କ ସ୍ମରଣ ଶକ୍ତି ମଧ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ନିଜ ପରିବାରଠାରୁ ଦୀର୍ଘ ସମୟ ଧରି ଏକୁଟିଆ ରହୁଥିବା କିଛି ବୟସ୍କ ବ୍ୟକ୍ତିଙ୍କ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ। ଏପରି ପରିସ୍ଥିତିର ସାମ୍ନା କରିବା ପରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ମାନସିକ ଯନ୍ତ୍ରଣା ସହ କେତେକ ରୋଗର ଶିକାର ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ।

# ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ



ଇଂ. ମାୟାଧର ସ୍ୱାଇଁ


"ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆବିଷ୍କାର ପାଇଁ ଚଳିତବର୍ଷ ପଦାର୍ଥ ବିଜ୍ଞାନ ଲାଗି ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଲେ ଜାପାନରେ ଜନ୍ମିତ ଆମେରିକାର ସ୍ୟୁକୋରୋ ମାନାବେ(୯୦ବର୍ଷ) ଏବଂ ଜର୍ମାନୀର କ୍ଲସ୍ ହାସେଲ୍‌ମାନ (୮୯) ଏବଂ ଇଟାଲୀର ଜିଓର୍ଜିଓ ପାରିସି(୭୩)।"

ଜଳବାୟୁ ପରିବର୍ତ୍ତନ ହେଉଛି ପୃଥିବୀର ଏକ ବଡ଼ ପରିବେଶଗତ ସମସ୍ୟା। ଏହାର ଗୁରୁତ୍ୱ ଦୃଷ୍ଟିରୁ ଏହା ଉପରେ କାର୍ଯ୍ୟ କରିଥିବା କେତେଜଣ ବ୍ୟକ୍ତିଙ୍କୁ ପୂର୍ବରୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଜଳବାୟୁ ପୂର୍ବାନୁମାନ ହେଉଛି ଗୋଟିଏ ଜଟିଳ ପ୍ରକ୍ରିୟା, ଯେଉଁଥିରେ ଅନେକ ଉପାଦାନ ଅଛି। ଏହା ହେଉଛି ଅତି ଅବ୍ୟବସ୍ଥିତ ଏବଂ ପ୍ରାରମ୍ଭିକ ମୂଲ୍ୟରେ ସାମାନ୍ୟ ବିଚ୍ୟୁତି ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ବଡ଼ ପାର୍ଥକ୍ୟ ଦେଖାଦେଇପାରେ। ଏହି ପ୍ରକ୍ରିୟା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ତିନିଜଣ ବୈଜ୍ଞାନିକଙ୍କୁ ଚଳିତବର୍ଷର ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଲେ ଜାପାନରେ ଜନ୍ମିତ ଆମେରିକାର ସ୍ୟୁକୋରୋ ମାନାବେ (୯୦), ଜର୍ମାନୀର କ୍ଲସ୍ ହାସେଲ୍‌ମାନ (୮୯) ଏବଂ ଇଟାଲୀର ଜିଓର୍ଜିଓ ପାରିସି (୭୩ ବର୍ଷ)। ମାନାବେ ଏବଂ ହାସେଲ୍‌ମାନ ପୁରସ୍କାର ରାଶିର ଅଧା ପାଇବେ ଏବଂ ଅବଶିଷ୍ଟ ଅଧା ରାଶି ପାରିସିଙ୍କୁ ପ୍ରଦାନ କରାଯିବ। ମାନାବେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଭାବେ କାର୍ଯ୍ୟ କରୁଛନ୍ତି। ହାସେଲମାନ୍ ଜର୍ମାନୀର ହାମ୍ବର୍ଗଠାରେ ଥିବା ମ୍ୟାକ୍ସ ପ୍ଲାଙ୍କ ପାଣିପାଗ ଅନୁଷ୍ଠାନରେ ପ୍ରଫେସର ଅଛନ୍ତି। ପାରିସି ଇଟାଲୀର ରୋମ୍‌ଠାରେ ସାପିଏଞ୍ଜା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

## ନୋବେଲ ପୁରସ୍କାର-୨୦୨୧/ପଦାର୍ଥ ବିଜ୍ଞାନ



ସ୍ୟୁକୋରୋ ମାନାବେ



କ୍ଲସ୍ ହାସେଲ୍‌ମାନ



ଜିଓର୍ଜିଓ ପାରିସି

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି ପାଇଲେ ଭୂପୃଷ୍ଠର ତାପମାତ୍ରା କିପରି ବଢ଼ୁଛି, ତାହା ସ୍ୟୁକୋରୋ ମାନାବେ ଦର୍ଶାଇଥିଲେ। ସେ ୧୯୬୦ ଦଶକରେ ପୃଥିବୀର ଜଳବାୟୁର ଏକ ଭୌତିକ ମଡେଲ୍ ବିକାଶ କରିଥିଲେ। ସେ ଏଥିରେ ବିକିରଣ ସାମ୍ୟତା ଓ ପବନର ଊର୍ଦ୍ଧ୍ୱମୁଖୀ ପରିବହନ ମଧ୍ୟରେ ଆନ୍ତଃକ୍ରିୟାକୁ ପ୍ରଦର୍ଶନ କରିଥିଲେ। ଏହାର ପ୍ରାୟ ଦଶ ବର୍ଷ ପରେ ପାଣିପାଗ ଓ ଜଳବାୟୁକୁ ଯୋଡ଼ି ଗୋଟିଏ ମଡେଲ ତିଆରି କଲେ। ଏଥିରୁ ଜଣାପଡ଼ିଲା ଯେ, ପାଣିପାଗ ପରିବର୍ତ୍ତନୀୟ ଓ ଅବ୍ୟବସ୍ଥିତ ହେଲେ ମଧ୍ୟ ଜଳବାୟୁ ମଡେଲ ବିଶ୍ୱସନୀୟ ହୋଇପାରିବ। ଏହି ମଡେଲ୍‌ରୁ ସେ ପ୍ରମାଣିତ କଲେ ଯେ ମନୁଷ୍ୟ ସମାଜରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍ ହେଉଛି ବାୟୁମଣ୍ଡଳର ଅଧିକ ତାପମାତ୍ରାର କାରଣ।

ଜିଓର୍ଜିଓ ପାରିସି ୧୯୮୦ ମସିହା ବେଳକୁ ବିଶୃଙ୍ଖଳିତ ଜଟିଳ ପଦାର୍ଥଗୁଡ଼ିକର ଲୁକ୍କାୟିତ ଶୈଳୀକୁ ଆବିଷ୍କାର କଲେ। ସେ ବିଶେଷ ଭାବରେ ସ୍ପିନ୍ ଗ୍ଲାସରେ ରହସ୍ୟମୟ ଶୈଳୀକୁ ଅଧ୍ୟୟନ କରି ଭୌତିକ ବ୍ୟବସ୍ଥାରେ ବିଶୃଙ୍ଖଳା ଓ ଅବ୍ୟବସ୍ଥାକୁ ବିଜ୍ଞାନ ଭାଷାରେ ବୁଝାଇଲେ। ପାରିସିଙ୍କ ଆବିଷ୍କାର ହେଉଛି ଜଟିଳ ବ୍ୟବସ୍ଥା ତତ୍ତ୍ୱ ପ୍ରତି ଅତି ଗୁରୁତ୍ୱପୂର୍ଣ୍ଣ।

ମାନାବେ ୧୯୫୦ ଦଶକରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ଅଧିକ ହେଲେ ତାପମାତ୍ରା କିପରି ବୃଦ୍ଧି ପାଉଛି, ତାହାକୁ ବୁଝାଇବା ପାଇଁ ସେ ଗୋଟିଏ ମଡେଲ ପ୍ରସ୍ତୁତ କଲେ। ଏହି ମଡେଲରୁ ସେ ଜାଣିପାରିଲେ ଯେ ଭୂପୃଷ୍ଠ ନିକଟ ବାୟୁମଣ୍ଡଳର ତାପମାତ୍ରା ଅଧିକ ରହୁଥିବା ବେଳେ ଉପର ବାୟୁମଣ୍ଡଳ ଥଣ୍ଡା ରହୁଛି। ମାତ୍ର ହାସେଲମାନ୍ ଜଳବାୟୁ ଓ ପାଣିପାଗକୁ ଏକାଠି କରି ମଡେଲ୍ କରିବା ଦ୍ୱାରା ଗଣନା ସହଜ ହେଲା।

ଏହି ତିନିଜଣ ବୈଜ୍ଞାନିକ ପୃଥକ୍ ଭାବରେ ଯେଉଁ ମଡେଲ ପ୍ରସ୍ତୁତ କରିଛନ୍ତି ଓ ଗାଣିତିକ ଅବଧାରଣା ଦେଇଛନ୍ତି, ତାହାର ଲାଭ ଆମେ ଆଜି ପାଉଛେ। ଆସନ୍ତା ମାସ ପ୍ରାରମ୍ଭରେ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଜଳବାୟୁ ସମ୍ମିଳନୀରେ ଏହା ଉପରେ ଆହୁରି କଡ଼ା ପଦକ୍ଷେପ ନିଆଯିବ ହୋଲି ଆଶା। ଏହା ପୂର୍ବରୁ ଏ ସଂକ୍ରାନ୍ତ ନୋବେଲ ପୁରସ୍କାର ଘୋଷଣା ହେଉଛି ବଡ଼ ପ୍ରେରଣାଦାୟକ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



## ସଂକ୍ଷେପରେ

### କରୋନାରେ ଜଣେ ମୃତ

ଅନୁଗୋଳ ଅଫିସ, ୧୦।୧୦: ଅନୁଗୋଳ ଜିଲାରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୮୯ ଜଣରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତ ଜଣଙ୍କ କଣିହାଁ ବ୍ଲକ ଅଞ୍ଚଳର ବୋଲି ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଜିଲାରୁ ପୁଣି ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାରୁ ମୋଟ୍ ମୃତକଙ୍କ ସଂଖ୍ୟା ୩୯୦ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୦।୧୦: ଅନୁଗୋଳ ସହରରୁ ଗତ ଶୁକ୍ରବାର ବଇଣ୍ଡା ଅଞ୍ଚଳର ସୁଶିଲ ସାହୁଙ୍କ ବୁଲେଟ୍ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ବନ୍ତଲା ଥାନା ଶଙ୍ଖପୁର ଅଞ୍ଚଳର ବିଶ୍ୱଜିତ ସାହୁଙ୍କୁ ଗିରଫ କରିଛି। ସେ ସହରର ଗାନ୍ଧୀମାର୍ଗରେ ଥିବା ବୁଲେଟ୍ ପାର୍ଟ ଦୋକାନକୁ ଆସିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ନଂ. ୫୧୨/୨୧ ମାମଲାରେ ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ପାଲଲହଡା,୧୦।୧୦(ଡି.ଏନ.ଏ.), ୧୦।୧୦: ପାଲଲହଡା ଥାନା ଝିମିରିପାଲି ଗ୍ରାମ ନିକଟ ୧୪୯ ନଂ. ଜାତୀୟ ରାଜପଥରେ ରବିବାର ବାଇକ୍‌କୁ ଧକ୍କା ଦେଇ ଏକ ଟ୍ରାକ୍ଟର ଗଛରେ ପିଟି ହୋଇଛି। ଏଥିରେ ଟ୍ରାକ୍ଟର ଚାଳକ ଲକ୍ଷ୍ମୀଧର ଧୀବରଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ବାଇକ୍ ଆରୋହୀ ଆହତ ହୋଇ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ତଦନ୍ତ ଚଲାଇଛି।

# ପ୍ଲାଷ୍ଟରୁ ସ୍କ୍ରାପ୍ କଟାଯିବା ନେଇ ଉତ୍ତେଜନା



କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

- ପ୍ରତିବାଦରେ କ୍ଷତିଗ୍ରସ୍ତ ପ୍ରଜାସଂଘର ଧାରଣା
- ଜିଲାପାଳଙ୍କ ନିର୍ଦ୍ଦେଶ ବେଖାତିର ଅଭିଯୋଗ

ଢେଙ୍କାନାଳ ଅଫିସ,୧୦।୧୦

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଓ କୁରୁଣ୍ଟିଠାରେ ବନ୍ଦହୋଇ ପଡିଥିବା ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ ପରିସରରୁ ରବିବାର ୩୦୦ ଶ୍ରମିକଙ୍କ ଦ୍ୱାରା ସ୍କ୍ରାପ୍ କାଟି ନିଆଯିବା ନେଇ ଉତ୍ତେଜନା ପ୍ରକାଶ ପାଇଛି। କୌଣସି ସୂଚନା ନ ଦେଇ କମ୍ପାନୀ ପରିସରରୁ ସ୍କ୍ରାପ୍ କଟାଯିବାକୁ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହିତ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଇଛି ବୋଲି କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଏହି ପାୱାର ପ୍ଲାଣ୍ଟ ପାଇଁ ୧୨୩୨ ଏକର ଜମି ଅଧିଗ୍ରହଣ ହୋଇଥିଲା। ସରକାରଙ୍କ ଆର୍‌ପିଡିଏସି ନୀତି ଅନୁସାରେ ଥଇଥାନ, ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି ସହିତ ବିଭିନ୍ନ ପ୍ରକାର ଉନ୍ନୟନ ପ୍ରତିଶ୍ରୁତି ଦିଆଯାଇ ଲୋକମାନଙ୍କ ଠାରୁ ଜମି କ୍ରୟ କରାଯାଇଥିଲା। ପ୍ରାୟ ୧୩୨୦ ମେଗାୱାଟ ବିଜୁଳିଶକ୍ତି ଉତ୍ପାଦନ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି କମ୍ପାନୀ ଶେଷରେ ବିକ୍ରି ହୋଇଯାଇଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି, ବାକିଥିବା ପେମେଣ୍ଟ, ଜମିହରାଙ୍କୁ ଜମି ବାବଦ ବକେୟା ଟଙ୍କା, ଚାକିରି, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଆଦି ପୂରଣ କରି ନ ଥିବାରୁ ଜମିହରା ପ୍ରଜା ଜମି ଫେରସ୍ତ ନେବା ଦାବିରେ ଅଟଳ ରହିଥିଲେ। ପୂର୍ବରୁ ଏ ସମ୍ପର୍କରେ ଜିଲାପାଳଙ୍କ ଉପସ୍ଥିତିରେ ତ୍ରିପାକ୍ଷୀକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ପୁଣିଥରେ ବେଖାତିର କରିଥିବା ପ୍ରଜାସଂଘ ଅଭିଯୋଗ କରିଛି। କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପଯୁକ୍ତ କ୍ଷତିପୂରଣ, ବକେୟା ଦରମା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ କମ୍ପାନୀ ପରିସରକୁ କାହାକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ପ୍ରଜାସଂଘ ପକ୍ଷରୁ ସଭାପତି ଗଙ୍ଗାଧର ସାମଲ, ସମ୍ପାଦକ ବିଜୟ କୁମାର ଧଳ, ନରେନ୍ଦ୍ର କୁମାର ଧଳ, ଅଖିଳ କୁମାର ମହାପାତ୍ର, ବିନୋଦ ସାହୁ, ଖଡଗପ୍ରସାଦ ସରପଞ୍ଚ ନରୋତ୍ତମ ରାଉତ, ନିରାକାର ରାଉତ ପ୍ରମୁଖ ଉପସ୍ଥିତ ରହି ଧାରଣା ପ୍ରଦାନ କରିଥିଲେ। ଖବରପାଇ ଓଡାପଡା ବିଡିଓ ଦାଶରଥି ଜେନା, ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନିରଞ୍ଜନ ସେଠୀ, କଣ୍ଟାବଣିଆ ଥାନା ଅଧିକାରୀ ସବିତା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଦୁଇ ଗ୍ରାମବାସୀ ଏକ ମିଳିତ ବୈଠକରେ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାଇବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# ତାଳମଳିହାକୁ ହରାଇଲା ଆନନ୍ଦପୁର



ଚାମ୍ପିୟନ ଟିମ୍‌କୁ ପୁରସ୍କାର ବିତରଣ କରାଯାଉଛି।

ବଇଣ୍ଡା,୧୦।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ଖେଳ ପଡିଆ ଠାରେ ରବିବାର ଏକ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର କ୍ଲବ ଓ ତାଳମଳିହା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମେ ତାଳମଳିହା ବ୍ୟାଟିଂ କରି ୭୨ ରନ ସଂଗ୍ରହ କରିଥିଲା। ଜବାବରେ ଆନନ୍ଦପୁର କ୍ଲବ ୭୩ ରନ କରି ଚାମ୍ପିୟନ ହୋଇଥିଲା। ଲିପୁନ ପରିଡା, ବାବୁଲି ସାହୁ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଦୁଲା ଖାଁ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନିଲ କୁମାର ସାହୁ, ସୁବ୍ରଜିତ ସାହୁ, ଜିତେନ୍ଦ୍ର ସାହୁ ଯୋଗଦେଇଥିଲେ।

# ଇନ୍ଦ୍ରମଣି ସାହୁ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

ଗଁଦିଆ,୧୦।୧୦(ଡି.ଏନ.ଏ.)

ଗଁଦିଆ ବ୍ଲକ ପିଙ୍ଗୁଆ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ରବିବାର ଇନ୍ଦ୍ରମଣି ସାହୁ ସ୍ମାରକୀ ପିଙ୍ଗୁଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟୋଜକ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ପୀତବାସ ବାରିକ, ସମ୍ପାଦକ କେଶବ ବାରିକ, ରଞ୍ଜନ ସାହୁ, ଗୋକୁଳାନନ୍ଦ ଦାସ, ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲା ନେଲିବାରୀର ମା' ମଙ୍ଗଳା କ୍ରିକେଟ କ୍ଲବ ଓ ୱାଇସିସି ଛତିଆ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ଗୌରାଙ୍ଗ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିପାଂଶୁ ତ୍ରିପାଠୀ, ବିଶ୍ୱମୋହନ ସାହୁ ଖେଳ ପରିଚାଳନା କରିଥିଲେ। ଆନନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଝାମ୍ପିନେଲେ ମୋବାଇଲ

ଅନୁଗୋଳ ଅଫିସ, ୧୦।୧୦

ମୋବାଇଲ ଝାମ୍ପି ନେଉଥିବା ଏକ ଗ୍ୟାଙ୍ଗ ଅନୁଗୋଳ ସହରରେ ସକ୍ରିୟ ହୋଇପଡ଼ିଛି। ଶନିବାର ବିଳମ୍ବିତ ରାତିରେ ଦୁର୍ଗା ପ୍ରସାଦ ଦାସଙ୍କ ମୋବାଇଲକୁ ଦୁର୍ବୃତ୍ତମାନେ ଝାମ୍ପି ନେଇଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଦୁର୍ଗା ତାମ୍ରିତ୍ କଲୋନୀରେ ଥିବା ମେଡିସିନ୍ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ମୋବାଇଲ ଛଡ଼ାଇ ଚମ୍ପଟ ମାରିଥିଲେ।

# ନୂଆ ଆଇଆଇସିଙ୍କ ଯୋଗଦାନ



କଣିହାଁ,୧୦।୧୦(ଡି.ଏନ.ଏ.)

କଣିହାଁ ଥାନାରେ ରବିବାର ନୂତନ ଆଇଆଇସି ଭାବେ କିଶୋର କୁମାର ସାମଲ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ତାଳଚେର କଲିୟରୀ ଥାନାକୁ ବଦଳି ହୋଇଛି। ଶିଳ୍ପାଞ୍ଚଳରେ ବିଭିନ୍ନ ସମସ୍ୟା ରହିଛି। ଜନସାଧାରଣଙ୍କୁ ନ୍ୟାୟ ଦେବାରେ ପ୍ରାଥମିକତା ଦେବି ବୋଲି କିଶୋର ପ୍ରକାଶ କରିଛନ୍ତି।

# ଓଡ଼ିଶା ସରକାର
# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**SBTJ No. 176** **ତାରିଖ: 26.02.2021/ଅନୁଗୋଳ**

No. XXIX-42: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର **କୁମଣ୍ଡ** ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୫.୭୭୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ବତଟ ରେଳପଥ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଧାରା ୮(୨) ମୁତାବକ ପ୍ରକାଶିତ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଅନୁଗୋଳ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଣ୍ଡରପାଳ | କୁମଣ୍ଡ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୫.୭୭୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

## ଭୂମି ଅନୁସୂଚୀ

**ମୌଜା- କୁମଣ୍ଡ (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.: ୨୧, ତହସିଲ- ବଣ୍ଡରପାଳ, ଜିଲ୍ଲା- ଅନୁଗୁଳ, ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୧ | ରୟତି | ୩୭୨/୬୬୨୯ କୁମୁଣ୍ଡମୁଣ୍ଡା | ତଇଳା - ୧ | ୦.୧୬୦ | ୦.୦୫୦ | ପ୍ରସନ୍ନ କୁମାର ସାହୁ, ପି: ଅନ୍ତର୍ଯ୍ୟାମୀ ସାହୁ, ଜା: ଚଷା, ବା: ନିଜଗାଁ |
| ୨୨ | ରୟତି | ୧୯୯ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | ଅମୃତୀ ସାହୁ, ସ୍ୱା: ଆର୍ତ୍ତତ୍ରାଣ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୨୦୦ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୩୦ | |
| | ରୟତି | ୧୯୮ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୫୦ | ୦.୦୧୦ | |
| ୬୮ | ରୟତି | ୮୧୫ ସରୁଆନାଳ | ତଇଳା-୧ | ୦.୨୫୦ | ୦.୦୧୦ | ବଳରାମ ନାୟକ, ପି: ଉତ୍ସବ ନାୟକ, ଜା: ଚଷା, ବା: ନିଜଗାଁ |
| ୭୬ | ରୟତି | ୨୬୧/୭୦୭୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୫୦ | ୦.୦୫୦ | ଉପେନ୍ଦ୍ର କୁମାର ସାହୁ, ପୁରନ୍ଦର ସାହୁ, ହାଡ଼ିବନ୍ଧୁ ସାହୁ, ଦୀନବନ୍ଧୁ ସାହୁ, ପି: କୃଷ୍ଣ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୨୫୯ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୪୦ | ୦.୧୧୦ | |
| ୧୨୦ | ରୟତି | ୫୯୩ ପେଣ୍ଡୋରାଦରି | ତଇଳା-୧ | ୧.୧୩୦ | ୦.୦୨୦ | କାଳିଚରଣ ପ୍ରଧାନ, ପି: ଭାଗବତ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୮୭ | ରୟତି | ୮୧୧ ସରୁଆନାଳ | ତଇଳା-୧ | ୦.୬୧୦ | ୦.୦୩୦ | ଗୋବର୍ଦ୍ଧନ ନାଏକ, ପି: ଚତୁରା ନାଏକ, ଜା: ପାଣ, ବା: ନିଜଗାଁ |
| ୧୯୬ | ରୟତି | ୩୯୪ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୨୩୦ | ୦.୦୨୦ | ଗୌରାଙ୍ଗ ସାହୁ, ପି: ବିମ୍ବା ସାହୁ, ଜା: ଚଷା, ବା: ନିଜଗାଁ |
| ୨୨୫ | ରୟତି | ୧୯୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୬୪୦ | ୦.୨୨୦ | ଚିନ୍ତା ସାହୁ, ପି: ଲକ୍ଷ୍ମଣ ସାହୁ, ଜା: ଚଷା, ବା: ନିଜଗାଁ |
| ୨୩୪ | ରୟତି | ୨୨୬ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୨୦୦ | ୦.୦୯୦ | ମଧୁସୂଦନ ସାହୁ, ସୁକାନ୍ତୀ ସାହୁ, ଲକ୍ଷ୍ମୀ ସାହୁ, ପ୍ରସନ୍ନ କୁମାର ସାହୁ, ପ୍ରତିମା ସାହୁ, ସୁଦର୍ଶନ ସାହୁ, ଉଗ୍ରେସନ ସାହୁ, ପି: ଜୟ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| | ରୟତି | ୨୦୫ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | |
| ୨୪୩ | ରୟତି | ୩୪୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୦୦ | ୦.୦୨୦ | ଜଟିଆ ପ୍ରଧାନ, ପି: ପଠାଣି ପ୍ରଧାନ, ଜା: ଗଉଡ଼, ବା: ନିଜଗାଁ |
| ୨୪୪ | ରୟତି | ୩୪୮ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୩୭୦ | ୦.୧୦୦ | ଜଟିଆ ସାହୁ, ପି: ମାଗତା ସାହୁ, ଜା: ଚଷା, ବା: ନିଜଗାଁ |
| ୨୫୭ | ରୟତି | ୭୩୫/୬୯୭୧ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୭୦ | ଜଗେଶ୍ୱର ଦେହୁରୀ ପି: ଗଙ୍ଗାଧର ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୭୬ | ରୟତି | ୩୪୯ କୁମୁଣ୍ଡମୁଣ୍ଡା | | ୦.୭୫୦ | ୦.୦୫୦ | ତଅଁଲୁ ସାହୁ, ପି: ଯଦୁ ସାହୁ, ଜା: ଚଷା, ବା: ନିଜଗାଁ |
| ୨୭୮ | ରୟତି | ୭୮୭/୭୧୨୫ ରଙ୍ଗିଆ ଟପ | ଶାରଦ ଜଳ ଦୋଫସଲି-୨ | ୦.୧୪୦ | ୦.୦୪୦ | ତଅଁଲୁ ବେହେରା, ପି: ମାଗୁଣି ବେହେରା, ଜା: ତେଲି, ବା: ନିଜଗାଁ |
| ୨୯୦ | ରୟତି | ୩୫୮ କୁମୁଣ୍ଡମୁଣ୍ଡା | ବଗାୟତ-୨ | ୦.୩୩୦ | ୦.୧୦୦ | ତ୍ରିପୁର ସାହୁ, ରତ୍ନାକର ସାହୁ, ପୂର୍ଣ୍ଣ ସାହୁ, ରବି ସାହୁ, କଣ୍ଟୁଣୀ ସାହୁ, ପି: ସୁରେନ୍ଦ୍ର ସାହୁ, ରୋଦନା ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ବିପିନ ସାହୁ, ନିମନ ସାହୁ, ଉଜ୍ଜଳ ସାହୁ, ପି: ନାଥ ସାହୁ, ଭାନୁ ସାହୁ, ସ୍ୱା: ନାଥ ସାହୁ, ଜା: ଚଷା, ବା: ନିଜଗାଁ |
| ୩୩୧ | ରୟତି | ୧୯୬ | ଶାରଦ ଜଳ ଦୋଫସଲି-୨ | ୦.୧୫୦ | ୦.୧୦୦ | ଧନେଶ୍ୱର ନାଏକ, ପି: ଚକ୍ର ନାଏକ, ଜା: ପାଣ, ବା: ନିଜଗାଁ |
| | ରୟତି | ୧୯୭ | ଶାରଦ ଜଳ ଦୋଫସଲି-୨ | ୦.୦୬୦ | ୦.୦୩୦ | |
| ୩୩୮ | ରୟତି | ୩୬୧/୬୪୩୦ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୩୦ | ୦.୧୩୦ | ନିମନ ସାହୁ, ପି: ନାଥ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୭୭୨ ଆମ୍ବ ଦର | ତଇଳା-୧ | ୦.୨୪୦ | ୦.୨୪୦ | |
| ୪୬୨ | ରୟତି | ୩୬୧/୬୪୩୧ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୦୮୦ | ୦.୦୬୦ | ପୂର୍ଣ୍ଣ ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୪୬୭ | ରୟତି | ୧୯୫ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୩୭୦ | ୦.୧୦୦ | ପୁରନ୍ଦର ପରିଡ଼ା, ପି: ବିଦା ପରିଡ଼ା, ଜା: ଚଷା, ବା: ନିଜଗାଁ |
| ୪୯୫ | ରୟତି | ୮୧୩ ସରୁଆ ନାଳ | ଶାରଦ ଜଳ ଦୋଫସଲି-୧ | ୦.୬୨୦ | ୦.୦୩୦ | ବଳରାମ ନାୟକ, ପି: ଉଚ୍ଛବ ନାୟକ, ଜା: ଚଷା, ବା: ନିଜଗାଁ |
| ୫୪୯ | ରୟତି | ୩୪୧ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୫୦ | ୦.୦୫୦ | ବାନାମ୍ବର ସାହୁ, ପ୍ରଭାକର ସାହୁ, ପି: ଦିନବନ୍ଧୁ ସାହୁ, ଜା: ଚଷା, ବା: ନିଜଗାଁ |
| ୬୧୦ | ରୟତି | ୭୭୩/୮୦୩ ଖଇରା ତଇଳା | ତଇଳା-୧ | ୦.୧୬୦ | ୦.୦୮୦ | ବିର କିଶୋର ଦେହୁରୀ, ପି: ସାନ୍ତରା ଦେହୁରୀ, ଜା: ଚଷା ବା: ନିଜଗାଁ |
| ୬୨୧ | ରୟତି | ୮୧୮ ସରୁଆ ନାଳ | ତଇଳା-୧ | ୦.୩୨୦ | ୦.୨୯୦ | ବିଶେଇ ନାୟକ, ପି: ସଙ୍ଖାଳି ନାୟକ, ଜା: ଚଷା, ବା: ନିଜଗାଁ |
| ୬୪୪ | ରୟତି | ୨୬୩ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୫୫୦ | ୦.୨୩୦ | ଭକତ ନାଏକ, ପି: ବିଦା ନାଏକ, ଜା: ପାଣ, ବା: ନିଜଗାଁ |
| ୬୪୫ | ରୟତି | ୨୬୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୬୦ | ୦.୧୩୦ | ଭଗତ ନାଏକ, ପି: ବିଦା ନାଏକ, ବିଚିତ୍ର ନାଏକ, ଚିନା ନାଏକ, ପି: କନ୍ଧ ନାଏକ, କଦଳୀ ନାଏକ, ସ୍ୱା: କନ୍ଧ ନାଏକ, ଜନକ ନାଏକ, ଗୌରା ନାଏକ, ବିନ ନାଏକ, ତୁଳା ନାଏକ, ଆଦର ନାଏକ, ବିଜୁଳି ନାଏକ, ପି: ମାଗୁଣି ନାଏକ, ବୃନ୍ଦୀ ନାଏକ, ସ୍ୱା: ମାଗୁଣି ନାଏକ, ଜା: ପାଣ, ବା: ନିଜଗାଁ |
| | ରୟତି | ୨୨୭ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୧୩୦ | ୦.୦୯୦ | |
| ୬୬୨ | ରୟତି | ୩୬୫ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୧୦ | ୦.୦୨୦ | ଭାସ୍କର ସାହୁ, ପି: ପଞ୍ଚୁ ସାହୁ, ଜା: ଚଷା, ବା: ନିଜଗାଁ |
| ୬୬୫ | ରୟତି | ୩୭୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୨୦ | ୦.୦୫୦ | ଭିକ ପ୍ରଧାନ, ଚେମା ପ୍ରଧାନ, ପି: ଦ୍ୱାରୀ ପ୍ରଧାନ, କାମିନୀ ପ୍ରଧାନ, ପି: ଭାସ୍କର ପ୍ରଧାନ, ବାରି ପ୍ରଧାନ, ସ୍ୱା: ଭାସ୍କର ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୬୮୬ | ରୟତି | ୮୧୭ ସରୁଆ ନାଳ | ତଇଳା-୧ | ୦.୨୫୦ | ୦.୧୦୦ | ମଙ୍ଗୁଲୁ ପ୍ରଧାନ, ପି: ଭୁବନ ପ୍ରଧାନ, ଯୋଗି ପ୍ରଧାନ, ପି: ଦୁର୍ଲ୍ଲଭ ପ୍ରଦାନ, ଜଗବନ୍ଧୁ ପ୍ରଧାନ, ମହି ପ୍ରଧାନ, ପି: ଧନି ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୬୮୮ | ରୟତି | ୮୧୬/୬୯୮୫ | ତଇଳା-୧ | ୦.୧୧୦ | ୦.୦୭୦ | ମଙ୍ଗୁଲୁ ନାୟକ, ବାଲି ନାୟକ, କୁନ୍ତଳା ସାହୁ, ପି: କମଳ ନାୟକ, ଜା: ଚଷା, ବା: ନିଜଗାଁ |
| ୭୦୪ | ରୟତି | ୭୮୩ ରଙ୍ଗିଆ ଟପ | ତଇଳା-୧ | ୦.୩୪୦ | ୦.୧୮୦ | ଚୌଧୁରୀ ସାହୁ, ପି: ମଧୁ ସାହୁ, ଜା: ତେଲି, ବା: ନିଜଗାଁ, ଫଗୁଆ ସାହୁ, ସ୍ୱା: ପଲଉ ସାହୁ, ଜା: ତେଲି, ବା: ଖଣ୍ଡା, ମୁକ୍ତି ସାହୁ, ସ୍ୱା: ନାରାୟଣ ସାହୁ, ଜା: ତେଲି, ବା: ବାରସିଙ୍ଗା, ଉଦାରୀ ସାହୁ, ସ୍ୱା: ଅନ୍ତର ସାହୁ, ଜା: ତେଲି, ବା: ବାରସିଙ୍ଗା |
| | ରୟତି | ୭୮୧ ରଙ୍ଗିଆ ଟପ | ଶାରଦ ଜଳ ଦୋଫସଲି-୧ | ୦.୨୩୦ | ୦.୦୬୦ | |
| ୭୫୪ | ରୟତି | ୨୫୯/୭୦୭୧ | ଶାରଦ ଜଳ ଦୋଫସଲି-୨ | ୦.୧୬୦ | ୦.୧୧୦ | ରଘୁ ସାହୁ, ପି: ଗୌତମ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୫ | ରୟତି | ୩୪୭ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୩୦ | ୦.୦୩୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ଜା: ଚଷା, ବା: ନିଜଗାଁ |
| | ରୟତି | ୩୪୦ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୬୦ | ୦.୦୬୦ | |
| ୭୭୬ | ରୟତି | ୩୩୯ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୨୨୦ | ୦.୧୯୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି: ଦୈତାରୀ ନାୟକ, ବାନାମ୍ବର ସାହୁ, ପ୍ରଭାକର ସାହୁ, ପି: ଦିନବନ୍ଧୁ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୮ | ରୟତି | ୩୪୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୨୧୦ | ୦.୧୮୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି: ଦୈତାରି ନାୟକ, ଗୋପାଳ ନାୟକ, ପିତେଇ ନାୟକ, ଅଧିକାରି ନାୟକ, ଭିକାରି ନାୟକ, ହିନ ନାୟକ, ପି: ମିଟୁ ନାୟକ, ଜା: ଚଷା, ବା: ନିଜଗାଁ, ତଅଁଲୁ ପ୍ରଧାନ, ପି: ଶୁକଦେବ ପ୍ରଧାନ, ଜା: ଚଷା, ବା: ପରତରା, ଭୀମ ନାୟକ, ଋଷି ନାୟକ, ପି: ମହାଦେବ ନାୟକ, ଜା: ଚଷା, ବିପ୍ର ଚରଣ ଜେନା, ପି: ଆକୁଳ ଜେନା, ଜା: କ୍ଷତ୍ରିୟ, ବା: ଅନୁଗୋଳ ଟାଉନ, ପଡ଼ା- ହେମସରପଡ଼ା |
| | ରୟତି | ୩୪୬ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୩୦ | ୦.୦୩୦ | |
| ୭୯୦ | ରୟତି | ୭୭୬ ଖଇରାତଇଳା | ତଇଳା-୧ | ୦.୬୩୦ | ୦.୦୮୦ | ଅରୁଣ ଦେହୁରୀ, ବରୁଣ ଦେହୁରୀ, କନକ ସାହୁ, ବିଦୁଲତା ସାହୁ, ପି: ରାଜନ ଦେହୁରୀ, ବାଲା ଦେହୁରୀ, ବିର ଦେହୁରୀ, କୁମର ଦେହୁରୀ, ସଜନୀ ପ୍ରଧାନ, ପି: ସାନ୍ତରା ଦେହୁରୀ, ନିରାଶ ଦେହୁରୀ, ସ୍ୱା: ନରହରି ଦେହୁରୀ, ଧ୍ରୁବ ଚରଣ ଦେହୁରୀ, ଅମୂଲ୍ୟ ଦେହୁରୀ, ବିକ୍ରମ ଦେହୁରୀ, ପ୍ରତିମା ପ୍ରଧାନ, ସୁଭଦ୍ରା ଦେହୁରୀ, ପି: ନରହରି ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୦୧ | ରୟତି | ୩୫୮/୬୪୨୮ କୁମୁଣ୍ଡମୁଣ୍ଡା | ବାଜେଫସଲ-୧ | ୦.୦୧୦ | ୦.୦୧୦ | ରୋହିତ ସାହୁ, ପି: ଆକୁଳ ସାହୁ, ଜା: ଚଷା, ବା: ନିଜଗାଁ |
| ୮୦୭ | ରୟତି | ୭୩୫/୬୯୭୨ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୮୦ | ଲମ୍ବୋଦର ଦେହୁରୀ, ପି: ଗଙ୍ଗା ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୦୮ | ରୟତି | ୬୬୦୨ ପେଣ୍ଡୋରାଦରି | ତଇଳା-୧ | ୦.୨୭୦ | ୦.୧୦୦ | ଲମ୍ବୋଦର ପ୍ରଧାନ, ପି: ବିରକିଶୋର ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୮୦୯ | ରୟତି | ୩୫୦ | ଶାରଦ ଜଳ ଦୋଫସଲି-୨ | ୦.୬୩୦ | ୦.୩୪୦ | ଲାଣ୍ଡୁ ସାହୁ, ପି: ଗୌରାଙ୍ଗ ସାହୁ, ଜା: ଚଷା, ବା: ନିଜଗାଁ |
| ୮୨୨ | ରୟତି | ୩୬୪ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୧୦ | ୦.୦୧୦ | ସଙ୍ଖାଳି ସାହୁ, ସଂସାରି ସାହୁ, ଅମୃତି ସାହୁ, ତନୁ ସାହୁ, ପି: ରାମ ସାହୁ, ଜା: ଚଷା, ବା: ନିଜଗାଁ |
| ୮୨୪ | ରୟତି | ୨୨୪ | ଶାରଦ ଜଳ-୨ | ୦.୧୨୦ | ୦.୦୨୦ | ସଙ୍ଖାଳି ସାହୁ, ଦୁଃଖିଆ ସାହୁ, ପି: ଶ୍ରୀଧର ସାହୁ, ଜା: ଚଷା, ବା: ନିଜଗାଁ |
| ୮୬୮ | ରୟତି | ୭୩୫ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୮୦ | ଶ୍ରୀନିବାସ ଦେହୁରୀ, ପି: ଭ୍ରମର ଦେହୁରୀ, ଉଦିଆ ଦେହୁରୀ, ସ୍ୱା: ଭ୍ରମର ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୯୪ | ରୟତି | ୭୮୦ ଖଇରାତଇଳା | ଶାରଦ ଜଳ ଦୋଫସଲି-୧ | ୦.୧୯୦ | ୦.୧୬୦ | ସୁରେନ୍ଦ୍ର ସାହୁ, ପି: ଭଜନା ସାହୁ, ଜା: ତେଲି, ବା: ନିଜଗାଁ |
| ୯୧୪ | ରୟତି | ୩୯୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୬୪୦ | ୦.୧୭୦ | ହାଡ଼ିବନ୍ଧୁ ସାହୁ, ପି: ଗୌରାଙ୍ଗ ସାହୁ, ଜା: ଚଷା, ବା: ନିଜଗାଁ |
| ୯୨୦ | ରୟତି | ୭୮୪ ରଙ୍ଗିଆ ଟପ | ତଇଳା-୧ | ୦.୧୧୦ | ୦.୦୧୦ | ହୃଦାନନ୍ଦ ସାହୁ, ପି: ମାଗୁଣି ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୪୪୭ | ରୟତି | ୮୧୬୮ ବଡ଼ନାଳ | ତଇଳା-୧ | ୦.୩୩୦ | ୦.୦୩୦ | କୁମାରୀ ସାହୁ, ସ୍ୱା: କର୍ଣ୍ଣ ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୬୨୯ | ରୟତି | ୭୭୨/୮୦୮୦ ଆମ୍ବଦର | ତଇଳା-୧ | ୦.୧୦୦ | ୦.୧୦୦ | ସନ୍ତୋଷ ସାହୁ, ମହର୍ଗା ସାହୁ, ପି: ତ୍ରିପୁର ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୧୨୩୫ | ରୟତି | ୮୨୩ ସରୁଆ ନାଳ | ଘରବାରି | ୦.୨୩୦ | ୦.୦୧୦ | ମନୋଜ କୁମାର ସାହୁ, ପି: ଦୈତାରୀ ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୧୪୩୫ | ରୟତି | ୮୧୪ ସରୁଆ ନାଳ | ଘରବାରି | ୦.୨୦୦ | ୦.୨୦୦ | ନିରଞ୍ଜନ ପ୍ରଧାନ, ପି: ଅକ୍ରୁର ପ୍ରଧାନ, ଜା: ଚଷା, ବା: କଳମଛୁଇଁ, ତାଳଚେର |
| ୯୩୨/୧୭୨୧ | ରୟତି | ୭୭୩ ବଇରା ନାଳ | ଘରବାରି | ୦.୦୫୦ | ୦.୦୧୦ | ପ୍ରଦୀପ କୁମାର ପ୍ରଧାନ, ପି: ଦୁର୍ଯ୍ୟୋଧନ ପ୍ରଧାନ, ଜା: ଚଷା, ବା: ଡଅଁରା, ଥାନା- କଲିୟାରୀ |
| ୯୩୨/୨୦୦୪ | ରୟତି | ୫୯୩/୬୬୦୧ | ତଇଳା-୧ | ୦.୧୩୦ | ୦.୦୫୦ | ବିଜୟ କୁମାର ପ୍ରଧାନ, ପି: ଉଦୟନାଥ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୯୩୨/୨୦୫୫ | ରୟତି | ୭୭୨/୮୦୮୪ | ତଇଳା-୧ | ୦.୦୩୦ | ୦.୦୩୦ | ଜାତକ ସାହୁ, ସ୍ୱା: ସନ୍ତୋଷ ସାହୁ, ମହର୍ଗା ସାହୁ, ପି: ତ୍ରିପୁର ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୨୨୧୫ | ରୟତି | ୩୭୧/୬୮୭୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୧୬୦ | ୦.୦୮୦ | ପଲ୍ଲବ କିଶୋର ପଟ୍ଟନାୟକ, ପି: ଦ୍ୱୀଜବର ପଟ୍ଟନାୟକ, ଜା: କରଣ, ବା: ଭଗବତପୁର, ଥାନା- ପୁରୀଘାଟ, ଜି- କଟକ |
| ୯୩୨/୨୨୯୮ | ରୟତି | ୩୬୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୨୦ | ୦.୦୨୦ | ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ୱା: ଜୟକୃଷ୍ଣ ପ୍ରଧାନ, ଜା: ଚଷା, ବା: ହେମସୁରପଡ଼ା, ଅନୁଗୋଳ ଟାଉନ |
| ୯୩୨/୨୪୩୪ | ରୟତି | ୭୧୯ ବଡ଼ନାଳ | ତଇଳା-୧ | ୦.୦୩୦ | ୦.୦୩୦ | କାଳନ୍ଦି ବେହେରା, ପି: ମାର୍କଣ୍ଡ ବେହେରା, ଜା: ବଣିଆ, ବା: କୁମଣ୍ଡ |
| ୯୩୨/୫୬୭ | ରୟତି | ୭୧୯/୮୭୭୦ | ତଇଳା-୧ | ୦.୦୪୦ | ୦.୦୪୦ | କରୁଣାକର ସାହୁ, ପି: ନବେଇ ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୨୪୮୧ | ରୟତି | ୭୭୪ ଖଇରା ତଇଳା | ତଇଳା-୧ | ୦.୩୩୦ | ୦.୦୩୦ | କୈଳାସ ଦେହୁରୀ, ପି: ଟାଙ୍ଗୁରୁ ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୨ | ରୟତି | ୨୦୩ | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | ଅମୃତୀ ସାହୁ, ସ୍ୱା: ଆର୍ତ୍ତତ୍ରାଣ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୯ | ରୟତି | ୮୧୬/୬୯୮୬ | ତଇଳା ଏକ | ୦.୧୩୦ | ୦.୦୨୦ | ରସା ନାୟକ, ପି: ଦୁଃଖିଆ ନାୟକ, ଜା: ଚଷା, ବା: ନିଜଗାଁ |
| ୯୩୨/୧୬୭୩ | ରୟତି | ୮୧୯ | ଘରବାରି | ୦.୨୩୦ | ୦.୦୭୦ | ରମ୍ଭାବତୀ ସାହୁ, ସ୍ୱା: ଅଶୋକ କୁମାର ସାହୁ, ଜା: ଚଷା, ବା: ରାଇଝରଣ |
| ୬୨୧ | ରୟତି | ୮୧୬/୬୯୮୪ | ତଇଳା-୧ | ୦.୪୩୦ | ୦.୦୧୦ | ବିଶେଇ ନାୟକ, ପି: ସଙ୍ଖାଳି ନାୟକ, ଜା: ଚଷା, ବା: ନିଜଗାଁ |
| ୯୩୨/୨୪୮୧ | ରୟତି | ୭୩୬ | ତଇଳା-୧ | ୦.୦୫୦ | ୦.୦୫୦ | କୈଳାଶ ଦେହୁରୀ ପି: ଟାଙ୍ଗୁରୁ ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୫୩ | ରୟତି | ୨୦୪ | ଶାରଦ ଜଳ ଦୁଇ | ୦.୦୪୦ | ୦.୦୧୦ | ଜନକ ନାଏକ, ଗୌର ନାୟକ, ବନକ ନାଏକ, ପି: ମାଗୁଣି ନାଏକ, ବୃନ୍ଦି ନାଏକ, ସ୍ୱା: ମାଗୁଣି ନାଏକ, ଶ୍ରୀପତି ନାଏକ, ପି: କାଠି ନାଏକ, ଜା: ପାଣ, ବା: ନିଜଗାଁ |
| ୭୫୪ | ରୟତି | ୨୫୭/୭୦୭୦ | ଶାରଦ ଜଳ ଦୋଫସଲି ଦୁଇ | ୦.୦୮୦ | ୦.୦୧୦ | ରଘୁ ସାହୁ, ପି: ଗୌତମ ସାହୁ, ଜା: ଚଷା, ବା: ନିଜଗାଁ |
| ୧୧ | ରୟତି | ୩୬୨ | ଶାରଦ ଜଳ ଦୋଫସଲି ଦୁଇ | ୦.୦୪୦ | ୦.୦୪୦ | ପ୍ରସନ୍ନ କୁମାର ସାହୁ, ପି: ଅନ୍ତର୍ଯ୍ୟାମୀ ସାହୁ, ଜା: ଚଷା, ବା: ନିଜଗାଁ |
| ୭୬୩ | ରୟତି | ୩୬୧/୬୪୨୯ | ଶାରଦ ଜଳ ଦୋଫସଲି ଦୁଇ | ୦.୦୯୦ | ୦.୦୯୦ | ରତ୍ନାକର ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୧୯୬ | ରୟତି | ୩୯୪ | ତଇଳା-୧ | ୦.୨୩୦ | ୦.୦୧୦ | ଗୌରାଙ୍ଗ ସାହୁ, ପି: ବିମ୍ବା ସାହୁ, ଜା: ଚଷା, ବା: ନିଜଗାଁ |
| ୭୬୭ | ରୟତି | ୩୬୧/୬୪୩୩ | ଶାରଦ ଜଳ ଦୋଫସଲି ଦୁଇ | ୦.୦୨୦ | ୦.୦୨୦ | ରବି ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| | | | | ମୋଟ | **୫.୭୭୦** | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**

OIPR-24012/14/0047/2122

## ସଂକ୍ଷେପରେ

### ଓଏଏସ୍ ପରୀକ୍ଷାରେ ଚତୁର୍ଥ ସ୍ଥାନ



**ପାଲଲହଡ଼ା,୧୦।୧୦(ଡି.ଏନ.ଏ.):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ରାଜ୍ୟର ଚତୁର୍ଥ ସ୍ଥାନରେ ରହିଛନ୍ତି ପାଲଲହଡ଼ାର ସୌମ୍ୟରଞ୍ଜନ ପ୍ରଧାନ। ୨୦୧୨ ମସିହା ମାଟ୍ରିକ ପରୀକ୍ଷାରେ ସେ ରାଜ୍ୟରେ ତ୍ରୟୋଦଶ ସ୍ଥାନ ଅଧିକାର କରିଥିଲେ। ସୌମ୍ୟଙ୍କ ପୈତୃକ ଘର ଦେବଗଡ଼ ଜିଲା ଟାଇଁସର ପଞ୍ଚାୟତ ଭୁକାବେଡା। ମାଲ୍ୟଗିରି ମହାବିଦ୍ୟାଳୟରେ ଅଧାପକ ଥିବା ସଞ୍ଜୀବ କୁମାର ପ୍ରଧାନଙ୍କ ପୁଅ ସୌମ୍ୟ ରାଉରକେଲା ଏନ୍‌ଆଇଟିରୁ ଉଚ୍ଚଶିକ୍ଷା ସମାପ୍ତ କରିଛନ୍ତି। ଆଗକୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ କୃତକାର୍ଯ୍ୟ ହେବାକୁ ଲକ୍ଷ୍ୟ ରଖିଥିବା ସୌମ୍ୟ ପ୍ରକାଶ କରିଛନ୍ତି। ସୌମ୍ୟଙ୍କ ସଫଳତାକୁ ନେଇ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

### ଭାଜପାର ବୈଠକ

**ଖମାର,୧୦।୧୦(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଖମାର ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ମୁଣ୍ଡୁରିବେଡା ପତ୍ରଫଡ଼ି ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୌରଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଯୋଗଦେଇ ସଙ୍ଗଠନକୁ ମଜଭୁତ କରି ପଞ୍ଚାୟତ ନିର୍ବାଚନ ଲଢ଼ାଯିବ ବୋଲି ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଡିଲେଶ୍ୱର ବେହେରା, ଶିଶିର ନନ୍ଦ, ମଣ୍ଡଳ ପ୍ରଭାରୀ ଲିଙ୍ଗରାଜ ଦାସ, ଶଙ୍ଖମୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଲକ୍ଷ୍ମୀଧର ସାହୁ, ଧର୍ମେନ୍ଦ୍ର ସାହୁ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଜଣେ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ,୧୦।୧୦:** ଢେଙ୍କାନାଳ ଜିଲାରୁ ରବିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ସଂକ୍ରମିତ ଜଣକ ଢେଙ୍କାନାଳ ପୌରାଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ଦିନକରେ ଜିଲାରୁ ୬ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ରବିବାର ଜିଲାରେ ୧୧୬୫ ଜଣଙ୍କ ଟେଷ୍ଟିଂ କରାଯାଇଥିଲା। ଏହାକୁ ମିଶାଇ ମୋଟ ଟେଷ୍ଟିଂ ୪ ଲକ୍ଷ ୭୬ ହଜାର ୫୮୩ରେ ପହଞ୍ଚିଛି। ସେହିପରି ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହଜାର ୮୦୭ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ଜିଲାରୁ ୧୯ ହଜାର ୫୪୩ ଜଣ କରୋନାରୁ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ୨୧ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୨୪୩ ରହିଛି।

### ଦୁର୍ଘଟଣାରେ ୨ ଗୁରୁତର

**ପରଜଙ୍ଗ,୧୦।୧୦(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭାଲୁମୁଣ୍ଡା-ଆଳୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଜୋରା ଛକ ନିକଟରେ ରବିବାର ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ତୁମୁସିଙ୍ଗା ଥାନା ଅଧୀନ କନ୍ତିଓକାଟେଣୀ ଗ୍ରାମର ଲିପୁନ ବିଶାଳ ଓ କୁସୁମଯୋଡି ଗ୍ରାମର ବିଶ୍ୱଜିତ ଦେହୁରୀ ଗୁରୁତର ହୋଇଛନ୍ତି। ଏକ ବାଇକ୍ ଯୋଗେ ବିଶ୍ୱଜିତ ଓ ଲିପୁନ ସକାଳେ କୌଣସି କାମରେ ଭାଲୁମୁଣ୍ଡା ଅଭିମୁଖେ ଯାଉଥିବାବେଳେ ବଡ଼ଜୋରା ଛକଠାରେ ପାଟରପଦାରୁ ଆସୁଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁହେଁ ଗୁରୁତର ହୋଇଥିଲେ। ଅନ୍ୟ ଗାଡ଼ିରେ ବସିଥିବା ୩ ଜଣ ଘଟଣାସ୍ଥଳରୁ ପଳାଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ୨ ଗୁରୁତରଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଛି।

### ଜମିଜମା ସମସ୍ୟା ନେଇ ଗଣ୍ଡଗୋଳ

**ବଇଣ୍ଡା,୧୦।୧୦(ଡି.ଏନ.ଏ.):** ଠାକୁରଗଡ ଥାନା ଉଥୁକୁରୁମ ଗ୍ରାମର ସନାତନ ବେହେରାଙ୍କୁ ତାଙ୍କ ସାନ ଭାଇ ବସନ୍ତ ବେହେରା ମାଡ଼ ମାରିଥିବା ଥାନାରେ ସନାତନ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୫୮/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଜମିବାଡି ସମସ୍ୟାକୁ ନେଇ ଉଭୟଙ୍କ ମଧରେ ବହୁ ଦିନ ହେବ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ

**ବଇଣ୍ଡା,୧୦।୧୦(ଡି.ଏନ.ଏ.):** ଠାକୁରଗଡ ଥାନା ତଲେଇପଥର ଗ୍ରାମର ନବକିଶୋର ଭୋଇଙ୍କୁ ସେହି ଗ୍ରାମର ଭରତ ପ୍ରଧାନ, ଶରତ ପ୍ରଧାନ ରବିବାର ମାଡ଼ ମାରିଥିବା ଥାନାରେ ନବକିଶୋର ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୬୦/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନବକିଶୋର ଏକ ସାଇକେଲରେ ଘରକୁ ଯାଉଥିବାବେଳେ ଭରତ, ଶରତ ତାଙ୍କୁ ବାଟରେ ଅଟକାଇ ପୂର୍ବ ଶତ୍ରୁତାକୁ ନେଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଆକର୍ଷିତ କରିପାରୁନି ପୂଜା ଅଫର

**ଅନୁଗୋଳ ଅଫିସ, ୧୦।୧୦**

- ଅନୁଗୋଳରେ ଜମୁନି ବ୍ୟବସାୟ ବଜାର
- ଗ୍ରାହକ ଆସୁ ନ ଥିବାରୁ ବେପାରୀଙ୍କ ମନଉଣା

କୋଭିଡ୍ ସମୟ ହୋଇ ନ ଥିଲେ ଅନୁଗୋଳ ବଜାରରେ ଜମିଥାନ୍ତା ଗହଳି। ଦୈନିକ ହୋଇଥାନ୍ତା ବହୁ ଲକ୍ଷ ଟଙ୍କାର ବ୍ୟବସାୟ। ଭଳି କି ଭଳି ପୋଷାକ, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆଦି କିଣି ନେଇଥାନ୍ତେ ଗ୍ରାହକ। ହେଲେ ଦୁଇବର୍ଷ ହେଲା ପାର୍ବଣ ସମୟରେ ବେପାର ସେପରି ନାହିଁ। ଗତବର୍ଷ ପରି ମହାମାରୀ ସ୍ଥିତି ନ ଥିଲେ ମଧ ଲୋକଙ୍କ ରୋଜଗାର ହ୍ରାସ କାରଣରୁ ପାର୍ବଣରେ କିଣାକିଣି ଏକପ୍ରକାର ମାନ୍ଦା। ଏପରି କି ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଅଫର୍ ପରେ ଅଫର୍ ରହିଥିଲେ ବି ଏହା ଗ୍ରାହକଙ୍କୁ ସେପରି ଆକର୍ଷିତ କରିପାରୁ ନ ଥିବା ବ୍ୟବସାୟୀମାନେ କହିଛନ୍ତି।

ଅନୁଗୋଳ ବଜାରରେ ଥିବା ବିଭିନ୍ନ ପୋଷାକ ଶୋ'ରୁମ୍ ପକ୍ଷରୁ ୨୫ ପ୍ରତିଶତ ଫ୍ଲାଟ ରିହାତି ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। ଅନ୍ୟକେତେକ ଦୋକାନୀ ୫୦ ପ୍ରତିଶତ ଯାଏ ରିହାତି ଦେବେ ବୋଲି ପ୍ରଚାର କରୁଛନ୍ତି। ସେହିପରି ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍ କର୍ତ୍ତୃପକ୍ଷ ଅଧିକ ଅଫର ରଖିଛନ୍ତି। କିନ୍ତୁ ଏତେ ସବୁ ସତ୍ତ୍ୱେ ପୂଜା ବିକ୍ରି ସେପରି ଜୋର୍ ଧରିପାରୁ ନାହିଁ। କାରଣ ଦୁଇବର୍ଷ ହେଲା କୋଭିଡ୍ ଲୋକଙ୍କ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଛି। ଫଳରେ ସେମାନେ ପୂର୍ବପରି ପରିବାରବର୍ଗଙ୍କ ନିମନ୍ତେ ପୋଷାକ କିଣିପାରୁ ନାହାନ୍ତି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପ୍ରତି ସେମାନେ ଅଧିକ ଆଗ୍ରହ ଦେଖାଉନାହାନ୍ତି। ଲୋକଙ୍କ ହାତରେ ଅଧିକ ଅର୍ଥ ନ ଥିବାରୁ ଏହାକୁ ନଜରରେ ରଖି ବିଭିନ୍ନ ବ୍ୟସାୟିକ ପ୍ରତିଷ୍ଠାନ ପକ୍ଷରୁ ଅଫର ସହ ରିହାତିକୁ ପୂର୍ବାପେକ୍ଷା ବଢ଼ାଇ ଦିଆଯାଇଛି। ତଥାପି ହାତରୁ ଅର୍ଥ ଛାଡ଼ିବାକୁ ଗ୍ରାହକ ନାରାଜ। ପୂଜା ପାଇଁ ବଜାରକୁ ଲୋକେ ଆସୁଥିଲେ ମଧ ହାତଖୋଲି ଖର୍ଚ୍ଚ କରିପାରୁ ନାହାନ୍ତି। ଅତି ଜରୁରୀ ଥିଲେ ବି ଖର୍ଚ୍ଚ କାଟ୍ କରି କିଣାକିଣି କରୁଛନ୍ତି। ଏହାଛଡ଼ା ଅନ୍‌ଲାଇନ୍ ଶପିଂ ପ୍ରତି ଅଧିକ ଆଗ୍ରହ ଦେଖିବାକୁ ମିଳୁଛି। ସହର ହେଉ କି ଗ୍ରାମାଞ୍ଚଳର ଗ୍ରାହକ, ଘରେ ବସି ସହଜ ଓ ଶସ୍ତାରେ ସାମଗ୍ରୀ ମଗାଇବାକୁ ସେମାନେ ଅଧିକ ପସନ୍ଦ କରୁଛନ୍ତି। ବ୍ୟବସାୟୀମାନଙ୍କ କହିବା କଥା, କୋଭିଡ୍ ମହାମାରୀ ଲୋକଙ୍କୁ ଅନେକ ଶିକ୍ଷା ଦେଇଛି। ହାତରେ ଅଧିକ ଅର୍ଥ ରଖିବାକୁ ବାଧ କରୁଛି। ସେଥିପାଇଁ ଖର୍ଚ୍ଚ ଅପେକ୍ଷା ଲୋକମାନେ ସଞ୍ଚୟ କରିବାକୁ ଉଚିତ ମଣୁଛନ୍ତି। ଫଳରେ ପୂର୍ବଭଳି ନୂଆ ସାମଗ୍ରୀ କି ଘର ସାଜସଜ୍ଜା ଉପରେ ଗୁରୁତ୍ୱ ଦେଉନାହାନ୍ତି। ସେହିଭଳି ଯୁବପିଢ଼ି ମଧ ଖର୍ଚ୍ଚ କାଟ୍ କରିଛନ୍ତି। ପୂର୍ବରୁ ପାର୍ବଣ ସମୟରେ ଗଣ୍ଡା ଗଣ୍ଡା ପୋଷାକ କିଣୁଥିବା ଯୁବତୀଯୁବକ ଏବେ ଗୋଟିଏରେ ସନ୍ତୁଷ୍ଟ ହେଉଛନ୍ତି। ଟିଭି, ଫ୍ରିଜ୍, ଏସି ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଅନ୍‌ଲାଇନ୍‌ରେ ମଗାଉଛନ୍ତି। ତେଣୁ ଅଫ୍‌ଲାଇନ୍ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ସିଧାସଳଖ ଭାବେ ପଡୁଛି ବୋଲି ସେମାନେ କହିଛନ୍ତି।

**କୋଭିଡ୍ ଭୟ ଯୋଗୁ ହ୍ରାସ**



"କୋଭିଡ୍ କେବଳ ଲୋକଙ୍କୁ ଭୟଭୀତ କରିନାହିଁ, ସେମାନଙ୍କ ଆର୍ଥିକ ସମ୍ବଳକୁ ମଧ ହ୍ରାସ କରିଛି। ତେଣୁ ଅତୀତର ପାର୍ବଣ ବ୍ୟବସାୟ ଭଳି ଗତ ଦୁଇବର୍ଷ ହେଲା ବେପାର ନାହିଁ। ଅତି ଜରୁରୀ ନ ହେଲେ ଲୋକମାନେ କିଣାକିଣି କରୁନାହାନ୍ତି।

-ସୁମିତ୍ କୁମାର, ବ୍ୟବସାୟୀ, ପ୍ଲାନେଟ୍ ଫ୍ୟାଶନ୍

**ଭାରି ପଡୁଛି ଅନ୍‌ଲାଇନ୍**



"ଅନ୍‌ଲାଇନ୍‌ରେ ଗ୍ରାହକଙ୍କ ପାଇଁ ଅଧିକ ଅଫର ରହୁଛି। ଏପରି କି ବିଭିନ୍ନ ସାମଗ୍ରୀ ଉପରେ ରିହାତି ୫୦ ପ୍ରତିଶତରୁ ଅଧିକ ଦିଆଯାଉଛି। ସେଥିପାଇଁ ଲୋକେ ବଜାର ଆସି ଶୋ'ରୁମ୍‌ରୁ କିଣିବା ଅପେକ୍ଷା ଘରେ ବସି କମ୍ ମୂଲ୍ୟରେ ସାମଗ୍ରୀ ଅର୍ଡର କରୁଛନ୍ତି।

-ଅମ୍ରିତ୍ ପଟ୍ଟନାୟକ, ପାରିଜାତ ଇଲେକ୍ଟ୍ରୋନିକ୍ସ

**ଅଧିକ ଅଫର ମିଳୁଛି**



"ଅନ୍‌ଲାଇନ୍‌ରେ ଯଦି ଶସ୍ତାରେ ମିଳୁଛି, ତା'ହେଲେ ବାହାରକୁ ଯାଇ କୋଭିଡ୍‌କୁ ଆମନ୍ତ୍ରଣ କରିବାକୁ ଅଧିକାଂଶ ଗ୍ରାହକ ଇଚ୍ଛା କରୁନାହାନ୍ତି। ଏଥିସହ ସମୟ ବଞ୍ଚୁଛି ଓ ସୁବିଧାରେ ଘରେ ଆସି ସାମଗ୍ରୀ ପହଞ୍ଚି ଯାଉଛି।

-ଦିବ୍ୟରଞ୍ଜନ ଦାସ, ଅନୁଗୋଳ

# ସ୍କୁଲକୁ ପୁସ୍ତକ ପ୍ରଦାନ



ରୋଟ୍ରାକ୍ଟ କ୍ଲବ ପକ୍ଷରୁ ପୁସ୍ତକ ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ,୧୦।୧୦**

ଢେଙ୍କାନାଳ ରୋଟ୍ରାକ୍ଟ କ୍ଲବ ପକ୍ଷରୁ ବନମାଳୀ ପ୍ରସାଦ ପ୍ରାଥମିକ ବିଦ୍ୟାଳୟକୁ ଶନିବାର ପୁସ୍ତକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟ୍ରାକ୍ଟର ଜିଲା ପ୍ରତିନିଧି ପ୍ରଯୁକ୍ତା ଦେବରାୟ, ଜିଲା ସେକ୍ରେଟାରୀ(ପ୍ରଶାସନ) ପ୍ରତୀକ ନନ୍ଦ, ରାଟ୍ରୋକ୍ଟର ଶୁଭକାନ୍ତି ଦାସ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ପଟ୍ଟନାୟକ, ବିଦ୍ୟାଳୟ ସଭାପତି ଗୁରୁବାରୀ ପ୍ରଧାନ ଓ ସଭ୍ୟ କୁମାର ସାହୁ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ରୋଟ୍ରାକ୍ଟ କ୍ଲବ ଢେଙ୍କାନାଳ ପକ୍ଷରୁ ସଭାପତି ବିକ୍ରମ ଅଗ୍ରୱାଲ, ସମ୍ପାଦକ କୁନାଲ ସୋନି, ପ୍ରେମଜିତ ରାଜ, ରଞ୍ଜନ କୁମାର ସାହୁ, ଅଭିଜିତ ମହାପାତ୍ର, ଶିବସ୍ୱରୁପ ପାଢୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପୂର୍ବତନ ସଭାପତି ଅବିନାଶ ସାହୁ ଧନ୍ୟବାଦ ଦେଇଥିଲେ।

# ନୂଆ ରୂପରେ ପ୍ଲାନେଟ୍ ଫ୍ୟାଶନ୍

**ଅନୁଗୋଳ ଅଫିସ, ୧୦।୧୦**

ଅନୁଗୋଳ ସହରରେ ଥିବା ପ୍ଲାନେଟ୍ ଫ୍ୟାଶନ୍ ଶୋ' ରୁମ୍ ନୂଆ ରୂପରେ ଖୋଲିଛି। ଏଭଳି କି ନୂଆ ଡିଜାଇନ୍ ସହ ଛୋଟ ପିଲା ଓ ମହିଳାଙ୍କ ପାଇଁ ବଛା ବଛା ବ୍ରାଣ୍ଡର କପଡ଼ା ଏଠାରେ ଉପଲବ୍ଧ ହେଉଛି। ଏଥିସହ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ବ୍ରାଣ୍ଡ ଉପରେ ଅଫର୍ ରଖାଯାଇଛି ବୋଲି ଶୋ' ରୁମ୍‌ର ମାଲିକ ସୁମିତ କୁମାର ସୂଚନା ଦେଇଛନ୍ତି। ଅନୁଗୋଳ ଶଙ୍କର ସିନେମା ରୋଡ୍‌ରେ ଥିବା ପ୍ଲାନେଟ୍ ଫ୍ୟାଶନ୍‌ରେ ପୂର୍ବରୁ କେବଳ ପୁରୁଷଙ୍କ ପାଇଁ ବ୍ରାଣ୍ଡେଡ୍ କପଡ଼ା ଉପଲବ୍ଧ ହେଉଥିଲା। ଏବେ ଗୋଟିଏ ଛାତ ତଳେ ମହିଳା, ପୁରୁଷ ଓ ଛୋଟ ପିଲାଙ୍କ ପାଇଁ କପଡ଼ା ଉପଲବ୍ଧ ହେବ। ଫଳରେ ଗ୍ରାହକ ଏବେ ଆଉ ବିଭିନ୍ନ ଶୋ' ରୁମ୍ ନ ବୁଲି ଗୋଟିଏ ସ୍ଥାନରୁ ସମସ୍ତ ପୋଷାକ ପାଇପାରିବେ ବୋଲି ସୁମିତ୍ କହିଛନ୍ତି। ନୂଆ ରୂପରେ ଆସିଥିବା ଏହି ଶୋ'ରୁମ୍ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି ସୁମିତ ପ୍ରକାଶ କରିଛନ୍ତି।




ଅନୁଗୋଳ ସହରରେ ଖୋଲିଥିବା ପ୍ଲାନେଟ୍ ଫ୍ୟାଶନର ନୂଆ ଶୋ'ରୁମ୍।

# ୧୨ ଲକ୍ଷ ଠକି ଯୁବକ ଗିରଫ

**ଢେଙ୍କାନାଳ ଅଫିସ,୧୦।୧୦**

ଢେଙ୍କାନାଳ ସହରସ୍ଥିତ ଷ୍ଟେଶନ ବଜାର ଫାଣ୍ଡି ଅଞ୍ଚଳର ଏକ ଭଡାଘରେ ରହୁଥିବା ସୋମନାଥ ରାଉତ(୩୦)ଙ୍କୁ ରବିବାର କର୍ଣ୍ଣାଟକ ସାଇବର ପୋଲିସ ଗିରଫ କରିଛି। ସୋମନାଥ ଅନ୍‌ଲାଇନ୍‌ରେ ୧୨ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। କଟକ ଜିଲା ଖୁଣ୍ଟୁଣୀ ଥାନା ଡାଳଭାଗ ଗ୍ରାମର ସୋମନାଥ ପ୍ରାୟ ୩/୪ ମାସ ହେବ ଷ୍ଟେଶନ ବଜାର ଅଞ୍ଚଳରେ ଭଡାଘରେ ରହୁଥିଲେ। ସେ ସାଇନ ଇଣ୍ଡିଆ ଗ୍ରୁପ୍ ଆଣ୍ଡ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଅନ୍‌ଲାଇନ ମାଧମର ଖୋଲି ବ୍ୟବସାୟ କରୁଥିଲେ। ତେବେ କର୍ଣ୍ଣାଟକର ଜଣେ ବ୍ୟକ୍ତିଙ୍କ ଠାରୁ ସେ ୧୨ଲକ୍ଷ ୫୦ହଜାର ଟଙ୍କା ଅନ୍‌ଲାଇନ୍‌ରେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। କର୍ଣ୍ଣାଟକ ପୋଲିସ ଢେଙ୍କାନାଳରେ ପହଞ୍ଚି ଟାଉନ ଥାନା ଓ ଷ୍ଟେଶନରୋଡ ଫାଣ୍ଡି ପୋଲିସ ସହାୟତାରେ ସୋମନାଥଙ୍କୁ ଗିରଫ କରିଥିଲା। ସେ ରହୁଥିବା ଭଡ଼ା ଘରୁ ଏକ ଲାପ୍‌ଟପ, ମୋବାଇଲ, ଜାଲ ଆଧାରକାର୍ଡ ଓ ଭୋଟର କାର୍ଡ ଆଦି ଜବତ ହୋଇଛି। ସେ ବିଭିନ୍ନ ଲୋକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଥିଲା। ଷ୍ଟେଶନ ରୋଡ ଫାଣ୍ଡି ଅଧିକାରୀ ରସାନନ୍ଦ ନାୟକ କହିଛନ୍ତି, ସୋମନାଥଙ୍କ ନାମରେ କର୍ଣ୍ଣାଟକରେ ସାଇବର ଠକେଇ ଅଭିଯୋଗ ରହିଥିଲା। କର୍ଣ୍ଣାଟକ ପୋଲିସ ପହଞ୍ଚି ଏଠାକାର ପୋଲିସ ସହାୟତାରେ ତାଙ୍କୁ ଗିରଫ କରି ନେଇଯାଇଛି।

# ଲକ୍ଷ୍ମୀ ହୋଣ୍ଡାର ଏକ୍ସଚେଞ୍ଜ ଋଣ ମେଳା

**ଅନୁଗୋଳ ଅଫିସ, ୧୦।୧୦**

ଅନୁଗୋଳ ହୋଣ୍ଡା ମୋଟର ସାଇକେଲ ଓ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାରେ ପାର୍ବଣ ପାଇଁ ଏକ୍ସଚେଞ୍ଜ ଲୋନ୍ ମେଳା ଆରମ୍ଭ ହୋଇଛି। ଏହି ମେଳାରେ ଗ୍ରାହକଙ୍କୁ ହୋଣ୍ଡାର ସମସ୍ତ ମଡେଲ ଏବଂ କଲର ଦେଖିବାକୁ ମିଳିବ। ପ୍ରତ୍ୟେକ ଗାଡ଼ିର କ୍ରୟ ଉପରେ ସ୍କ୍ରାଚ୍ ଆଣ୍ଡ ଉଇନ୍ ମାଧମରେ ଗ୍ରାହକମାନେ ଏଲ୍‌ଇଡି ଟିଭି ସହ ଫ୍ରିଜ୍, ମାଇକ୍ରୋଓଭେନ୍, ଫ୍ରାଏ ପାନ୍, ଆଇରନ୍, ଲାପଟପ୍ ବ୍ୟାଗ ଆଦି ନିଶ୍ଚିତ ଉପହାର ପାଇପାରିବେ। ଏଥିସହିତ ଶତ ପ୍ରତିଶତ ଫାଇନାନ୍ସ, ୫.୯୯ ପ୍ରତିଶତ ସୁଧହାର, ସ୍ୱଳ୍ପ ଇଏମ୍‌ଆଇ ସୁବିଧା ପାଇପାରିବେ। ପୁରୁଣା ଗାଡ଼ି ବଦଳାଇବା ସହିତ ୨ ହଜାର ଟଙ୍କା ଏକ୍ସଚେଞ୍ଜ ବୋନସ ଲାଭ ମଧ ଉଠାଇ ପାରିବେ। ଭବିଷ୍ୟତରେ ମଧ ଗ୍ରାହକଙ୍କୁ ସବୁ ପ୍ରକାରର ସେବା ଏବଂ ସୁବିଧା ଯୋଗାଇ ଦେବାକୁ ଆମେ ସଂକଳ୍ପବଦ୍ଧ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ କହିଛନ୍ତି।




ଲକ୍ଷ୍ମୀ ହୋଣ୍ଡା ପକ୍ଷରୁ ଆରମ୍ଭ ହୋଇଥିବା ଋଣ ମେଳା।

# ଅପପୁଷ୍ଟି, ପୋଷଣ ଉପରେ ଆଲୋଚନା



କାର୍ଯ୍ୟକ୍ରମ ଅବସରରେ କିଶୋରୀ କିଶୋରମାନେ।

**ଢେଙ୍କାନାଳ ଅଫିସ,୧୦।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାଶୀପୁର ଉପକେନ୍ଦ୍ର ଅଧୀନସ୍ଥ ନୂଆଗଡ ଅଙ୍ଗନୱାଡି କେନ୍ଦ୍ର ପରିସରରେ ରବିବାର କିଶୋର ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିଶୋରୀ କିଶୋରମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଜୀବନଶୈଳୀ, ବାଲ୍ୟ ବିବାହ, କମ୍ ବୟସରେ ମାତୃତ୍ୱ, ଅପପୁଷ୍ଟି ଓ ପୋଷଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୀମା ଦାସ ଓ ଜାଗର ସଏଙ୍କ ସମେତ କିଶୋରୀ କିଶୋରମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାଶୀପୁର ଏଏନ୍‌ଏମ୍ ମୀନାକ୍ଷୀ ସାମଲ, ଆଶା କର୍ମୀ ସରୋଜିନୀ ଭୂୟାଁ, ଅଙ୍ଗନୱାଡି ସହାୟିକା ଶାନ୍ତିଲତା ସାହୁ ଓ ସୁନୀତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶନୀ, ଗଁଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତି, କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମ୍ୟାନେଜର ସୌମ୍ୟରଞ୍ଜନ ସାମନ୍ତରାୟ ଓ ଗଁଦିଆ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରିୟଦର୍ଶିନୀ ସାହୁଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଚାଲୁରହିଛି।

# ନାଲ୍‌କୋ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

**ବଅଁରପାଳ,୧୦।୧୦(ଡି.ଏନ.ଏ.)**

ନାଲ୍‌କୋ ଜନସମ୍ପର୍କ ଓ ସାନିଟାଇଜ ବିଭାଗର ମିଳିତ ଆନୁକୂଲ୍ୟରେ ଗିରାଙ୍ଗ ଛକସ୍ଥିତ ସେଣ୍ଟ୍ରାଲ ମାର୍କେଟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ନାଲ୍‌କୋର ବହୁ ଅଧିକାରୀ, ସିଆଇଏସ୍‌ଏଫ୍ କର୍ମଚାରୀମାନେ ଯୋଗଦେଇ ସଫେଇ କାର୍ଯ୍ୟ କରିଥିଲେ। ସେଣ୍ଟ୍ରାଲ ମାର୍କେଟ ପରିସରରେ ଥିବା ଫଳ ଦୋକାନ ପାର୍ଶ୍ୱ ସହ ବଜାର ପରିସରରୁ ଆବର୍ଜନା ସଫା କରାଯାଇଥିଲା। ନାଲ୍‌କୋର ଏଭଳି ପଦକ୍ଷେପକୁ ବଜାରବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିଜିଏମ୍ ରାଜାରାମ ମିଶ୍ର, ଲୋକ ସମ୍ପର୍କ ଅଧିକାରୀ ସମୀର ମାଝି, ମାନବ ସମ୍ବଳ ମହାପ୍ରବନ୍ଧକ ଏସ.ଏନ. ସାହୁ, ସିପିପି ମହାପ୍ରବନ୍ଧକ ସରୋଜ ମିଶ୍ର, ସ୍ମେଲଟର ମହାପ୍ରବନ୍ଧକ ଏନ.କେ. ମଣ୍ଡଳ, ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ, ପି.କେ. ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।



ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ନାଲ୍‌କୋ ଅଧିକାରୀମାନେ।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ବଇଣ୍ଡା,୧୦।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଆମ୍ବମୁଣ୍ଡା ଗ୍ରାମ ପୋଖରୀରେ ରବିବାର ସେହି ଗ୍ରାମର ଉର୍ବଶୀ ପ୍ରଧାନ (୭୨) ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଉର୍ବଶୀ ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗୋଡ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ନଂ. ୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୌତୁକ ପାଇଁ ନିର୍ଯାତନା

**ବଇଣ୍ଡା,୧୦।୧୦(ଡି.ଏନ.ଏ.)**

ଠାକୁରଗଡ ଥାନା କୋରାବ ଗ୍ରାମର ରତନୀ ଦେହୁରୀଙ୍କୁ ତାଙ୍କ ସ୍ୱାମୀ ତ୍ରିନାଥ ବେହେରା, ଦିଅର ତ୍ରିପୁର ବେହେରା, ଶାଶୁ ଲକ୍ଷ୍ମୀ ବେହେରା ଯୌତୁକ ନିର୍ଯାତନା ଦେଉଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୬୨/୨୧ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କିଛି ବର୍ଷ ପୂର୍ବେ ତ୍ରିନାଥ ରତନୀଙ୍କୁ ବିବାହ କରିଥିଲେ। ସେହି ସମୟରେ ସମସ୍ତ ଆସବାବପତ୍ର ଦିଆଯାଇଥିଲା। କିନ୍ତୁ ଅଧିକ ଯୌତୁକ ଆଣିବାକୁ କହି ରତନୀଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୦।୧୦(ଡି.ଏନ.ଏ.)**

ଠାକୁରଗଡ ଥାନା ଯୋଗିବନ୍ଧ ଗ୍ରାମର ବାସନ୍ତୀ ନାୟକଙ୍କୁ ତାଙ୍କ ସ୍ୱାମୀ ରଞ୍ଜନ କୁମାର ନାୟକ ମାଡ଼ ମାରିଥିବା ରବିବାର ଥାନାରେ ବାସନ୍ତୀ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୫୯/୨୧ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବାସନ୍ତୀ କିଛିଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ରଞ୍ଜନଙ୍କୁ କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ୨ ଡମ୍ପର ଅପରେଟର ଗିରଫ

**ତାଳଚେର,୧୦।୧୦(ନି.ପ୍ର.)**

ତାଳଚେର ବ୍ଲକ ବଳରାମ କୋଇଲା ଖଣିରୁ ଡିଜେଲ ଚୋରି ଅଭିଯୋଗରେ ୨ ଡମ୍ପର ଅପରେଟର ଅମର ଗୋଛାୟତ ଓ ସୁଶାନ୍ତ ପ୍ରଧାନ ଗିରଫ ହୋଇଛନ୍ତି। ସୂଚନାରୁ ଜଣାପଡିଛି, ଦୁଇ ଅପରେଟର କାର୍ଯ୍ୟ କରୁଥିବା ସମୟରେ ଡିଜେଲ ମାଫିଆମାନଙ୍କୁ ଡାକି ନିଜେ ଚଳାଉଥିବା ଡମ୍ପରରୁ ଡିଜେଲ ବାହାର କରୁଥିବା ସମୟରେ ଖଣିର ପ୍ରକଳ୍ପ ଅଧିକାରୀ ସେମାନଙ୍କୁ ଧରି ଗୋପାଳପ୍ରସାଦ ଫାଣ୍ଡି ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ସେମାନଙ୍କ ନିକଟରୁ ୫୦ ଲିଟର ଡିଜେଲ ଜବତ ହୋଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

### ୩ ଶହ ପରିବାରକୁ ଖାଦ୍ୟ ପୁଡ଼ିଆ

**ତାଳଚେର,,୧୦।୧୦(ନି.ପ୍ର.)**

ତାଳଚେର ଡିଏଭି ଜଗନ୍ନାଥ କ୍ଷେତ୍ର ଆନୁକୂଲ୍ୟରେ ଘଣ୍ଟପଡା ପଞ୍ଚାୟତ ଚଟିଆ ହାଟିଂ ବସ୍ତିରେ ଏକ ଗୋଷ୍ଠୀ ସଚେତନତା, ପରିବେଶ ପରିଚ୍ଛନ୍ନତା ତଥା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ବସ୍ତିର ଛୋଟ ପିଲାମାନଙ୍କ ପାଇଁ ସାକ୍ଷରତା, ସ୍ୱାସ୍ଥ୍ୟରକ୍ଷା, ସ୍ୱଚ୍ଛତା ଅଭିଯାନ ଆଦିର ଆୟୋଜନ କରାଯାଇଥିଲା। ଖାଇବା ପୂର୍ବରୁ ପିଲାମାନଙ୍କୁ ହାତ ଧୋଇବାର କୌଶଳ ଶିଖା ଯିବା ସହ ସାମୂହିକ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ଏଥିସହ ୩ଶହ ପରିବାରକୁ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଥିଲା।

### ବିଦ୍ୟୁତ୍ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**କଣିହାଁ,୧୦।୧୦(ଡି.ଏନ.ଏ.)**

ହାତୀ ସୁରକ୍ଷା ଓ ଜନଜୀବନକୁ ବିପଦମୁକ୍ତ କରିବା ପାଇଁ କଣିହାଁ ବ୍ଲକର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ଦେଇ ଯାଇଥିବା ବିଦ୍ୟୁତ୍ ଭିତ୍ତିଭୂମିର ନବୀକରଣ କାର୍ଯ୍ୟ ଚାଲିଛି। ତେବେ ଏହା ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।



ପୋତାଯାଉଥିବା ଖୁଣ୍ଟ ତଳେ ଆର୍ଥିଙ୍ଗ ବ୍ୟବସ୍ଥା ହେଉ ନ ଥିବା ସହ ମଜଭୁତ କରିବାକୁ ଭଲଭାବେ କଂକ୍ରିଟ୍ ଦିଆଯାଉ ନାହିଁ। ଫଳରେ ଝଡ଼ବର୍ଷା ସମୟରେ ଏହା ଉପୁଡ଼ି କ୍ଷୟକ୍ଷତି ଘଟାଇବା ଆଶଙ୍କା କରାଯାଉଛି। ଏ ନେଇ ବନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଠିକା ସଂସ୍ଥା ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ସଂକ୍ଷେପରେ

### କଲ୍ୟାଣ ଜୁଏଲର୍ସର ପାର୍ବଣ ଅଫର

**ଭୁବନେଶ୍ୱର,୧୦।୧୦:** କଲ୍ୟାଣ ଜୁଏଲର୍ସ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକଙ୍କୁ ଆକର୍ଷଣୀୟ ସୁବିଧା ସାଙ୍ଗକୁ ଅଳଙ୍କାର କ୍ରୟ ଉପରେ କ୍ୟାଶ୍‌ବ୍ୟାକ୍‌ର ସୁବିଧା ପ୍ରଦାନ କରାଯାଉଛି। ଏହି ଉତ୍ସବ ଅଫରରେ ଗ୍ରାହକମାନେ ସେମାନଙ୍କ ଅଳଙ୍କାର କିଣାରେ ୨୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସହ ନିଜର କିଣା ମୂଲ୍ୟରେ ସର୍ବାଧିକ ଲାଭ ପାଇପାରିବେ ବୋଲି କଲ୍ୟାଣ ପକ୍ଷରୁ କୁହାଯାଇଛି। ସେହିଭଳି ସୁନା ଗହଣାର ଗଢ଼ାମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ସୁବିଧା ଥିବାବେଳେ ହୀରା ଅଳଙ୍କାରଗୁଡ଼ିକରେ ମଧ ୨୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଦିଆଯାଉଛି। ତା' ସହିତ ମୂଲ୍ୟବାନ ଷ୍ଟୋନ ଅଳଙ୍କାର ଓ ଅନକଟ୍ ହୀରା ଅଳଙ୍କାର ଉପରେ ୨୦% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସହ ତୁରନ୍ତ ରିଡିମ୍ ହୋଇପାରୁଥିବା ଭାଉଚର୍ ଜରିଆରେ କ୍ୟାଶବ୍ୟାକ୍ ଫାଇଦା ଗ୍ରାହକ ପାଇପାରିବେ। ଏହି ଅଫର ଚଳିତବର୍ଷ ୩୦ ନଭେମ୍ବର ପର୍ଯ୍ୟନ୍ତ କଲ୍ୟାଣର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି।

### ଭାରତରେ ହେବ ଟେସ୍‌ଲା ଇ-କାର ପ୍ଲାଣ୍ଟ

**ଭୁବନେଶ୍ୱର,୧୦।୧୦:** ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଇ-ଯାନ ପ୍ରଚଳନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ନିକଟରେ ଏକ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ, ଟେସ୍‌ଲାର ଇଲେକ୍ଟ୍ରିକ୍ କାରର ଉତ୍ପାଦନ (ପ୍ଲାଣ୍ଟ) ଖୁବ୍‌ଶୀଘ୍ର ଭାରତରେ ହେବାର ଆଶା ରହିଛି। ଏଲନ ମସ୍କଙ୍କ କମ୍ପାନୀ ଟେସ୍‌ଲା ଭାରତରେ ତା'ର ଇଲେକ୍ଟ୍ରିକ୍ କାର ମଧ ଲଞ୍ଚ କରିବାର ଯୋଜନା ରହିଛି ବୋଲି ଗଡ୍‌କରୀ ସୂଚନା ଦେଇଛନ୍ତି।

# ଇଭି ଚାର୍ଜିଂ, ସିଏନ୍‌ଜିକୁ ଫୋକସ

**ମୁମ୍ବାଇ,୧୦।୧୦**



- ପେଟ୍ରୋଲ, ଡିଜେଲ ବିକ୍ରି ପୂର୍ବରୁ ମଧ ସେବା ଦେଇହେବ
- ସ୍ପଷ୍ଟ କଲା ପେଟ୍ରୋଲିୟମ ମନ୍ତ୍ରଣାଳୟ

ସରକାର ବର୍ତ୍ତମାନ ପେଟ୍ରୋଲ, ଡିଜେଲ ବ୍ୟବହାରକୁ କମ୍ କରାଇବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିଲାଗି ପେଟ୍ରୋଲ ପମ୍ପ ଲାଇସେନ୍ସ କ୍ଷେତ୍ରରେ ରହିଥିବା ନିୟମକୁ କୋହଳ କରାଯାଇଛି। ପେଟ୍ରୋଲ ପମ୍ପରେ ପେଟ୍ରୋଲ ବିକ୍ରି ହେବା ଆଗରୁ ମଧ ଇଲେକ୍ଟ୍ରିକ ଭେଇକିଲ(ଇଭି) ଚାର୍ଜିଂ ଏବଂ ସିଏନ୍‌ଜି ଷ୍ଟେଶନ ସ୍ଥାପନ କରିହେବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ନଭେମ୍ବରରେ ଜାରି କରାଯାଇଥିବା ଏକ ବିଜ୍ଞପ୍ତିର ମନ୍ତ୍ରଣାଳୟ ବର୍ତ୍ତମାନ ସ୍ପଷ୍ଟୀକରଣ ପ୍ରଦାନ କରିଛି। ପେଟ୍ରୋଲ ଏବଂ ଡିଜେଲ ରିଟେଲିଂ ସହ ସଂସ୍ଥାଗୁଡିକ ସିଏନ୍‌ଜି,ଏଲ୍‌ଏନ୍‌ଜି ଏବଂ ଇ-ଯାନ ଚାର୍ଜି ପଏଣ୍ଟ ଭଳି ଗୋଟିଏ ନୂତନ ପିଢୀର ବିକଳ୍ପ ଇନ୍ଧନ ସୁବିଧା ପ୍ରଦାନ କରିବାକୁ ପୂର୍ବରୁ କୁହାଯାଇଥିଲା। ମାତ୍ର ଏହି ସୁବିଧା ସ୍ଥାପନର କୌଣସି ନିର୍ଦ୍ଦେଶ ରହି ନ ଥିଲା।

ବର୍ତ୍ତମାନ ମନ୍ତ୍ରଣାଳୟ କହିଛି ଯେ, ପେଟ୍ରୋଲ ଏବଂ ଡିଜେଲ ଆଉଟଲେଟ ସହ ଇଭି ଚାର୍ଜିଂ, ସିଏନ୍‌ଜି, ବାୟୋ ଫୁଏଲ, ଏଲ୍‌ଏନଜି ଭଳି ନୂଆ ବିକଳ୍ପ ଇନ୍ଧନ ମଧ୍ୟରୁ ଅନ୍ତତଃ ପକ୍ଷେ ଗୋଟିଏ ସୁବିଧା ପ୍ରଦାନ ଲାଗି ବ୍ୟବସ୍ଥା ସ୍ଥାପନ କରିବାକୁ ହେବ। ପେଟ୍ରୋଲ ଏବଂ ଡିଜେଲ ବିକ୍ରି କରିବା ଆଗରୁ ସଂସ୍ଥାଗୁଡିକ ବିକଳ୍ପ ଇନ୍ଧନ ଯୋଗାଣ ନେଇ ବ୍ୟବସ୍ଥା କରିବାରେ ଏଣିକି କୌଣସି ପ୍ରତିବନ୍ଧକ ରହିବନି।

ନୂଆ ନିୟମ ମୁତାବକ ସଂସ୍ଥାଗୁଡିକର ନେଟ୍ ସମ୍ପତ୍ତି ୨୫୦ କୋଟି ଟଙ୍କା ହୋଇଥିଲେ ପେଟ୍ରୋଲ ଏବଂ ଡିଜେଲ ରିଟେଲିଂ କରିପାରିବେ। ୨୦୧୯ ନୀତି ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ,ଆଇଏମ୍‌ସି ଲିମିଟେଡ, ଅନସାଇଟ ଏନର୍ଜ ପ୍ରାଇଭେଟ ଲିମିଟେଡ, ଆସାମ ଗ୍ୟାସ କମ୍ପାନୀ, ଏମ୍.କେ. ଆଗ୍ରୋଟେକ, ଆର୍‌ବିଏମ୍‌ଏଲ୍ ସଲ୍ୟୁଶନ୍ସ ଏବଂ ମାନସ ଆଗ୍ରୋ ଇଣ୍ଡଷ୍ଟ୍ରିଜ ଭଳି କମ୍ପାନୀଗୁଡିକୁ ପେଟ୍ରୋଲ ଡିଜେଲ ରିଟେଲିଂ ଲାଗି ଅନୁମତି ପ୍ରଦାନ କରାଯାଇଛି।

## ରୁଚିର ସର୍ବବୃହତ୍ ଆଉଟଲେଟ



**କଟକ ଅଫିସ,୧୦।୧୦**

ସ୍ଥାନୀୟ ମହାନୀ ବିହାର ଜଷ୍ଟିସ ଛକ ନିକଟରେ ରୁଚି ଫୁଡ୍‌ଲାଇନ ଦ୍ୱାରା ପରିଚାଳିତ ରୁଚି ଫ୍ରୋଜିଟ୍‌ର ସର୍ବବୃହତ୍ ଷ୍ଟୋର ଶୁଭାରମ୍ଭ ହୋଇଛି। ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ଅଭିନେତା ଶୁଭାଶିଷ ଶର୍ମା ଏହାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗିତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ ଏବଂ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ରୁଚିର ନିର୍ଦ୍ଦେଶିକା ତଥା ଫ୍ରୋଜିଟର ମୁଖ୍ୟ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଫୁଡ୍ ଆଉଟଲେଟ ପ୍ରକଳ୍ପ ଆମ ସମସ୍ତଙ୍କର ଏକ ସ୍ୱପ୍ନ ଥିଲା; ଯାହା ବର୍ତ୍ତମାନ ବାସ୍ତବତାର ରୂପ ନେଇଛି ବୋଲି ରଶ୍ମି ସାହୁ କହିଛନ୍ତି। ଏହା କଟକବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ବୋଲି ଡ. ସାହୁ କହିଥିଲେ। ଏହି ଆଉଟଲେଟରେ ଭେଜ ଏବଂ ନନ୍‌ଭେଜ ବିରିଆନି, ଲଚ୍ଛା ପରଟା, ଚିକେନ ଲଲିପପ୍, ଘିଅଭାତ ମଟନ, ଖିରି, ପୋଡ଼ପିଠା, ପିଜା, ବର୍ଗର, ସାଣ୍ଡୱିଚ୍, ଜୁସ୍, କେକ, ସ୍ପ୍ରିଙ୍ଗରୋଲ, ପାସ୍ତା, ପାଉରୁଟି ଏବଂ ଅର୍ଗାନିକ ସାମଗ୍ରୀ ଉପଲବ୍ଧ ହେବ। ଏଠାରେ ଗ୍ରାହକ ଖାଦ୍ୟ ଖାଇବା ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ କିଣିପାରିବେ। ଉଦ୍‌ଘାଟନୀ ଅବସରରେ ୨୫% ରିହାତି ଉପଲବ୍ଧ ହେବ। ପର୍ବପର୍ବାଣି ସମୟରେ ଅଫର ଏବଂ ପୁରସ୍କାର ପ୍ରଦାନ କରାଯିବ। ବର୍ତ୍ତମାନ ଫ୍ରୋଜିଟର ଅନ୍ୟ ୮ଟି ଆଉଟଲେଟରୁ ଲୋକମାନେ ଖାଦ୍ୟ ସାମଗ୍ରୀ କିଣିପାରିବେ।

## ଆର୍‌ଇସି ସୋଲାର ହୋଲ୍ଡିଂକୁ ଅଧିଗ୍ରହଣ କଲା ରିଲାଏନ୍ସ

**ମୁମ୍ବାଇ,୧୦।୧୦**

ବିଶ୍ୱର ପ୍ରମୁଖ ସୋଲାର ସେଲ୍ ପ୍ୟାନେଲ ଓ ପଲିସିଲିକନ୍ ନିର୍ମାଣକାରୀ କମ୍ପାନୀ ଆର୍‌ଇସି ସୋଲାର ହୋଲ୍ଡିଂକୁ ରିଲାଏନ୍ସ ନିୟୁ ଏନର୍ଜ ସୋଲାର ଲିମିଟେଡ ଅଧିଗ୍ରହଣ କରିଛି। ଆର୍‌ଇସି ଗ୍ରୁପର ୧୦୦% ଅଂଶଧନକୁ ଚାଇନା ନ୍ୟାଶନାଲ ବ୍ଲୁ ଷ୍ଟାର କୋ ଲିମିଟେଡଠାରୁ ୭୭୧ ନିୟୁତ ଡଲାର (୫,୭୯୨ କୋଟି) ସଂସ୍ଥାଗତ ମୂଲ୍ୟରେ ଅଧିଗ୍ରହଣ କରିଛି। ଆର୍‌ଇସିର ମୁଖ୍ୟ କାର୍ଯ୍ୟାଳୟ ନରୱେରେ ଥିବା ବେଳେ ଏହାର ପରିଚାଳନା ମୁଖ୍ୟ କାର୍ଯ୍ୟାଳୟ ସିଙ୍ଗାପୁରରେ ରହିଛି। ଆର୍‌ଇସି ଅଧିଗ୍ରହଣକୁ ନେଇ ବହୁତ ଖୁସି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି। ସୌର ଶକ୍ତି କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ହାସଲ ଦିଗରେ ଏହା ବିଶେଷ ଭାବେ ଯୋଗଦାନ ରଖିବ। ସେହିଭଳି ରିଲାଏନ୍ସ ଷ୍ଟର୍ଲିଂ ଆଣ୍ଡ ୱିଲସନ ସୋଲାରର ୪୦% ଅଂଶଧନ ହାସଲ କରିଥିବା ସୂଚନା ମିଳିଛି।

## ଟିଭିଏସ୍ ଜୁପିଟର ୧୨୫ ଉନ୍ମୋଚିତ



**ଭୁବନେଶ୍ୱର,୧୦।୧୦**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ନୂଆ ଟିଭିଏସ୍ ଜୁପିଟର ୧୨୫ ବଜାରକୁ ଆସିଛି। ଏଥିରେ ଗ୍ରାହକ ଅଧିକ ସୁବିଧା ସୁଯୋଗ ଲାଭ କରିପାରିବେ। ମଡେଲଟିରେ ଅଧିକ ସ୍ଥାନ ରହିଥିବା ବେଳେ ଶିଳ୍ପରେ ପ୍ରଥମ ଭାବେ ସିଟ୍ ତଳେ ଅଧିକ ଷ୍ଟୋରେଜ ସ୍ଥାନ, ଲମ୍ବା ସିଟ୍, ପ୍ରଗତିଶୀଳ ନିଓ ଷ୍ଟାଇଲ, ଅତୁଳନୀୟ ମାଇଲେଜ ସୁବିଧା ଗ୍ରାହକ ପାଇପାରିବେ। ସେହିଭଳି ୧୨୫ ସିସି ଇଞ୍ଜିନ ଉତ୍ତମ ମାଇଲେଜ ଏବଂ ଉଚ୍ଚ ପ୍ରଦର୍ଶନ କରିପାରିବ। ଏଥିରେ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ୍ ମେଟାଲ୍ ମ୍ୟାକ୍ସ ବଡି, ତେଲ ଭର୍ତ୍ତି କରିବା ଲାଗି ବାହାରେ ସ୍ଥାନ, ସାମ୍ନାରେ ମୋବାଇଲ ଚାର୍ଜ କରିବା ସୁବିଧା, ସେମି-ଡିଜିଟାଲ ସ୍ପିଡୋମିଟର, ସାଇଡ୍ ଷ୍ଟାଣ୍ଡ ଇଣ୍ଡିକେଟର ଓ ଇଞ୍ଜିନ ଇନ୍‌ହିବିଟର୍ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଯାନଟିର ଏକ୍ସ ଶୋ'ରୁମ୍ ବଜାର ଦର ୭୩,୪୦୦ ଟଙ୍କା ହୋଇଥିବା ବେଳେ ଏହା ଡନ୍ ଅରେଞ୍ଜ, ଇଣ୍ଡିଗୋ, ପ୍ରିଷ୍ଟିନ୍ ହ୍ୱାଇଟ୍, ଟାଇଟାନିୟମ୍ ଗ୍ରେ ରଙ୍ଗ ଏବଂ ଡ୍ରମ୍, ଡ୍ରମ୍ ଆଲଏ ଏବଂ ଡିସ୍କ ଭାରିଏଣ୍ଟରେ ଉପଲବ୍ଧ ହେବ।

## ଦୁବାଇ ୱାର୍ଲ୍ଡ ଏକ୍ସପୋରେ ମାଲାବାର



**ନୂଆଦିଲ୍ଲୀ,୧୦।୧୦**

ଦୁବାଇରେ ଅନୁଷ୍ଠିତ ୱାର୍ଲ୍ଡ ଏକ୍ସପୋରେ ପ୍ରମୁଖ ଜୁଏଲେରି ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଅଂଶ ଗ୍ରହଣ କରିଛି। କମ୍ପାନୀ ଏଠାରେ ଭାରତର କଳା ଏବଂ ଭାସ୍କର୍ଯ୍ୟ ଏବଂ କାରିଗରିକୁ ପ୍ରଦର୍ଶନ କରାଇଛି। ଭାରତୀୟ ଜୁଏଲେରିରେ ରହିଥିବା କଳାନୈପୁଣ୍ୟକୁ ପ୍ରଦର୍ଶନ କରିବା ଦିଗରେ ଏଭଳି ଏକ ପଦକ୍ଷେପ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ପାଭିଲିୟନକୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଶୁଭାରମ୍ଭ କରିଥିଲେ। ସେ ଷ୍ଟଲ ପରିଦର୍ଶନ କରିବା ସହ ଭାରତୀୟ ଜୁଏଲେରିକୁ ସାରା ବିଶ୍ୱ ବଜାରକୁ ନେବାରେ ମାଲାବାରର ରହିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। କମ୍ପାନୀର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କମ୍ପାନୀର ମେକ୍ ଇନ ଇଣ୍ଡିଆ, ମାର୍କେଟ ଟୁ ଦ ୱାର୍ଲ୍ଡ ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରିଥିଲେ।

## ଫୁରସତ୍

# ଝିଅଙ୍କ ଅଧିକାର, ଅଗ୍ରଗତି ଗୁରୁତ୍ୱପୂର୍ଣ୍ଣ

### ଅନ୍ତର୍ଜାତୀୟ ବାଳିକା ଦିବସ



ଏବେ ସବୁ କ୍ଷେତ୍ରରେ ବାଳିକାମାନେ ଆଗୁଆ। ଜୀବନର ସମସ୍ତ ଆହ୍ୱାନକୁ ସେମାନେ ସହଜରେ ଗ୍ରହଣ କରିବାକୁ ସକ୍ଷମ। ଭବିଷ୍ୟତରେ ବଡ଼ ହୋଇ ପରିବାର ସମ୍ଭାଳିବାଠାରୁ ଆରମ୍ଭ କରି ଦେଶର ନେତୃତ୍ୱ, ଦେଶରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପ୍ରତିପାଦନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ବେଶ୍ ସଜାଗ। ଆଜିର ବାଳିକା କାଲିର ମହିଳା ହୋଇ ନିଜର ଦାୟିତ୍ୱବୋଧ ଠିକ୍ ଭାବେ ତୁଲାଇବାକୁ ପ୍ରତିଶ୍ରୁତିବଦ୍ଧ। ତେବେ ପୃଥିବୀର କେତେକ ଦେଶରେ ଏବେ ମଧ ଲିଙ୍ଗଗତ ସମାନତା ଆସିନି। ତେଣୁ ବାଳିକାଙ୍କ ବିକାଶ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ କରାଯାଉଛି। ଲିଙ୍ଗଗତ ସମାନତା ଆଣିବା ପାଇଁ ମିଳିତ ଜାତିସଂଘ ଦ୍ୱାରା ରଣନୀତି ପ୍ରସ୍ତୁତ କରାଯାଇଥିଲା। ବାଳିକାମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଠିକ୍ ଢାଞ୍ଚା ପ୍ରସ୍ତୁତି ଉପରେ ଏକ ବ୍ଲୁ ପ୍ରିଣ୍ଟ ପ୍ରଥମେ ୧୯୯୫ରେ ଚାଇନା ବେଜିଂର ମହିଳା ସମ୍ମିଳନୀରେ ଆରମ୍ଭ ହୋଇଥିଲା। ଜାତିସଂଘ ପକ୍ଷରୁ ସ୍ଥିରୀକୃତ ହୋଇଥିବା ପ୍ଲାଟଫର୍ମ ଫର ଆକ୍ସନ ଘୋଷଣାନାମାକୁ ଉପସ୍ଥିତ ସମସ୍ତ ସଦସ୍ୟ ଦେଶ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ। ଏହା କେବଳ ମହିଳା ନୁହେଁ ବାଳିକାମାନଙ୍କର ଅଧିକାରକୁ ଅଗ୍ରଗତି କରିବା ପାଇଁ ସବୁଠୁ ପ୍ରଗତିଶୀଳ ବ୍ଲୁ ପ୍ରିଣ୍ଟ ଭାବରେ ପରିଗଣିତ ହୋଇଥିଲା। ଏହାପରେ, ୨୦୧୧ ଡିସେମ୍ବର ୧୮ରେ, ଜାତିସଂଘର ସାଧାରଣ ସଭାରେ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବରେ ଘୋଷଣା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଅବସରରେ ବାଳିକାଙ୍କର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ଉପରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଇଥାଏ।

# ମୃତ୍ୟୁର ୨୧ ମାସ ପରେ ନିର୍ଦ୍ଦୋଷ

**ରାୟପୁର:** ମୃତ୍ୟୁର ୨୧ ମାସ ପରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ବୋଲି କହିଛନ୍ତି। ୧୮ ବର୍ଷ ଧରି ଏହି ମାମଲାର ଶୁଣାଣି ଜାରି ରହିଥିଲା। ଦୁର୍ନୀତି ଅଭିଯୋଗରୁ ମୁକ୍ତି ପାଇବା ପାଇଁ ଅଭିଯୁକ୍ତ ସାରା ଜୀବନ ଲଢ଼ିଥିଲେ ହେଁ ତାଙ୍କୁ ନ୍ୟାୟ ମିଳି ନ ଥିଲା। ସଂଗ୍ରାମ ଜାରି ରଖି ଶେଷରେ ସେ ଦୁନିଆ ଛାଡିଥିଲେ। ତାଙ୍କ ମୃତ୍ୟୁର ୨୧ ମାସ ପରେ ସେ ନିର୍ଦ୍ଦୋଷ ବୋଲି କୋର୍ଟ ରାୟ ଦେଇଛନ୍ତି ଛତିଶଗଡ କୋର୍ଟ। ୧୯୯୯ରୁ ମାମଲାର ବିଚାର ଚାଲିଥିଲା। ଛତିଶଗଡ ଦୁର୍ଗ ଜିଲାର ଶିବ ପ୍ରସାଦ ଫରେଷ୍ଟ ବିଟ୍ ଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। କାଠ ଚୋରି ହେବାର ସୂଚନା ପାଇ ସେ ଘଟଣାସ୍ଥଳରେ ପହଞ୍ଚି କାଠ ଜବତ କରିଥିଲେ। ପରେ କାଠ ଚୋରି ମାମଲାର ଅଭିଯୁକ୍ତ ତାଙ୍କ ବିରୋଧରେ ୧୦୦୦ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ଆଣିଥିଲେ। ଏକ ସ୍ୱତନ୍ତ୍ର ଅଦାଲତରେ ଏହି ମାମଲାର ଶୁଣାଣି କରାଯାଇଥିଲା ଏବଂ ଶିବ ପ୍ରସାଦ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଦଣ୍ଡିତ ହୋଇଥିଲେ। ସ୍ୱତନ୍ତ୍ର କୋର୍ଟର ଏହି ନିଷ୍ପତ୍ତି ବିରୋଧରେ ଶିବ ପ୍ରସାଦ ୨୦୦୩ ରେ ହାଇକୋର୍ଟରେ ଆବେଦନ କରିଥିଲେ। ସେଠାରେ ମାମଲାର ଶୁଣାଣି ଜାରି ରହିଥିଲା। ଏହି ସମୟରେ ଶିବ ପ୍ରସାଦ ଏବଂ ତାଙ୍କ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଡିସେମ୍ବର ୨୦୧୯ରେ ଶିବ ପ୍ରସାଦଙ୍କ ମୃତ୍ୟୁ ଘଟିଥିଲା। ଏବେ କୋର୍ଟ ଶିବ ପ୍ରସାଦଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରଛନ୍ତି। ଶିବ ପ୍ରସାଦଙ୍କୁ ନ୍ୟାୟ ମିଳିଛି କିନ୍ତୁ ସେ ଏହାକୁ ଦେଖିବା ପାଇଁ ଜୀବିତ ନାହାନ୍ତି।




## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



ଵ ଅଚ୍ୟୁତାନନ୍ଦ ସାହୁ
ଆବିର୍ଭାବ : ୧୯୪୦
ତିରୋଧାନ : ୨୨.୦୯.୨୦୨୦
ଜନ୍ମସ୍ଥାନ : ଗାଡ଼କଣ
ବାସସ୍ଥାନ : ଇଞ୍ଜଣା, ଭୁବନେଶ୍ୱର
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ
ସାହୁ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୭୧୭୨୧

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୌତମ ପ୍ରସାଦ ପଣ୍ଡା
ଆବିର୍ଭାବ: ୨୦।୦୭।୧୯୭୫
ତିରୋଧାନ: ୧୩।୧୦।୧୯୯୧
(ଆଶ୍ୱିନ ଶୁକ୍ଳ ଷଷ୍ଠୀ ତିଥି)
ଆଜି ୩୦ତମ ଶ୍ରାଦ୍ଧବାର୍ଷିକ ଅବସରରେ ତୋର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ପିତା: ଶ୍ରୀ ନାରାୟଣ ଚନ୍ଦ୍ର ପଣ୍ଡା, ମାତା: ଶ୍ରୀମତୀ ଲଳିତା ପଣ୍ଡା, ନନା: ସିଦ୍ଧାର୍ଥ କୁମାର ପଣ୍ଡା, ଭାଉଜ: ଶାନ୍ତିଲତା ପତି, ଭାଇ: ମିଟୁ, ଲୁଲୁ, ବାବୁଲି ଓ ଟୁଲୁ, ଭାଇବୋହୂ: ସିଲା, ଟିନା, ଟୋପା, ସିଲୁ, ଭଉଣୀ: ଲିଲି ଓ ମାମି, ଭିଣୋଇ: ଜୟଦୀପ ମିଶ୍ର ଓ ଲକ୍ଷ୍ମୀନାରାୟଣ ମିଶ୍ର ଓ ବନ୍ଧୁବର୍ଗ।
ଧ-୨୧୯୩୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଵରଞ୍ଜନ କୁମାର ସାଇଁ (କୁନା)
ଅଟଳା, ବାଲିଅନ୍ତା
ଆବିର୍ଭାବ - ୨୩.୦୩.୧୯୬୨
ତିରୋଧାନ - ୨୨.୦୯.୨୦୨୦
ଆଖିରୁ ଦୂରେଇ ଗଲେ ମନରେ ରହିଯାଏ। ବର୍ଷେ ହେଲା ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ଆପଣ ଶାନ୍ତିରେ ଥାଆନ୍ତୁ।
ଶୋକସନ୍ତପ୍ତ : ପିତା-ଜଗନ୍ନାଥ ଖୁଣ୍ଟିଆ, ବୋଉ, ସାନଭାଇ, ପତ୍ନୀ, ପୁଅ, ଝିଅ-ଜ୍ୱାଇଁ, ଭଉଣୀ-ଭିଣେଇ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଗ୍ରାମ କଳକାର ବୃନ୍ଦ, ବନ୍ଧୁ ଓ ପରିବାର ବର୍ଗ।
ଧ-୭୧୧୮୨


## ପ୍ରଯୋଜକଙ୍କ ପ୍ରେମରେ ରାକୁଲ



**ହାଇଦ୍ରାବାଦ:** ପ୍ରେମରେ ପଡ଼ିଛନ୍ତି ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରକୁଲ ପ୍ରୀତ। ୩୧ତମ ଜନ୍ମଦିନ ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଦିନଟିକୁ ଖାସ୍ କରିବାକୁ ଯାଇ ରକୁଲ ନିଜ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ପ୍ରଯୋଜକ ଜ୍ୟାକି ଭଗନାନୀଙ୍କ ସହ ଫଟୋ ଶେୟାର କରିଛନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ସ୍ପଷ୍ଟ କରିଛନ୍ତି। ରକୁଲ କହିଛନ୍ତି, 'ଥ୍ୟାଙ୍କ ୟୁ ମାଇ ହାର୍ଟ। ତୁମେ ଏହି ବର୍ଷ ମୋ ପାଇଁ ସବୁଠାରୁ ବଡ଼ ଉପହାର। ଜୀବନରେ ରଙ୍ଗ ଭରିବା ପାଇଁ ଧନ୍ୟବାଦ। ସବୁବେଳେ ହସାଇବା ପାଇଁ ଧନ୍ୟବାଦ। ଆମକୁ ଅନେକ ସ୍ମୃତି ଗଢ଼ିବା ବାକି ଅଛି ଜ୍ୟାକି' ବୋଲି ସେ ଲେଖିଛନ୍ତି। ଜ୍ୟାକି ମଧ ସମାନ ଫଟୋ ଶେୟାର କରି 'ତୁମ ବିନା ଦିନ, ଦିନ ଭଳି ଲାଗେନା, ତୁମ ବିନା ସ୍ୱାଦିଷ୍ଟ ଖାଦ୍ୟର ସ୍ୱାଦ ନ ଥାଏ। ସବୁଠାରୁ ସୁନ୍ଦର ଯୁବତୀକୁ ଜନ୍ମଦିନର ଶୁଭେଚ୍ଛା ପଠାଉଛି, ଯିଏ ମୋ ଦୁନିଆ' ବୋଲି ଲେଖିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ନବରାତ୍ରୀ ଧମାକା**
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ।
ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚେନ୍ନାଇ ସୁପରକିଙ୍ଗ୍ସ ଫାଇନାଲରେ

**ଦୁବାଇ, ୧୦।୧୦**

ତିନିଥର ଚାମ୍ପିୟନ ଓ ପାଞ୍ଚଥର ରନର୍ସଅପ୍ ଚେନ୍ନାଇ ସୁପରକିଙ୍ଗ୍ସ ଏଥର ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ଚେନ୍ନାଇ ୪ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୧୭୨ ରନ କରିଥିବାବେଳେ ଚେନ୍ନାଇ ୧୯.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପରାଜିତ ହୋଇଥିଲେ ହେଁ ଦିଲ୍ଲୀର ଅଭିଯାନ ଶେଷ ହୋଇନାହିଁ। ଏହି ଦଳ ଏଲିମିନେଟରର ବିଜେତା ଦଳକୁ କ୍ୱାଲିଫାୟର-୨ରେ ଭେଟିବ।

୧୭୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଚେନ୍ନାଇ ମାତ୍ର ୩ ରନରେ ଓପନର ଫାଫ୍ ଡୁ'ପ୍ଲେସିଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ମାତ୍ର ଋତୁରାଜ ଗାଏକ୍ୱାଡ ଓ ରବିନ ଉଥପ୍ପା ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଦୁହେଁ ୭୭ ବଲ୍‌ରୁ ୧୧୦ ରନ ଯୋଗ କରିବାପରେ ଲଙ୍ଗ୍‌ଅନ୍‌ରେ ଶ୍ରେୟାସ ଆୟାର ଏକ ଚିତ୍ତାକର୍ଷକ କ୍ୟାଚ ନେଇ ଉଥପ୍ପାଙ୍କ ଇନିଂସର ଅବସାନ ଘଟାଇଥିଲେ। ୪୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଉଥପ୍ପା ୭ ଚୌକା ଓ ୨ ଛକା ସହାୟତାରେ ୬୩ ରନ ସଂଗ୍ରହ କରିଥିଲେ। ଶାର୍ଦ୍ଦୁଳ ଠାକୁର ବ୍ୟାଟିଂ କ୍ରମରେ ଉପରେ ଆସିଥିଲେ ହେଁ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ଟମ୍ କୁରାନ ଗୋଟିଏ ଓଭରରେ ଏହି ୨ଟି ଯାକ ଉଇକେଟ ନେଇଥିଲେ। ଅମ୍ବାତି ରାୟୁଡୁ ୧ ରନ କରି ରନଆଉଟ ହେବାରୁ ଚେନ୍ନାଇ ଉପରେ ଚାପ ବଢ଼ିଥିଲା। ୧୨ ବଲ୍‌ରୁ ୨୪ ରନ ଆବଶ୍ୟକ ଥିବାବେଳେ ୧୮ତମ ଓଭରରେ ଆଭେଶ ଖାଁଙ୍କ ପ୍ରଥମ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଋତୁରାଜ ଡିପ୍ ମିଡ୍ ଉଇକେଟରେ ଅକ୍ଷର ପଟେଲଙ୍କ ହାତରେ ଧରା ପଡ଼ିଥିଲେ। ୫୦ଟି ବଲ୍ ଖେଳିଥିବା ଏହି ଯୁବ ଓପନର ୫ ଚୌକା ଓ ୨ ଛକା ସହାୟତାରେ ୭୦ ରନ ସ୍କୋର କରିଥିଲେ। ଫିନିଶର ଭୂମିକା ପାଇଁ ବିଶେଷ ପରିଚିତ ଅଧିନାୟକ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୬ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୧୮ ରନରେ ଅପରାଜିତ ରହି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ଦିଲ୍ଲୀ ପକ୍ଷରୁ ଟମ୍ କୁରାନ ୩ଟି ଏବଂ ଏନରିଚ୍ ନର୍ଜେ ଓ ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ପକ୍ଷରୁ ପୃଥ୍ୱୀ ଶ' ବିସ୍ଫୋରକ ଆରମ୍ଭ କରିଥିଲେ ହେଁ ଅପର ପଟେ ଶୀଘ୍ର ଉଇକେଟ ପତନ ଯୋଗୁ ଦଳର ବଡ଼ ସ୍କୋର ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଭେଟେରାନ ଓପନର ଶିଖର ଧାୱନ ୭ ବଲ୍‌ରୁ ମାତ୍ର ୭ ରନ କରିଥିବାବେଳେ ଜୋଶ୍ ହାଜେଲଉଡ୍‌ଙ୍କ ବଲ୍‌ରେ ଉଇକେଟ କିପର ଧୋନୀଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ନିର୍ଭରଯୋଗ୍ୟ ଶ୍ରେୟାସ ଆୟାର ମାତ୍ର ୧ ରନ କରି ହାଜେଲଉଡ୍‌ଙ୍କ ଦ୍ୱିତୀୟ ଶିକାର ବନିଥିବାବେଳେ ବ୍ୟାଟିଂ କ୍ରମରେ ଉପରେ ଆସିଥିବା ଅକ୍ଷର ପଟେଲ ମାତ୍ର ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। କ୍ରମାଗତ ଉଇକେଟ ପତନର ପ୍ରଭାବ କିନ୍ତୁ ପୃଥ୍ୱୀଙ୍କ ଉପରେ ପଡ଼ି ନ ଥିଲା। ସେ ଧୂଆଁଧାର ବ୍ୟାଟିଂ ଜାରି ରଖି ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ପୃଥ୍ୱୀ ୩୪ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍‌ଅଫ୍‌ରେ ଫାଫ୍ ଡୁ'ପ୍ଲେସିଙ୍କୁ କ୍ୟାଚ ଦେଇଥିଲେ। ଫଳରେ ୧୦.୨ ଓଭର ବେଳକୁ ଦିଲ୍ଲୀ ସ୍କୋର ୮୦/୪ ହୋଇ ଯାଇଥିଲା। ଅଧିନାୟକ ଋଷଭ ପନ୍ତ ଓ ଶିମରନ ହେଟମେର ଦାୟିତ୍ୱର ସହ ଖେଳି ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ଦିଲ୍ଲୀ ୨୦ ଓଭରରେ ୧୭୨ ରନରେ ପହଞ୍ଚି ପାରିଥିଲା। ହେଟମେର ୨୪ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୩୭ ରନ କରି ଆଉଟ ହୋଇଥିବାବେଳେ ପନ୍ତ ୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହାୟତାରେ ୫୧ ରନରେ ଅପରାଜିତ ରହିଥିଲେ। ୫ମ ଉଇକେଟ ଯୋଡ଼ିରେ ଦୁହେଁ ୫୦ ବଲ୍‌ରୁ ୮୩ ରନ ସଂଗ୍ରହ କରିଥିଲେ। ଚେନ୍ନାଇ ପକ୍ଷରୁ ଜୋଶ୍ ହାଜେଲଉଡ ୨ଟି ଏବଂ ମୋଇନ ଅଲୀ, ରବୀନ୍ଦ୍ର ଜାଡେଜା ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶତକୀୟ ଭାଗୀଦାରି ଅବସରରେ ଋତୁରାଜ ଗାଏକ୍ୱାଡ୍ ଓ ରବିନ ଉଥପ୍ପା।

**ଆଜିର ମ୍ୟାଚ**
(ଏଲିମିନେଟର)
ରୟାଲ ଚ୍ୟାଲେଞ୍ଜର୍ସ
ବନାମ
ନାଇଟ ରାଇଡର୍ସ
ପ୍ରସାରଣ
ସ୍ଥାନ : ଶାରଜା
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୨/୫(ପୃଥ୍ୱୀ ଶ'-୬୦, ଋଷଭ ପନ୍ତ-୫୧, ଶିମରନ ହେଟମେର-୩୭, ଜୋଶ୍ ହାଜେଲଉଡ୍-୨/୨୯, ରବୀନ୍ଦ୍ର ଜାଡେଜା-୧/୨୩, ମୋଇନ ଅଲୀ-୧/୨୭, ଡ୍ୱେନ ବ୍ରାଭୋ-୧/୩୧)। ଚେନ୍ନାଇ ସୁପରକିଙ୍ଗ୍ସ ୧୯.୪ ଓଭରରେ ଓଭରରେ ୧୭୩/୬ (ଋତୁରାଜ ଗାଏକ୍ୱାଡ-୭୦, ରବିନ ଉଥପ୍ପା-୬୩, ଟମ୍ କୁରାନ-୩/୨୯, ଏନରିଚ୍ ନର୍ଜେ-୧/୩୧, ଆଭେଶ ଖାଁ-୧/୪୭)।

# ବୋଟାସ ଜିତିଲେ ତୁର୍କୀଶ ଗ୍ରାଁପ୍ରି

**ଇସ୍ତାନବୁଲ୍, ୧୦।୧୦**




ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ମର୍ସିଡିଜ୍‌ର ଭାଲଟେରି ବୋଟାସ ତୁର୍କୀଶ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଟାଇଟଲ ବିଜୟ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭର୍ଷ୍ଟାପେନ୍ ଟାଇଟଲ ରେସ୍‌ରେ ପୁନର୍ବାର ଶୀର୍ଷ ସ୍ଥାନକୁ ଫେରିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ସର୍ଗିଓ ପେରେଜ (ରେଡ୍‌ବୁଲ୍) ଓ ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ଓ ଚତୁର୍ଥ ହୋଇଥିବା ବେଳେ ବୋଟାସଙ୍କ ଟିମ୍‌ମେଟ୍ ଲୁଇସ୍ ହାମିଲଟନ ୫ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ହାମିଲଟନ ଦ୍ରୁତତମ ବିବେଚିତ ହୋଇଥିଲେ ମଧ୍ୟ ଇଞ୍ଜିନ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କୁ ୧୦ ସ୍ଥାନ ପେନାଲ୍ଟି ହୋଇଥିଲା। ଫଳରେ ରବିବାର ରେସ୍‌ରେ ଗ୍ରୀଡ୍‌ର ୧୧ତମ ସ୍ଥାନରୁ ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ବୋଟାସ ଗ୍ରୀଡ଼-୧ରୁ ରେସ୍ ଆରମ୍ଭ କରିଥିଲେ। ପିଏରେ ଗାସ୍‌ଲି (ଆଲଫା ଟାଉରି), ଲାଣ୍ଡୋ ନୋରିସ (ମ୍ୟାକଲରେନ), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ) ଓ ଏଷ୍ଟିବାନ୍ ଓକନ (ଆଲପାଇନ୍) ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନରେ ରହିଥିଲେ।

# ଓଡ଼ିଶା ଏଚ୍‌ପିସି ସେମିଫାଇନାଲରେ

**ଭୋପାଳ, ୧୦।୧୦**

ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ଜାତୀୟ ସବ୍‌ଜୁନିୟର ପୁରୁଷ ଏକାଡେମୀ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ,

**ଜାତୀୟ ସବ୍‌ଜୁନିୟର ଏକାଡେମୀ ହକି ଚାମ୍ପିୟନଶିପ୍**

ଏଓଜିପିସି ହକି ଏକାଡେମୀ ଓ ମଧ୍ୟପ୍ରଦେଶ ହକି ଏକାଡେମୀ ମଧ୍ୟ ସେମିରେ ପ୍ରବେଶ କରିଛନ୍ତି।

ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଏଚ୍‌ପିସି ୧୦-୦ ଗୋଲରେ ଭାଡିପଙ୍ଗି ରାଜା ହକି ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପ୍ରେମଦୟାଲ ଗିରି ୩ ଓ ୧୬, ୟୁମଖାମ ବିଦ୍ୟାନନ୍ଦ ସିଂ ୩୦ ଓ ୪୨ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ସେହିପରି ଇରେଙ୍ଗବାମ୍ ରୋହିତ ସିଂ ୧୧, ଆର୍ଯ୍ୟନ ଖେସ୍ ୧୮, ପ୍ରୀତମ୍ ଏକ୍କା ୨୩, ଆକାଶ ଯାଦବ ୨୭, ରିକି ଟୋନଜାମ ୨୯ ଓ ୟୋଜିନ ମିଞ୍ଜ୍ ୪୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ୪-୧ରେ ସାଇ ଏକାଡେମୀ, ଏସଜିପିସି ହକି ଏକାଡେମୀ ଶୁଟ୍‌ଆଉଟ୍ ୪-୩ ଗୋଲରେ ରାଜା କରନ ହକି ଏକାଡେମୀ ଏବଂ ମଧ୍ୟପ୍ରଦେଶ ହକି ଏକାଡେମୀ ୨-୧ ଗୋଲରେ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀକୁ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି।


ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

# ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ହାରିଲା ଭାରତ

**ଗୋଲ୍ଡକୋଷ୍ଟ, ୧୦।୧୦ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚ ଭାରତ ୧୪ରନରେ ହାରିଯାଇଛି। ଏହାଦ୍ୱାରା ଘରୋଇ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଜିତି ନେଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ୧୫୦ ରନର ବିଜୟ ଲକ୍ଷ୍ୟ ପିଛା କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୩୫ ରନ କରିବାରେ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଓପନର ସ୍ମୃତି ମନ୍ଧାନା ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୯ ବଲ୍‌ରୁ ୫୨ ରନ କରିଥିଲେ। ଦ୍ୱିତୀୟ ଉଇକେଟରେ ଜେମିମା ରୋଡ୍ରିଗୁଏଜ୍‌ଙ୍କ ସହ (୨୬ ବଲ୍‌ରୁ ୨୩) ୫୭ ରନ ଯୋଗ କରି ଦଳ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଭ୍ରମଣକାରୀ ଭାରତ ୧୦ରନ ମଧ୍ୟରେ ଏହାର ୪ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଷ୍ଟ୍ରେଲିଆ ପେସ୍ ବୋଲର ନିକୋଲା କାରେ (୨/୪୨) ଦୁଇ ଏବଂ ଆଶଲେ ଗାର୍ଡନର (୧/୨୨), ଆନାବେଲ୍ ସଦରଲାଣ୍ଡ (୧/୧୩) ଓ ଜର୍ଜିଆ ୱାରେହାମ୍ (୧/୧୫) ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ରବିବାରର ଏହି ମ୍ୟାଚ ସହ ଭାରତୀୟ ମହିଳା ଦଳର ଅଷ୍ଟ୍ରେଲିଆ ଟୁର୍ ଶେଷ ହୋଇଛି। ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀ (୬୧)ଙ୍କ ଅର୍ଦ୍ଧଶତକ ଏବଂ ତାହଲିଆ ମ୍ୟାକ୍‌ଗ୍ରାଙ୍କ ଅପରାଜିତ ୪୪ ରନ ସହାୟତାରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୪୯ରନ କରିଥିଲା। ରାଜେଶ୍ୱରୀ ଗାଏକ୍ୱାଡ ୨ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ